ବର୍ଷ-୨୪, ସଂଖ୍ୟା-୧୫୨
ଭୁବନେଶ୍ୱର
୨୯ ଜୁନ, ୨୦୨ ଶନିବାର
ପୃଷ୍ଠା-୦୮, ମୂଲ୍ୟ : ୨ଟଙ୍କା

Vol.-24, Issue No. 152
Bhubaneswar
29 June, 2024, Saturday
Page-08, Rs.: 2.00

# ମହାଭାରତ

RNI Regd. No.: ODIODI2000/03863
Website : www.mahabharataepaper.com

Mahabharat

# ମୁଖ୍ୟ ଶାସନ ସଚିବ ହେଲେ ମନୋଜ ଆହୁଜା

ଭୁବନେଶ୍ୱର,୨୮।୬(ମହାଭାରତ): ବରିଷ୍ଠ ଆଇଏଏସ୍ ମନୋଜ ଆହୁଜା ଓଡ଼ିଶା ସରକାରଙ୍କ ନୂଆ ମୁଖ୍ୟ ଶାସନ ସଚିବ ହୋଇଛନ୍ତି। ମନୋଜ ଆହୁଜାଙ୍କ ନିଯୁକ୍ତି ନେଇ ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ୧୯୯୦ ବ୍ୟାଚର ବରିଷ୍ଠ ଆଇଏଏସ୍ ମନୋଜ ଆହୁଜା ନିକଟରେ କେନ୍ଦ୍ରୀୟ ଡେପୁଟେସନରୁ ଫେରିଥିଲେ।

ମୁଖ୍ୟ ଶାସନ ସଚିବ ଭାବେ ନିଯୁକ୍ତି ପାଇବା ପରେ ମନୋଜ ଆହୁଜା କହିଛନ୍ତି ଯେ ସେ ଓଡ଼ିଶା ଫେରିବାକୁ ନେଇ ଖୁସି ଅଛନ୍ତି। ସେ ସପ୍ତାହକ ଭିତରେ ଓଡ଼ିଶା ଫେରିବେ।

କେନ୍ଦ୍ରୀୟ ଡେପୁଟେସନ୍ରେ ଥିବା ୧୯୯୦ ବ୍ୟାଚ୍ର ଆଇଏଏସ୍ ଅଧିକାରୀ ମନୋଜ ଆହୁଜା ଓଡ଼ିଶା ଫେରିବା ପୂର୍ବରୁ କେନ୍ଦ୍ର କୃଷି ମନ୍ତ୍ରଣାଳୟ ସଚିବ ଭାବେ କାର୍ଯ୍ୟ କରିଛନ୍ତି। ତାଙ୍କୁ ଓଡ଼ିଶା ଫେରାଇ ଆଣିବା ପାଇଁ ରାଜ୍ୟ ସରକାର କରିଥିବା ଅନୁରୋଧକୁ କେନ୍ଦ୍ର ସରକାର ଗ୍ରହଣ କରିଥିଲେ। ଗତ ୨୫ ତାରିଖରେ



କ୍ୟାବିନେଟ୍ର ନିଯୁକ୍ତି ସଂକ୍ରାନ୍ତୀୟ କମିଟି ତାଙ୍କୁ ଓଡ଼ିଶା ଫେରିବା ପାଇଁ ଅନୁମତି ଦେଇଥିଲା। ଏଥିସହିତ ବିଧିବଦ୍ଧ ବିଜ୍ଞପ୍ତି ପ୍ରକାଶ ପାଇଥିଲା।ମନୋଜ ଆହୁଜା ଆସନ୍ତା ଡିସେମ୍ବର ମାସରେ ଅବସର ନେବେ। ଶ୍ରୀ ଆହୁଜାଙ୍କ ପତ୍ନୀ ୧୯୯୦ ବ୍ୟାଚ୍ ଆଇଏଏସ୍ ଅଧିକାରୀ ଆରତୀ ଆହୁଜା କେନ୍ଦ୍ରୀୟ ଡେପୁଟେସନରେ ଥିଲାବେଳେ ଗତ ଫେବ୍ରୁଆରି ମାସରେ ଅବସର ନେଇସାରିଛନ୍ତି। ବର୍ତ୍ତମାନର ମୁଖ୍ୟଶାସନ ସଚିବ ପ୍ରଦୀପ କୁମାର ଜେନା ଆସନ୍ତା ୩୦ ତାରିଖରେ ଅବସର ନେଉଛନ୍ତି।

ନୂଆ ମୁଖ୍ୟ ଶାସନ ସଚିବ ନିଯୁକ୍ତି ଶେଷ ହୋଇଯାଇଥିବାରୁ ଏବେ ରାଜ୍ୟରେ ପ୍ରଶାସନିକ କ୍ଷେତ୍ରରେ ବଡ଼ ଧରଣର ଅଦଳବଦଳ ହେବା ଏକ ପ୍ରକାର ନିଶ୍ଚିତ। ଏମିତିକି ଉନ୍ନୟନ କମିଶନରଙ୍କଠୁ ଆରମ୍ଭ କରି ସମସ୍ତ ବିଭାଗର ସଚିବଙ୍କୁ ମଧ୍ୟ ନୂଆ ଦାୟିତ୍ୱ ମିଳିପାରେ।

କେନ୍ଦ୍ରୀୟ ଡେପୁଟେସନରେ ଥିବା ମନୋଜ ଆହୁଜାଙ୍କୁ ଓଡ଼ିଶା ଫେରାଇବା ପାଇଁ ରାଜ୍ୟର ପ୍ରଥମ ବିଜେପି ସରକାର କେନ୍ଦ୍ର ସରକାରଙ୍କୁ ଅନୁରୋଧ କରିଥିଲେ। କେନ୍ଦ୍ର ସରକାର ଶ୍ରୀ ଆହୁଜାଙ୍କ ଗୃହ କ୍ୟାଡରକୁ ଫେରିଯିବାକୁ ଅନୁମତି ଦେଇଥିଲେ। ତେଣୁ ଆଶା କରାଯାଉଥିଲା ତାଙ୍କୁ ମୁଖ୍ୟ ଶାସନ ସଚିବ କରିବା ପାଇଁ ରାଜ୍ୟ ସରକାର ମନସ୍ଥ କରିଛନ୍ତି।

# ୩ ଦିନ ଯାଏଁ ପ୍ରବଳ ବର୍ଷା ସମ୍ଭାବନା


## ସମୁଦ୍ର ଭିତରକୁ ନ ଯିବାକୁ ମତ୍ସ୍ୟଜୀବୀଙ୍କୁ ପରାମର୍ଶ

ଭୁବନେଶ୍ୱ,୨୮।୬(ମହାଭାରତ): ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ଘୂର୍ଣ୍ଣିବଳୟ ଆଜି ଉତ୍ତର-ପଶ୍ଚିମ ଓ ସଂଲଗ୍ନ ପଶ୍ଚିମ-କେନ୍ଦ୍ରୀୟ ଅଞ୍ଚଳରେ ଅବସ୍ଥିତ ରହିଛି। ଏହାର ପ୍ରଭାବରେ ଗୁରୁବାର ଦିନଠାରୁ ସାରା ଓଡ଼ିଶାରେ ବର୍ଷା ଲାଗିରହିଛି। ଦକ୍ଷିଣ ଓଡ଼ିଶାର ଗୋଟିଏ ଦୁଇଟି ସ୍ଥାନରେ ପ୍ରବଳରୁ ଅତିପ୍ରବଳ ବର୍ଷା ହୋଇଛି। ବାକି ଅଞ୍ଚଳରେ ସ୍ୱଳ୍ପରୁ ମଧ୍ୟମଧରଣର ବର୍ଷା ଲାଗିରହିଛି। ଆସନ୍ତା ୩ ଦିନ ପର୍ଯ୍ୟନ୍ତ ଏଭଳି ପାଗ ଲାଗି ରହିବ ବୋଲି ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ଆକଳନ କରାଯାଇଛି। ଭୁବନେଶ୍ୱର ପାଣିପାଗ ବିଜ୍ଞାନ କେନ୍ଦ୍ର ଆସନ୍ତା ୨୪ ଘଂଟାରେ କିଛି ଜିଲ୍ଲାରେ ପବଳରୁ ଅତି ପ୍ରବଳ ବର୍ଷା ହେବା ନେଇ ପୂର୍ବାନୁମାନ କରିଛି। ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ରର ନିର୍ଦ୍ଦେଶିକା ମନୋରମା ମହାପାତ୍ର କହିଛନ୍ତି, ଲଘୁଚାପ ପ୍ରଭାବରେ କିଛି ଦିନ ସମୁଦ୍ର ଅଶାନ୍ତ ରହିବୟ ତେଣୁ ଆଗାମୀ ତିନି ଦିନ ଯାଏ ସମୁଦ୍ର ମଧକୁ ନଯିବାକୁ ମତ୍ସ୍ୟଜୀବୀମାନଙ୍କୁ ପରାମର୍ଶ ଦିଆଯାଇଛି। ଗତ ୨୪ ଘଂଟାରେ ୭ ସହରରେ ପ୍ରବଳ ବର୍ଷା ହୋଇଛି । କୋରାପୁଟ ଜୟପୁରରେ ୧୧୬ ମିଲିମିଲିଟର ବର୍ଷା ହୋଇଥିବା ନେଇ ସେ ସୂଚନା ଦେଇଛନ୍ତି।

ଆସନ୍ତା ୨୯ ଓ ୩୦ ତାରିଖରେ ସୁନ୍ଦରଗଡ଼, ଝାରସୁଗୁଡ଼ା, ବରଗଡ଼, କେନ୍ଦୁଝର ଓ ଦେବଗଡ଼ ଜିଲ୍ଲାର ଗୋଟିଏ ଦୁଇଟି ସ୍ଥାନରେ ପ୍ରବଳ ବର୍ଷା ହେବା ନେଇ ପୂର୍ବାନୁମାନ କରାଯାଇଛି। ୨୮ରୁ ୩୦ ତାରିଖ ମଧ୍ୟରେ ଉପକୂଳ ଓଡ଼ିଶାର ସମସ୍ତ ଜିଲ୍ଲା ସମେତ ସଂଲଗ୍ନ ଜିଲ୍ଲାଗୁଡ଼ିକରେ କାଳବୈଶାଖୀ ପ୍ରଭାବ ଲାଗିରହିବ। ବିଜୁଳି, ଘଡ଼ଘଡ଼ି ସହ ବର୍ଷା ହେବୟ ସ୍ଥାନେ ସ୍ଥାନେ ଘଣ୍ଟାପ୍ରତି ୩୦ରୁ ୪୦ କିମି ବେଗରେ ପବନ ବହିପାରେ।

# ବିକଶିତ ଓଡିଶା ଗଠନ ଦିଗରେ କେନ୍ଦ୍ର ସହଯୋଗ କରିବ

**ଭୁବନେଶ୍ୱର,୨୮।୬(ମହାଭାରତ):** ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ନୂଆଦିଲ୍ଲୀଠାରେ ଲୋକସଭା ବାଚସ୍ପତି ଓମ୍ ବିର୍ଲା ଓ ବିଭିନ୍ନ କେନ୍ଦ୍ରମନ୍ତ୍ରୀଙ୍କ ସହ ସାକ୍ଷାତ କରିବା ସହ ଓଡ଼ିଶାର ସାମଗ୍ରିକ ବିକାଶ ଦିଗରେ ଆଲୋଚନା କରିଛନ୍ତି। ଏହି ଅବସରରେ ଓଡିଶାର ସମସ୍ତ ସାଂସଦ ମାନଙ୍କୁ ସାକ୍ଷାତ କରିଛନ୍ତି।



ଏହା ପରେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଖୁସି ପ୍ରକାଶ କରି କହିଛନ୍ତି ଯେ ଓଡ଼ିଶାର ବିକାଶ ପାଇଁ କେନ୍ଦ୍ର ସରକାରଙ୍କ ସହଯୋଗ ଏକ ନୂଆ ଅଧ୍ୟାୟ ସୃଷ୍ଟି କରିବ। ଏକ ନୂଆ ଓଡ଼ିଶା, ଏକ ବିକଶିତ ଓଡିଶା ଗଠନ ଦିଗରେ କେନ୍ଦ୍ରର ସହଯୋଗ ଖୁବ୍ ସହାୟକ ହେବ ବୋଲି ସେ କହିଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ଏହି ଗସ୍ତ ଓଡ଼ିଶାର ତ୍ୱରିତ ବିକାଶ ଦିଗରେ ଅତ୍ୟନ୍ତ ମହତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ। ବିକାଶ କ୍ଷେତ୍ରରେ କେନ୍ଦ୍ର ଓ ରାଜ୍ୟ ମଧ୍ୟରେ ସହଯୋଗ ଓ ସହଭାଗିତା ବୃଦ୍ଧି ପାଇବାର ସମ୍ଭାବନା ଉଜ୍ଜଳ ହୋଇଛି।

ମୁଖ୍ୟମନ୍ତ୍ରୀ ଆଜି କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ଭେଟି ଶିକ୍ଷା କ୍ଷେତ୍ରରେ ସଂସ୍କାର ଓ ଶିକ୍ଷାର ବିକାଶ ପାଇଁ କେନ୍ଦ୍ର ସରକାରଙ୍କ ସହଯୋଗ କାମନା କରିବା ସହ ଓଡିଶାକୁ ଶିକ୍ଷା କ୍ଷେତ୍ରରେ ଉତ୍କର୍ଷର କେନ୍ଦ୍ର ରୂପେ ବିକଶିତ କରିବା ଦିଗରେ ସହଯୋଗ ପାଇଁ ଅନୁରୋଧ କରିଥିଲେ।

କେନ୍ଦ୍ର ଆଦିବାସୀ ବ୍ୟାପାର ମନ୍ତ୍ରୀ ଜୁଏଲ ଓରାମଙ୍କୁ ଭେଟି ଓଡ଼ିଶାର ଜନଜାତିଙ୍କ ଉନ୍ନତି ଓ ପ୍ରଗତି ପାଇଁ ସହଯୋଗ କାମନା କରିଥିଲେ। ଜନଜାତିଙ୍କ ଦୀର୍ଘଦିନର ମୌଳିକ ସମସ୍ୟା ଓ ସେଗୁଡିକର ଆଶୁ ସମାଧାନ ଦିଗରେ ଓଡିଶା ସରକାର ବଦ୍ଧ ପରିକର ଥିବା ମୁଖ୍ୟମନ୍ତ୍ରୀ ପ୍ରକାଶ କରିଥିଲେ। ଜନଜାତିଙ୍କ ସର୍ବାଙ୍ଗୀନ ବିକାଶ ଦିଗରେ କେନ୍ଦ୍ର ସହ ସହଯୋଗ ଭିତିରେ ଓଡିଶା ସରକାର ଜନହିତକର କାର୍ଯ୍ୟ ଜାରି ରଖିବେ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ।

ଏହାପରେ ସେ କେନ୍ଦ୍ର ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କୁ ଭେଟି ଓଡ଼ିଶାରେ ରେଳ ପଥ ସମ୍ପ୍ରସାରଣ ଓ ଅଧିକ ଅପହଞ୍ଚ ସ୍ଥାନକୁ ରେଳ ସଂଯୋଗ କରିବା ପାଇଁ ପ୍ରସ୍ତାବ ରଖିଥିଲେ। ରଥ ଯାତ୍ରା ଅବସରରେ ଓଡ଼ିଶାକୁ ସ୍ୱତନ୍ତ୍ର ଟ୍ରେନ ର ବ୍ୟବସ୍ଥା ସଂପର୍କରେ ମଧ୍ୟ ଆଲୋଚନା ହୋଇଥିଲା। ରେଳ ମନ୍ତ୍ରୀଙ୍କ ସହିତ ଆଲୋଚନା ସମୟରେ ଏ ବର୍ଷ ରଥ ଯାତ୍ରାକୁ ୩୧୫ ଟି ସ୍ୱତନ୍ତ୍ର ଟ୍ରେନ ର ବ୍ୟବସ୍ଥା କରାଯିବ ବୋଲି ନିଷ୍ପତି କରାଯାଇଥିଲା । ଏହା ଗତ ବର୍ଷ ଠାରୁ ବହୁତ୍ ଅଧିକ ଏବଂ ଏହା ଦେଶର ପ୍ରାୟ ସବୁ ଅଞ୍ଚଳକୁ ସଂଯୋଗ କରିବ। ଏହା ସହିତ ୧୫ ହଜାର ଲୋକଙ୍କ ପାଇଁ ରହିବାର ବ୍ୟବସ୍ଥା ମଧ୍ୟ କରାଯିବ।

ସେହିପରି ଲୋକସଭା ବାଚସ୍ପତି ଓମ୍ ବିର୍ଲା, କେନ୍ଦ୍ର ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ, କେନ୍ଦ୍ର ଗୃହ ମନ୍ତ୍ରୀ ଅମିତ ଶାହ, କେନ୍ଦ୍ର ସଂସ୍କୃତି ଓ ପର୍ଯ୍ୟଟନ ମନ୍ତ୍ରୀ ଗଜେନ୍ଦ୍ର ସିଂ ଶେଖାୱତ, କେନ୍ଦ୍ର ବାଣିଜ୍ୟ ଓ ଶିଳ୍ପ ଉଦ୍ୟୋଗ ମନ୍ତ୍ରୀ ପୀୟୂଷ ଗୋୟଲ୍ ଓ କେନ୍ଦ୍ର ଜଙ୍ଗଲ,ପରିବେଶ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରୀ ଭୁପିନ୍ଦର ସିଂ ଯାଦବଙ୍କୁ ସାକ୍ଷାତ କରି ଓଡ଼ିଶାର ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ବିଷୟ ଗୁଡ଼ିକୁ ଉପସ୍ଥାପନ କରିବା ସହ ସଶକ୍ତ ଓ ପ୍ରଗତିଶୀଳ ଓଡିଶା ଗଠନ ଦିଗରେ ଆନ୍ତରିକ ସହଯୋଗ କାମନା କରିଥିଲେ। ସବୁ କେନ୍ଦ୍ର ମନ୍ତ୍ରୀ ଗଣ ଓଡ଼ିଶାକୁ ଅଧିକ ସାହାଯ୍ୟ ସହଯୋଗ ଯୋଗାଇ ଦେବେ ବୋଲି ମୁଖ୍ୟମନ୍ତ୍ରୀଙ୍କୁ ପ୍ରତିଶ୍ରୁତି ଦେଇଥିଲେ।

# ବୁଡ଼ାଇଲା, ଭସାଇଲା: ୮୮ ବର୍ଷର ରେକର୍ଡ ଭାଙ୍ଗିଲା

ନୂଆଦିଲ୍ଲୀ, ୨୮।୬: ଗୁରୁବାର ଠାରୁ ଦିଲ୍ଲୀ-ଏନସିଆରରେ ଆରମ୍ଭ ହୋଇଥିବା ଅବିଶ୍ରାନ୍ତ ବର୍ଷା ରାଜଧାନୀରେ ଭୟଙ୍କର ସ୍ଥିତି ସୃଷ୍ଟି କରିଛି। କୃତ୍ରିମ ବନ୍ୟାରେ ଉବୁଟୁବୁ ହୋଇଛି ଦିଲ୍ଲୀ। ସାଂସଦ ଓ ମନ୍ତ୍ରୀଙ୍କ ଘରେ ପଶିଛି ପାଣି। ଲଗାଣ ବର୍ଷା ଯୋଗୁ ରାସ୍ତାରେ ପାଣି ସୁଅ ମାରିଛି। ଟ୍ରାଫିକ ଜାମ ସାଂଘାତିକ ସ୍ଥିତି ସୃଷ୍ଟି କରିଛି। କେବଳ ତଳିଆ। ଅଞ୍ଚଳ ନୁହେଁ, ଗୁରୁତ୍ୱପୂର୍ଣ୍ଣ ରାସ୍ତା ଗୁଡ଼ିକରେ ପାଣି ଜମି ରହିବାରୁ ସାଧାରଣ ଲୋକ ହନ୍ତସନ୍ତ ହୋଇଛନ୍ତି।

ଦିଲ୍ଲୀକୁ ବୁଡ଼ାଇଥିବା ଓ ଭସାଇଥିବା ଲଗାଣ ବର୍ଷା ୮୮ ବର୍ଷର ରେକର୍ଡ ଭାଙ୍ଗିଛି। ଭାରତୀୟ



ପାଣିପାଗ ବିଭାଗର ସୂଚନା ଅନୁଯାୟୀ, ଗୁରୁବାର ସକାଳ ୮.୩୦ରୁ ଶୁକ୍ରବାର ସକାଳ ୮.୩୦ ଅର୍ଥାତ ୨୪ ଘଣ୍ଟା ମଧ୍ୟରେ ଦିଲ୍ଲୀରେ ୨୨୮ ମିମି ବର୍ଷା ରେକର୍ଡ କରାଯାଇଛି।୧୯୩୬ ପରେ ଦିଲ୍ଲୀରେ କେବେ ବି ଏଭଳି ସ୍ଥିତି ଦେଖିବାକୁ ମିଳି ନଥିଲା। ୧୯୩୬ ମସିହା ଜୁନ ମାସରେ ଦିଲ୍ଲୀରେ ସର୍ବାଧିକ ୨୩୫.୫ ମିମି ବର୍ଷା ରେକର୍ଡ କରାଯାଇଥିଲା। ଜୁନ ମାସରେ ସାଧାରଣତଃ ଦିଲ୍ଲୀରେ ୮୦.୬ ମିମି ବର୍ଷା ହୋଇଥାଏୟ କିନ୍ତୁ ୨୪ ଘଣ୍ଟାରେ ୨୨୮ ମିମି ବର୍ଷା ହୋଇଛି। ଲଗାଣ ବର୍ଷା ଦିଲ୍ଲୀ-ଏନସିଆରବାସୀଙ୍କୁ ଗଭୀର ଭାବେ ପ୍ରଭାବିତ କରିଛି। ସାଧାରଣ ଲୋକମାନେ ପାଣି ଜମି ରହିବା ସମସ୍ୟା ସହ ଭୟଙ୍କର ଟ୍ରାଫିକ ଜାମରେ ପଡ଼ିଥିଲେ। ଅନ୍ୟପକ୍ଷରେ ଦିଲ୍ଲୀବାସୀ ଦୀର୍ଘ ୨ ମାସ ହେଲା ଭୋଗୁଥିବା ଅସହ୍ୟ ଗ୍ରୀଷ୍ମ ପ୍ରବାହରୁ ଲଗାଣ ବର୍ଷା ଯୋଗୁ ଆଶ୍ୱସ୍ତି ପାଇଛନ୍ତି। ଦିଲ୍ଲୀରେ ଆଜି ତାପମାତ୍ରା ୨୪.୭ ଡିଗ୍ରୀ ରେକର୍ଡ କରାଯାଇଛି, ଯାହା ସ୍ୱାଭାବିକ ତାପମାତ୍ରା ଠାରୁ ୩.୨ ଡିଗ୍ରୀ କମ।

# ହେମନ୍ତ ସୋରେନଙ୍କୁ ଜାମିନ

ନୂଆଦିଲ୍ଲୀ, ୨୮।୬(ମହାଭାରତ): ଝାଡ଼ଖଣ୍ଡ ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ଝାଡଖଣ୍ଡ ମୁକ୍ତି ମୋର୍ଚ୍ଚା(ଜେଏମଏ) ନେତା ହେମନ୍ତ ସୋରେନଙ୍କୁ କୋର୍ଟରୁ ମିଳିଲା ଆଶ୍ୱସ୍ତି। ଜମି ଦୁର୍ନୀତି ମାମଲାରେ ଜାମିନ ପାଇଛନ୍ତି ସୋରେନ। ଏହି ମାମଲାରେ ଆଜି ହାଇକୋର୍ଟ ତାଙ୍କୁ ଜାମିନ ପ୍ରଦାନ କରିଛନ୍ତି। ଜାନୁଆରୀ ୩୧ରେ ଅର୍ଥ ହେରଫେର ମାମଲାରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ ତାଙ୍କୁ ଗିରଫ କରିଥିଲା। କୋର୍ଟରେ ଯୁକ୍ତି ବାଢିବା ସମୟରେ, ସୋରେନ୍ ରାଞ୍ଚିରେ ବେଆଇନ ଭାବେ ୮.୮୬ ଏକର ଜମି ହଡ଼ପ କରିଥିବା ଅଭିଯୋଗ କରିଥିଲା ଇଡି। ସେ ଜମି ଜାଲିଆତି ପାଇଁ ତାଙ୍କ ପଦବୀର ଦୂରୁପୋଯଗ କରିଥିବା ଅଭିଯୋଗ ଇଡି କହିଥିଲା। ଇଡି ଅଭିଯୋଗକୁ ଖଣ୍ଡନ କରି, ସୋରେନଙ୍କ ଗିରଫଦାରୀ ରାଜନୈତିକ ଉଦ୍ଦେଶ୍ୟ ପ୍ରଣୋଦିତ ଓ ମିଥ୍ୟା ମାମଲାରେ କରାଯାଇଛି ବୋଲି ହେମନ୍ତ ସୋରେନଙ୍କ ଓକିଲ କହିଥିଲେ। ଉଭୟ ପକ୍ଷଙ୍କୁ ଶୁଣିବା ପରେ ହାଇକୋର୍ଟ ସୋରେନଙ୍କୁ ବେଲ୍ ପ୍ରଦାନ କରିଛନ୍ତି।






ଫାଇନାଲ ପୂର୍ବରୁ ଟ୍ରଫି ସହ ଭାରତ-ଦକ୍ଷିଣ ଆଫ୍ରିକା ଦଳର ଅଧିନାୟକ।

# ଆଇପିଏସ ଆଶିଷ ସିଂ ଜୁନ ୩ରୁ କାର୍ଯ୍ୟରେ ଯୋଗ ଦେଇଛନ୍ତି : ପୁଲିସ ଡିଜି

ଭୁବନେଶ୍ୱର,୨୮।୬(ମହାଭାରତ): ଆଇପିଏସ ଆଶିଷ ସିଂ ଙ୍କୁ ନେଇ ମୁହଁ ଖୋଲିଲେ ପୁଲିସ ଡିଜି ଅରୁଣ ଷଡ଼ଙ୍ଗୀ। ସେ କହିଛନ୍ତି, ଆଶିଷ ଗତ ଜୁନ ୩ ତାରିଖ ଠାରୁ କାର୍ଯ୍ୟରେ ଯୋଗଦାନ କରିଛନ୍ତି। ଏମିତିକି ଗତ ୧୭ ତାରିଖରେ ପୁଲିସ ଡିଜି କ୍ୟାମ୍ପ ଅଫିସରେ ଚାଲିଥିବା ଆଇନ୍ ସଂଶୋଧନ ବୈଠକରେ ମଧ୍ୟ ଯୋଗ ଦେଇଥିଲେ। ସେ ତାଙ୍କର ଡ୍ୟୁଟି ଯୋଗଦାନ ରିପୋର୍ଟ ଏସଆଇଡବ୍ଲୁରେ ଦେଇଛନ୍ତି। ସମନ୍ୱୟ ଅଭାବରୁ ଚିଠିଟି ହୁଏତ ଗୃହ ବିଭାଗକୁ ଯାଇପାରି ନାହିଁ। ଏବେ ଗୃହ ବିଭାଗକୁ ଏ ନେଇ ଅବଗତ କରାଇ ଦିଆଯାଇଛି। ସୂଚନାଯୋଗ୍ୟ, ନିର୍ବାଚନ ପ୍ରକ୍ରିୟା ଆରମ୍ଭ ହେଲା ପରେ ଆଶିଷ ସିଂହ ବିବାଦରେ ରହିଆସିଛନ୍ତିୟ ସେ ସିଧାସଳଖ ଶାସକ ଦଳ ପାଇଁ କାମ କରୁଥିବାର ଅଭିଯୋଗ ରହିଥିଲା। ଏହାପରେ ନିର୍ବାଚନ କମିସନଙ୍କ ନିକଟରେ ମାମଲା ପହଞ୍ଚିଥିଲା। ଫଳରେ ନିର୍ବାଚନ କମିସନଙ୍କ ନିର୍ଦ୍ଦେଶକ୍ରମେ ତାଙ୍କୁ କେନ୍ଦ୍ରାଞ୍ଚଳ ଆଇଜି ପଦରୁ ହଟାଯାଇଥିଲା । ତାଙ୍କୁ ନିର୍ବାଚନ ସଂକ୍ରାନ୍ତୀୟ ଦାୟିତ୍ୱ ନଦେବା ପାଇଁ କମିସନ କହିଥିଲେ। ଏହାପରେ ଆଶିଷ ସିଂହ ମୁଖ୍ୟମନ୍ତ୍ରୀଙ୍କ ସୁରକ୍ଷା ଦାୟିତ୍ୱରେ ରହିଥିଲେ ।ତେବେ ମେ' ୪ ତାରିଖରୁ ସ୍ୱାସ୍ଥ୍ୟଗତ କାରଣରୁ ସେ ମାସେ ଛୁଟିରେ ଯାଇଥିଲେ। ଛୁଟିରେ ରହି ସେ ବିଜେଡି ପାଇଁ କାମ କରୁଥିବାର ଅଭିଯୋଗ ପୁଣି କମିସନଙ୍କ ନିକଟରେ ପହଞ୍ଚିଥିଲା। ଏହା ପରେ କମିସନଙ୍କ ନିର୍ଦ୍ଦେଶ ଅନୁଯାୟୀ ଭୁବନେଶ୍ୱର ଏମ୍ସରେ ଏକ ୬ ଜଣିଆ ଡାକ୍ତରୀ ଦଳ ତାଙ୍କର ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ସେ ସମ୍ପୂର୍ଣ୍ଣ ସୁସ୍ଥ ଥିବା ନେଇ ଏହି ଟିମ୍ ରିପୋର୍ଟ ଦେଇଥିଲେ। କମିସନ ଏହି ରିପୋର୍ଟକୁ ମୁଖ୍ୟ ଶାସନ ସଚିବଙ୍କ ନିକଟକୁ ପଠାଇବା ସହ ଶ୍ରୀ ସିଂହଙ୍କ ବିରୋଧରେ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ପାଇଁ ସୁପାରିସ୍ କରିଥିଲେ। କିନ୍ତୁ ଏହାପରେ ବି ଆଇପିଏସ୍ ଆଶିଷ ସିଂହଙ୍କ ବିରୋଧରେ କିଛି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନି।



# ଅଧିକାରୀଙ୍କୁ କୃଷି ସଚିବଙ୍କ ତାଗିଦ୍

**ଭୁବନେଶ୍ୱର,୨୮।୬(ମହାଭାରତ):** ଅଧିକାରୀଙ୍କ ବଦଳି ସମ୍ପର୍କିତ ଅଭିଯୋଗ ନେଇ ଅନେକ ଅଧିକାରୀ ରାଜ୍ୟ ମୁଖ୍ୟାଳୟକୁ ବାରମ୍ବାର ଆସୁଥିବା ବିଭାଗର ଦୃଷ୍ଟିଗୋଚର ହେଉଛି । ପୂର୍ବରୁ ଏ ସଂକ୍ରାନ୍ତରେ କୃଷି ଓ କୃଷକ ସଶକ୍ତିକରଣ ବିଭାଗ ତରଫରୁ ପ୍ରମୁଖ ଶାସନ ସଚିବ ଡ. ଅରବିନ୍ଦ ପାଢୀ ସ୍ପଷ୍ଟ ନିର୍ଦ୍ଦେଶ ଦେଇଥିଲେ କି ବିଭିନ୍ନ ଜିଲ୍ଲା ବା କ୍ଷେତ୍ର ଅଧିକାରୀମାନେ କୌଣସି ଅଭିଯୋଗ/ ନିବେଦନ ପାଇଁ ସେମାନଙ୍କର ନିର୍ଦ୍ଧାରିତ ମୁଖ୍ୟାଳୟ ଛାଡିବା ପୂର୍ବରୁ ଉଚ୍ଚ କର୍ତୃପକ୍ଷଙ୍କ ଠାରୁ ନିଶ୍ଚିତ ରୂପେ ଅନୁମତି ପତ୍ର ନେଇ ଆସିବେ।ସେହିପରି ଯେ କୌଣସି ଅଭିଯୋଗ ପତ୍ର ବିଭାଗୀୟ ଇ-ମେଲ ଅଥବା ଉପଯୁକ୍ତ ଚ୍ୟାନେଲ୍ ମାଧ୍ୟମରେ ପଠାଇଲେ ତାହା ବ୍ୟକ୍ତିଗତ ଯୋଗ୍ୟତା ଏବଂ ସରକାରୀ ନୀତି ଆଧାରରେ ସମାଧାନ କରାଯାଇ ପାରିବ। ବିଭାଗ ପ୍ରତି ସୋମବାର ଅଭିଯୋଗ ପ୍ରକୋଷ୍ଠ ଆୟୋଜନ କରିଥାଏ ଏବଂ କୃଷକଙ୍କ ସମେତ ଅଧିକାରୀ ଓ ଅଣଅଧିକାରୀମାନେ ସମସ୍ୟାର ସମାଧାନ ପାଇଁ ଗସ୍ତ କରି ସେମାନଙ୍କ ସମସ୍ୟାର ତ୍ୱରିତ ସମାଧାନ କରିଥାନ୍ତି । ପ୍ରମୁଖ ଶାସନ ସଚିବ ଡ. ପାଢୀ କହିଛନ୍ତି ଯେ ଆମେ ଏକ ପ୍ରଭାବଶାଳୀ ଢଙ୍ଗରେ ପ୍ରତ୍ୟେକ ଆବେଦନର ଶୀଘ୍ର ସମାଧାନ ପାଇଁ ଚେଷ୍ଟା କରୁଛୁ ।

# ବିଜେଡି ସାଂସଦଙ୍କ ପ୍ରତିବାଦ

**ନୂଆଦିଲ୍ଲୀ/ଭୁବନେଶ୍ୱର,୨୮।୬(ମହାଭାରତ):** ନିଟ୍ ପ୍ରଶ୍ନ ପତ୍ର ଲିକ୍ ପ୍ରସଙ୍ଗରେ ରାଜ୍ୟସଭାରେ ବିଜେଡି ସାଂସଦମାନେ ପ୍ରତିବାଦ କରିଛନ୍ତି । ବିଜେଡି ସାଂସଦ ଏହି ଗୁରୁତର ପ୍ରସଙ୍ଗରେ ଗୃହରେ ଆଲୋଚନା କରିବାକୁ ଦାବି କରିଥିଲେ। ପ୍ରଥମେ ନିଜ ନିଜ ଆସନରେ ଠିଆ ହୋଇ ପ୍ରତିବାଦ କରିଥିଲେ। ଏଥିପ୍ରତି କର୍ଣ୍ଣପାତ କରାନଯିବାରୁ ଗୃହର ମଧ୍ୟଭାଗକୁ ଆସି ନିଟ୍ ସଂପର୍କରେ ଆଲୋଚନା ପାଇଁ ସେମାନେ ଦାବି କରିଥିଲେ । ଓଡ଼ିଶାର ହଜାର ହଜାର ପିଲାଙ୍କ କ୍ୟାରିୟର ପ୍ରଭାବିତ ହୋଇଥିବା ଅଭିଯୋଗ କରି ଏନଡିଏ ସରକାର ବିରୋଧରେ ବିଜେଡି ସାଂସଦମାନେ ବିକ୍ଷୋଭ କରିଥିବା ସାଂସଦ ସସ୍ମିତ ପାତ୍ର କହିଛନ୍ତି ।

## ପୁଲିସର ମହିଳା ଓ ଶିଶୁଙ୍କ ଉପରେ ଦବଙ୍ଗଗିରି ଘଟଣା

# ୨ ପୁଲିସ କର୍ମଚାରୀଙ୍କୁ ନିଲମ୍ବିତ

ଚାନ୍ଦବାଲି/ଭଦ୍ରକ, ୨୮।୬ (ମହାଭାରତ):ଚାନ୍ଦବାଲି ଥାନା ପୁଲିସର ମହିଳା ଓ ଶିଶୁଙ୍କ ଉପରେ ଦବଙ୍ଗଗିରି ଘଟଣାରେ ୨ ପୁଲିସ କର୍ମଚାରୀଙ୍କୁ ନିଲମ୍ବିତ କରିଛନ୍ତି ଭଦ୍ରକ ଏସପି ବରୁଣ ଗୁଁଠୁପଲ୍ଲୀ।

ଭଦ୍ରକ ଜିଲ୍ଲା ଚାନ୍ଦବାଲି ଥାନା ସମ୍ମୁଖରେ ଗତ ୨୫ ତାରିଖ ସନ୍ଧ୍ୟାରେ ମହିଳାଙ୍କୁ ଘୋଷାଡି ନେଇଥିବା ଜଣେ କନେଷ୍ଟବଳ, ଜଣେ ଏଏସଆଇ ଏବଂ ଜଣେ ହୋମ ଗାର୍ଡ ଡ୍ରାଇଭରଙ୍କୁ ଭଦ୍ରକ ଜିଲ୍ଲା ଏସପି ହେଡକ୍ୱାର୍ଟର୍ସକୁ ବଦଳି କରାଯାଇଥିଲା। ମହିଳା ପୁଲିସ୍ କର୍ମଚାରୀଙ୍କ ବଦଳରେ ପୁରୁଷ ପୁଲିସ୍ କର୍ମଚାରୀ ତାଙ୍କୁ ଘୋଷାଡି ଘୋଷାଡି ନେଉଥିବା ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ପରେ ସାରା ରାଜ୍ୟରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଥିଲା। ଏହି ଘଟଣାରେ ଚାନ୍ଦବାଲି ଥାନାରେ ଦୁଇଟି ମାମଲା ରୁଜୁ ହୋଇଛି। ଦଳିତ ମହିଳା ଜଣଙ୍କ ପୋଲିସ କର୍ମଚାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରିଥିଲା ବେଳେ ଅପରପକ୍ଷରେ କନେଷ୍ଟବଳଙ୍କୁ ଇଟା ପଥର ମାଡ଼ କରିବା ଏବଂ ଅସଭ୍ୟ ଭାଷାରେ ଗାଳି ଗୁଲଜ କରିବା ଘଟଣାରେ ଥାନାରେ ମାମଲା ଏକ ମାମଲା ମଧ୍ୟ ରୁଜୁ ହୋଇଛି।

# ନିଟ୍ ପେପର ଲିକ୍ ନେଇ ସଂସଦରେ ହୋ ହଲ୍ଲା

**ନୂଆଦିଲ୍ଲୀ,୨୮।୬(ମହାଭାରତ):** ନିଟ ପ୍ରସଙ୍ଗରେ ଆଲୋଚନା ପାଇଁ ବିରୋଧୀଙ୍କ ଦାବି ଯୋଗୁଁ ଲୋକସଭାର ପ୍ରକ୍ରିୟା ଆଜି ଦିନ ସ୍ଥଗିତ ରଖାଯାଇଛି। ସରକାର ନିଟ୍ ପ୍ରସଙ୍ଗରେ ଆଲୋଚନା କରନ୍ତୁ ବୋଲି ବିରୋଧୀମାନେ ଚାହୁଁଥିବା ବେଳେ ସଂସଦୀୟ କାର୍ଯ୍ୟମନ୍ତ୍ରୀ କହିଥିଲେ ଯେ, ରାଷ୍ଟ୍ରପତିଙ୍କ ଅଭିଭାଷଣ ପରେ କେବଳ ଧନ୍ୟବାଦ ପ୍ରସ୍ତାବ ଉପରେ ହିଁ ଚର୍ଚ୍ଚା ହୋଇଥାଏ।

ଲୋକସଭା କାର୍ଯ୍ୟ ଦୁଇଥର ସ୍ଥଗିତ ହୋଇଥିଲା। କାର୍ଯ୍ୟ ଆରମ୍ଭରେ ବିରୋଧୀ ଦଳ ନେତା ରାହୁଲ ଗାନ୍ଧି ନିଟ ପ୍ରସଙ୍ଗରେ ନିଜ କଥା ରଖିବାକୁ ଦାବି କରିଥିଲେ । ଏହାଯୋଗୁ କାର୍ଯ୍ୟ ୧୨ଟା ଯାଏ ସ୍ଥଗିତ ରଖାଯାଇଥିଲା । ୧୨ଟାରେ ପୁଣି ଥରେ ଗୃହ କାର୍ଯ୍ୟ ଆରମ୍ଭ ହେବା ମାତ୍ରେ ବିରୋଧୀ ପୁଣି ଥରେ ଏହି ପ୍ରସଙ୍ଗ ଉଠାଇଥିଲେ। ଫଳରେ ଗୃହକୁ ସୋମବାର ପର୍ଯ୍ୟନ୍ତ ମୁଲତବୀ ଘୋଷଣା କରିଥିଲେ ବାଚସ୍ପତି।

ଆଜି ଗୃହ କାର୍ଯ୍ୟ ଆରମ୍ଭ ହେବାର କ୍ଷଣି କଂଗ୍ରେସ ସାଂସଦ କେସି ଭେନୁଗୋପାଲ ଗୋଟିଏ ମୁଲତବୀ ନୋଟିସ୍ ଦେଇ ପେପର ଲିକ୍ ଉପରେ ଆଲୋଚନା କରିବାକୁ ପ୍ରସ୍ତାବ ଦେଇଥିଲେ। ତେବେ



ବାଚସ୍ପତି ଓମ ବିର୍ଲା ଏହାକୁ ଗ୍ରହଣ କରି ନଥିଲେ। ସେ ରାଷ୍ଟ୍ରପତିଙ୍କ ଅଭିଭାଷଣ ଉପରେ ହିଁ ଆଲୋଚନା ହେବ ବୋଲି କହିଥିଲେ। ଏହାକୁ ନେଇ ହଙ୍ଗାମା ହେବାରୁ ଗୃହକୁ ଜୁଲାଇ ୧ ଯାଏ ମୁଲତବୀ କରି ଦିଆଯାଇଛି। ଅନ୍ୟପକ୍ଷରେ ରାଜ୍ୟସଭାରେ କଂଗ୍ରେସ ବସ୍ ମଲ୍ଲିକାର୍ଜୁନ ଖଡଗେଙ୍କ ସହ ମଧ୍ୟ ସମାନ ଘଟଣା ଘଟିଛି।ସେ ନିଟ୍ ପ୍ରସଙ୍ଗ ଉଠାଇବାରୁ ତାଙ୍କ ମାଇକ ବନ୍ଦ କରି ଦିଆଯାଇଥିବା କଂଗ୍ରେସ ଅଭିଯୋଗ କରିଛି।

ସଂସଦରେ ବିରୋଧୀ ସାଂସଦଙ୍କ ନିଟ୍ ପ୍ରସଙ୍ଗ ଉପରେ ବିରୋଧ ପ୍ରଦର୍ଶନ ଉପରେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି ଯେ, ସରକାର ନିଟ୍ ଉପରେ ଚର୍ଚ୍ଚା ପାଇଁ ପ୍ରସ୍ତୁତ ଅଛନ୍ତି କିନ୍ତୁ ସବୁ କିଛି ପରମ୍ପରା ଓ ମର୍ଯ୍ୟାଦା ଭିତରେ ହେବା ଉଚିତ ।ପ୍ରଧାନ ସଂସଦ ପରିସରରେ ସାମ୍ବାଦିକଙ୍କ ସହ ଆଲୋଚନାରେ କହିଛନ୍ତି ଯେ, ଯେତେବେଳେ କାଲି ରାଷ୍ଟ୍ରପତି ସ୍ୱୟଂ ନିଜ ଭାଷଣରେ ପରୀକ୍ଷା ସଂପର୍କରେ କହିଛନ୍ତି ସେଥିରୁ ସରକାରଙ୍କ ଉଦ୍ଦେଶ୍ୟ ଜଣାପଡୁଛି ଯେ, ଆମେ କୌଣସି ବି ପ୍ରସଙ୍ଗର ସାମ୍ନାକୁ କରିବାକୁ ପ୍ରସ୍ତୁତ ଅଛୁ । ସେ କହିଛନ୍ତି ଯେ, ସରକାରଙ୍କ ଦାୟିତ୍ୱ ଦେଶର ଯୁବକ ଓ ଦେଶର ଛାତ୍ରଙ୍କ ପ୍ରତି ରହିଛି । ସରକାର ନିଜ ପକ୍ଷ ରଖିବା ପାଇଁ ପ୍ରସ୍ତୁତ ଅଛି, ତାପରେ ଭ୍ରମ କଣ ରହିଛି ?ସେ କହିଛନ୍ତି ଯେ, ନିଟ ମାମଲାରେ ଦୋଷୀଙ୍କୁ କଡା କାର୍ଯ୍ୟାନୁଷ୍ଠାନ ଦିଆଯିବ । ସିବିଆଇ ତଦନ୍ତ ଆରମ୍ଭ କରିଛି । କାହାକୁ ଛଡାଯିବ ନାହିଁ । ସିବିଆଇ ନିଟ ପେପର ଲିକ ସହିତ ଜଡିତ ଅଭିଯୁକ୍ତଙ୍କ ଗିରଫଦାରି ବି ଆରମ୍ଭ କରିଦେଇଛି । ସରକାର କାହାକୁ ଛାଡିବେ ନାହିଁ ।

## କଖାରୁ ପତ୍ର ଚିଙ୍ଗୁଡ଼ି ପିଠଉ



ଆବଶ୍ୟକ ସାମଗ୍ରୀ : ଚିଙ୍ଗୁଡ଼ି ଭଜା, କଖାରୁ ପତ୍ର, କଟା ପିଆଜ, ରସୁଣ, କଞ୍ଚାଲଙ୍କା, ଲୁଣ, ତେଲ ଏବଂ ଚାଉଳରେ ଜିରା, ହଳଦୀ, ଧନିଆ।, ଲୁଣ ଓ ଲଙ୍କାଗୁଣ୍ଡା ମିଶା ପିଠଉ।

ପ୍ରସ୍ତୁତି ପ୍ରଣାଳୀ: ପ୍ରଥମେ ଚିଙ୍ଗୁଡ଼ି ମାଛରେ ଲୁଣ ଓ ହଳଦୀ ମିଶାଇ ଭାଜି ଦିଅନ୍ତୁ। ଚାଉଳକୁ ବାଟି ସେଥିରେ ଲୁଣ, ଲଙ୍କାଗୁଣ୍ଡ, ହଳଦୀ ଗୁଣ୍ଡ, ଧନିଆ ଗୁଣ୍ଡ ମିଶାଇ ପିଠଉ ପ୍ରସ୍ତୁତ କରି ରଖନ୍ତୁ। ଏହାପରେ ଭଜା ଚିଙ୍ଗୁଡ଼ି ମାଛରେ ରସୁଣ, କଟା ପିଆଜ ଓ କଞ୍ଚାଲଙ୍କା ପକାଇ ଭଲ ଭବାରେ ଛେଚି ଦିଅନ୍ତୁ। କଖାରୁ ପତ୍ରରେ ଚିଙ୍ଗୁଡ଼ି ଛେଚା ରଖି ତାକୁ ଭଲ ଭାବରେ ଗୁଡ଼ାଇ କାଠି ଦ୍ୱାରା ଗୁନ୍ଥି ରଖନ୍ତୁ। ଗ୍ୟାସ୍ ଲଗାଇ ତାୱାରେ ତେଲ ଗରମ କରନ୍ତୁ। ଏହାପରେ ଚିଙ୍ଗୁଡ଼ି ପୁରଦିଆ କଖାରୁ ପତ୍ରକୁ ଚାଉଳ ପିଠଉରେ ବୁଡ଼ାଇ ସେକନ୍ତୁ।ଏବେ ପ୍ରସ୍ତୁତ ହୋଇଗଲା କଖାରୁ ପତ୍ର ଚିଙ୍ଗୁଡ଼ି ପିଠଉ।



..... ପରଦା ଖବର ......

# ହିନା ଖାନ କର୍କଟରେ ପୀଡ଼ିତ, ଭାବୁକ ହୋଇଗଲେ


ଗତ କିଛି ଦିନ ହେବ ଖବର ଆସିଥିଲା ଯେ ଅଭିନେତ୍ରୀ ହିନା ଖାନ କର୍କଟ ରୋଗରେ ପୀଡ଼ିତ ଏବଂ ତାଙ୍କ ଚିକିତ୍ସା ଜାରି ରହିଛି। ଏବେ ଅଭିନେତ୍ରୀ ନିଜେ ଏନେଇ ସ୍ପଷ୍ଟ କରିଛନ୍ତି। ଇନ୍‌ଷ୍ଟାଗ୍ରାମରେ ଏକ ପୋଷ୍ଟ ଜରିଆରେ ସେ ଏନେଇ ସୂଚନା ଦେଇଛନ୍ତି।ହିନା ଲେଖିଛନ୍ତି, ''ନିକଟରେ ଉଡୁଥିବା ଗୁଜବ ଉପରେ ମୁଁ ଆପଣମାନଙ୍କ ସହ କିଛି ଗୁରୁପୂର୍ଣ୍ଣ ଖବର ଶେୟାର କରିବାକୁ ଚାହୁଁଛି ଯେ, ମୁଁ ସ୍ତନ କର୍କଟର ତୃତୀୟ ପର୍ଯ୍ୟାୟରେ ଅଛି।'' ସେ ଆହୁରି ଲେଖିଛନ୍ତି, ''ମୋତେ ଭଲପାଉଥିବା ଏବଂ ମୋ ବିଷୟରେ ଚିନ୍ତା କରୁଥିବା



ସମସ୍ତ ଲୋକଙ୍କ ସହ ମୁଁ ଏକ ଗୁରୁତ୍ୱପୂର୍ଣ୍ଣ ଖବର ଶେୟାର କରିବାକୁ ଚାହୁଁଛି। ମୁଁ ତୃତୀୟ ଷ୍ଟେଜ୍ ସ୍ତନ କର୍କଟରେ ପୀଡ଼ିତ। ଏହା ସତ୍ତ୍ୱେ ମୁଁ ସମସ୍ତଙ୍କୁ ଜଣାଇବାକୁ ଚାହୁଁଛି ଯେ ମୁଁ ଠିକ୍ ଅଛି। ମୁଁ ଦୃଢ, ସଂକଳ୍ପବଦ୍ଧ ଅଛି ଏବଂ ଏହି ରୋଗକୁ ଦୂର କରିବା ପାଇଁ ସମ୍ପୂର୍ଣ୍ଣ ପ୍ରତିବଦ୍ଧ ଅଛ। ମୋର ଚିକିତ୍ସା ଆରମ୍ଭ ହୋଇଯାଇଛି, ଏବଂ ଏଥିରୁ ମୁକୁଳିବା ପାଇଁ ଅଧିକ ମଜଭୁତ ହୋଇ ଯଥା ସମ୍ଭବ ପ୍ରୟାସ କରିବାକୁ ପ୍ରସ୍ତୁତ ଅଛି।''ହିନାଙ୍କ ଏହି ପୋଷ୍ଟ ପରେ ତାଙ୍କ ପ୍ରଶଂସକମାନେ ଦୁଃଖିତ ତଥା ଚିନ୍ତିତ ହେବା ସହ ତାଙ୍କ ଆଶୁ ଆରୋଗ୍ୟ କାମନା କରିଛନ୍ତି।

## ଫ୍ରିଜରେ ଅଣ୍ଡା ରଖିବା ଭଲ ନା ଖରାପ

ସାଧାରଣତଃ ଅଣ୍ଡାକୁ ଅଧିକ ଦିନ ପର୍ଯ୍ୟନ୍ତ ତାଜା ରଖିବା ପାଇଁ ଆମେ ଏହାକୁ ଫ୍ରିଜରେ ରଖିଥାଉ। ତେବେ କ'ଣ ଆପଣ ଜାଣିଛନ୍ତି, ଫ୍ରିଜରେ ଅଣ୍ଡା ରଖିବା ଦ୍ୱାରା ଏଥିରେ ଥିବା ପ୍ରୋଟିନ୍, କ୍ୟାଲସିୟମ୍ ଓ ଓମେଗା ୩ ଫ୍ୟାଟି ଏସିଡ୍ ପରି ପୋଷକ ତତ୍ତ୍ୱ ନଷ୍ଟ ହୋଇଯାଇଥାଏ। ଆସନ୍ତୁ ଜାଣିବା କିଛି ଘରକରଣା ଟିପସ୍, ଫ୍ରିଜରେ ଅଣ୍ଡା ରଖିଲେ କେଉଁସବୁ ଅସୁବିଧା ହୋଇଥାଏ।



୧. ଅଣ୍ଡା ଫ୍ରିଜରେ ରଖିବା ଦ୍ୱାରା ସତେଜ ରହିଥାଏ ହେଲେ ଏଥିରେ ଥିବା ପୋଷକତତ୍ତ୍ୱ ଓ ସ୍ୱାଦ ନଷ୍ଟ ହୋଇଯାଇଥାଏ। କେବଳ ଏତିକି ନୁହେଁ, ଫ୍ରିଜରେ ରଖିବା ପରେ ଅଣ୍ଡା ଉପର ଅଂଶରେ ଥିବା ବ୍ୟାକ୍ଟେରିଆଙ୍କ ବୃଦ୍ଧି ଘଟିଥାଏ। ଏହି ବ୍ୟାକ୍ଟେରିଆ ଅଣ୍ଡା ଭିତରକୁ ଯିବାର ଆଶଙ୍କା ମଧ୍ୟ ରହିଥାଏ।

୨. ଯଦି ଆପଣ ଅଣ୍ଡାକୁ ଅଧିକ ଦିନ ପର୍ଯ୍ୟନ୍ତ ରଖବାକୁ ଚାହୁଁଛନ୍ତି, ତେବେ ଏହାକୁ ନର୍ମାଲ୍ ରୁମ୍ ଟେମ୍ପରେଚରରେ ହିଁ ରଖନ୍ତୁ।

୩. ଅଧିକ ଦିନ ପର୍ଯ୍ୟନ୍ତ ରଖାଯାଇଥିବା ଅଣ୍ଡାକୁ ନଖାଇବା ପାଇଁ ଚେଷ୍ଟା କରନ୍ତୁ। ଆବଶ୍ୟକ ପଡ଼ିଲେ ଅଣ୍ଡାକୁ ସଙ୍ଗେ ସଙ୍ଗେ କିଣି କରି ହିଁ ଖାଆନ୍ତୁ।

୪. ଫ୍ରିଜରେ ରଖାଯାଇଥିବା ଅଣ୍ଡାକୁ ସଙ୍ଗେ ସଙ୍ଗେ ସିଝାଇଲେ, ଫାଟିଯିବାର ସମ୍ଭାବନା ରହିଥାଏ। ମନେରଖନ୍ତୁ, ଯଦି ଆପଣ ଫ୍ରିଜରେ ଅଣ୍ଡା ରଖୁଛନ୍ତି, ତେବେ ଏହାକୁ ବାହାର କରିବା ପରେ କିଛି ସମୟ ପାଇଁ ରୁମ୍ ଟେମ୍ପରେଚରରେ ରଖି ସିଝାନ୍ତୁ। ଦେଖିବେ ଅଣ୍ଡା ଫାଟିବ ନାହିଁ।

୫. ସେହିପରି ଫ୍ରିଜରେ ରଖିଥିବା ଅଣ୍ଡାରେ କେକ୍ ପ୍ରସ୍ତୁତ କଲେ ଏହାର ସ୍ୱାଦ ଓ ରଙ୍ଗରେ ପରିବର୍ତ୍ତନ ଆସିଥାଏ।

# ଘରେ ପ୍ରସ୍ତୁତ କରନ୍ତୁ ଗୁଡୁଚି କାଢ଼ା

ଆୟୁର୍ବେଦ ଅନୁସାରେ ଶରୀରରେ ରୋଗ ପ୍ରତିରୋଧ ଶକ୍ତି ବୃଦ୍ଧି କରିବା ପାଇଁ ଗିଲୋଇ ବା ଗୁଡୁଚି ରସ ସାହାଯ୍ୟ କରିଥାଏ। ମହାମାରୀ କରୋନାରୁ ରକ୍ଷା ପାଇବା ପାଇଁ ଆୟୁଷ ମନ୍ତ୍ରଣାଳୟ ମଧ୍ୟ ଗିଲୋଇ କାଢ଼ା ପିଇବା ପାଇଁ ଲୋକଙ୍କୁ ପରାମର୍ଶ ଦେଇଛି। ଗୁଡୁଚି କାଢ଼ା ପିଇଲେ ଡେଙ୍ଗୁ, ଚିକେନଗୁନିଆ ଓ ଜ୍ୱର ଆଦି ଭଲ ହୋଇଥାଏ। ତେବେ ବଜାରରେ ମିଳୁଥିବା ଗିଲୋଇ ରସ ନକିଣି ଆପଣ ଚାହିଁଲେ ଗିଲୋଇ ଗଛର ପତ୍ର ଓ ଡାଳ ମିଶାଇ ଘରେ ମଧ୍ୟ ଗିଲୋଇ କାଢ଼ା ପ୍ରସ୍ତୁତ କରିପାରିବେ। ଆସନ୍ତୁ ଜାଣିବା ଗୁଡୁଚି କାଢ଼ା କିପରି ପ୍ରସ୍ତୁତ ହୋଇଥାଏ।



ଗୁଡୁଚି କାଢ଼ା ପାଇଁ ଆବଶ୍ୟକ ସାମଗ୍ରୀ: ଦୁଇ କପ୍ ପାଣି, ଗିଲୋଇ ଡାଳ ବା ପତ୍ରରୁ କିଛି, ୧ ଚାମଚ ହଳଦୀ, ଦୁଇ ଇଞ୍ଚର ଅଦା, ୬ରୁ ୭ଟି ତୁଳସୀ ପତ୍ର ଓ ସ୍ୱାଦ ଅନୁସାରେ ଗୁଡ଼।

ପ୍ରସ୍ତୁତି ପ୍ରଣାଳୀ: ପ୍ରଥମେ ଦୁଇ କପ୍ ପାଣିକୁ ଅଳ୍ପ ଆଞ୍ଚରେ ଫୁଟାଇ ଦିଅନ୍ତୁ। ଏହି ପାଣିରେ ଗିଲୋଇ, ଅଦା, ହଳଦୀ, ତୁଳସୀ ପତ୍ର ଓ ଗୁଡ଼ ପକାଇ କିଛି ସମୟ ପାଇଁ ଫୁଟାନ୍ତୁ। ପାଣି ଅଧା ହୋଇଗଲେ ଗ୍ୟାସ୍ ବନ୍ଦ କରିଦିଅନ୍ତୁ। ଏହାପରେ ଏକ ସଫା କପଡ଼ା ବା ଛଣାରେ ଏହି କାଢ଼ାକୁ ଛାଣି ଦିଅନ୍ତୁ।

ଗୁଡୁଚି କାଢ଼ାରୁ ମିଳୁଥିବା ସ୍ୱାସ୍ଥ୍ୟ ଲାଭ

୧. ଗିଲୋଇ କାଢ଼ା ପିଇଲେ ରୋଗ ପ୍ରତିରୋଧ ଶକ୍ତିର କ୍ଷମତା ବଢ଼ିଥାଏ ଏବଂ ଏଥିରେ ଥିବା ଅଦା ଓ ହଳଦୀ ଶରୀରକୁ ଇନଫେକସନଠାରୁ ରକ୍ଷା କରିଥାଏ।

୨. ଡେଙ୍ଗୁ ହେଲେ ଶରୀରରେ ପ୍ଲେଟ୍‌ଲେଟ୍ ସଂଖ୍ୟା କମ୍ ହୋଇଥାଏ। ଏହି ସମୟରେ ରୋଗୀଙ୍କୁ ଗିଲୋଇ କାଢ଼ା ଦେଲେ ପ୍ଲେଟ୍‌ଲେଟ୍ ସଂଖ୍ୟା ବୃଦ୍ଧି ପାଇଥାଏ।

ତେବେ ମନେରଖନ୍ତୁ, ପ୍ରତିଦିନ ଗୋଟିଏ କପରୁ ଅଧିକ ଗୁଡୁଚି କାଢ଼ା ପିଅନ୍ତୁ ନାହିଁ।

# ସମାଜ ମଙ୍ଗଳ ଉଦ୍ଦେଶ୍ୟରେ କରନ୍ତୁ ଜ୍ଞାନର ଉପଯୋଗ

ବେଦ ହେଉଛି ହିନ୍ଦୁ ମାନଙ୍କ ଧର୍ମ ଗ୍ରନ୍ଥ ଭାବେ ଧରାଯାଏ । ଋକ୍ , ଯଜୁର୍, ସାମ, ଅଥର୍ବ ଭାବେ ବେଦକୁ ଚାରି ଭାଗରେ ବିଭକ୍ତ କରାଯାଇଛି । କିନ୍ତୁ ହିନ୍ଦୁ ଧର୍ମରେ ମହାଭାରତକୁ ପଞ୍ଚମ ବେଦ ଭାବେ ପରିଗଣିତ କରାଯାଏ । ଆଉ ମଧ ବିଶ୍ୱାସ କରାଯାଏ କି ପ୍ରତ୍ୟେକ ଭାରତୀୟ ନିଜ ଜୀବନ କାଳ ଭିତରେ ନିହାତି ଭାବେ ମହାଭାରତ ପଢିବା ଉଚିତ । କାରଣ ଏଥିରେ ସାଧାରଣ ଜୀବନ ଚର୍ଯ୍ୟା, ଧର୍ମ, ରାଜନୀତି ଭଳି ଅତି ଗୁରତ୍ୱପୂର୍ଣ୍ଣ ବିଷୟ ଗୁଡିକ ଉପରେ ବ୍ୟାଖ୍ୟା କରାଯାଇଛି । ଆଉ ମଧ କୁହାଯାଏ ମହାଭାରତ ହିଁ ଜୀବନ ବଞ୍ଚିବାର ପ୍ରକୃତ ମାର୍ଗ ଶିଖେଇଥାଏ । ଏହାକୁ ପଢିବା ପରେ ଯେଉଁ ଶିକ୍ଷା ଆମକୁ ମିଳିଥାଏ ତାକୁ ନିହାତି ଭାବେ ମନେ ରଖିବା ଉଚିତ ।



ପ୍ରତିଟି ବ୍ୟକ୍ତି ନିଜ ଜୀବନକୁ ଏକ ନିର୍ଦ୍ଦିଷ୍ଟ ଯୋଜନା ମୁତାବକ ହିଁ ବଞ୍ଚିବା ଉଚିତ । ପ୍ରତିଟି କାମ ଯଦି ନିର୍ଦ୍ଦିଷ୍ଟ ଯୋଜନା ଅନୁଯାୟୀ କରାଯାଏ ତେବେ ସଫଳତା ନିଶ୍ଚିତ ଭାବେ ମିଳିଥାଏ । ନଚେତ ଭବିଷ୍ୟତ ଅନ୍ଧକାର ମୟ ହୋଇଥାଏ । ଉଦାହରଣ ସ୍ୱରୂପ ଭଗବାନ କୃଷ୍ଣ ଯଦି ବିନା କୌଣସି ଯୋଜନାରେ ପାଣ୍ଡବ ମାନଙ୍କ ସପକ୍ଷରେ ଲଢ଼ିଥାନ୍ତେ । ତେବେ ହୁଏତ କେବେ ବି ପାଣ୍ଡବ ମାନେ କୌରବଙ୍କ ଉପରେ ବିଜୟ ଲାଭ କରିପାରିନଥାନ୍ତେ । ସେହିପରି ଜୀବନ ବଞ୍ଚିବା ପାଇଁ ଏକ ଭଲ ମିତ୍ରର ଆବଶ୍ୟକତା ରହିଥାଏ । ଯାହା ସାହାଯ୍ୟରେ ଜୀବନ ସୁରୁଖୁରୁରେ ପରିଚାଳିତ ହୋଇପାରେ । ଆପଣ ଯେତେ ଭଲ ହେଲେବି ଆପଣଙ୍କ ସାଥି ଯଦି ଭଲ ନ ରୁହେ ତେବେ ଜୀବନ ଏକ ପ୍ରକାର ବରବାଦ ହୋଇଯାଏ । ଏହା ଏକ ବଳିଷ୍ଠ ଉଦାହରଣ ହେଉଛି ଦୁର୍ଯ୍ୟୋଧନ ଚରିତ୍ର । ଯିଏ କି ନିଜ ମାମୁଁ ଶକୁନି ବୁଦ୍ଧିରେ ପଡି ହିଁ ନିଜ ସର୍ବନାଶକୁ ଡାକି ଆଣିଥିଲେ । ଏହା ବାଦ ଜଣେ ବ୍ୟକ୍ତିର କିଏ ପ୍ରକୃତ ମିତ୍ର ଓ କିଏ ଶତ୍ରୁ ସେ ବିଷୟରେ କିଞ୍ଚିତ ଜ୍ଞାନ ରହିବା ନିହାତି ଆବଶ୍ୟକ ।

# ଘଟୋତ୍କଚର ପୁତ୍ର

ଦ୍ୱାପର ଯୁଗର କଥା । ଭୀମଙ୍କ ପୁତ୍ର ଘଟୋତ୍କଚ ଏବଂ ତା'ର ପୁତ୍ର ମୋର୍ବୀଙ୍କ ଗର୍ଭରୁ ଏକ ପୁତ୍ର ସନ୍ତାନ ଜନ୍ମ ନେଲା । ଏହି ଶିଶୁର କେଶ ଅଣ୍ଡିରା ସିଂହ (ବବର ଶେର୍) ଭଳି ହୋଇଥିବାରୁ ତା'ର ନାମ 'ବର୍ବରୀକ' ରଖାଗଲା । ସେ ପାଣ୍ଡବଙ୍କ ପକ୍ଷରୁ କୁରୁକ୍ଷେତ୍ର ଯୁଦ୍ଧରେ ଲଢ଼ିବାକୁ ବାହାରିଲା । ଏହି ସମୟରେ ବର୍ବରୀକକୁ ତା'ର ମା' ଡାକିଲେ ଏବଂ କହିଲେ, ପୁତ୍ର ! ତୁମେ ମହାଭାରତ ଯୁଦ୍ଧରେ ସେହି ପକ୍ଷକୁ ସହାୟତା କରିବ, ଯାହାର ପରାଜୟ ଆଶଙ୍କା ଅଧିକ ରହିଥିବ । ମା' ପୁତ୍ରକୁ ୩ଟି ଶର ଦେଲେ । ସେହି ଶର ଅତ୍ୟନ୍ତ ବିଧ୍ୱଂସକାରୀ ଥିଲା । ଯାହା ଏକାଥରରେ ମହାଭାରତ ଯୁଦ୍ଧ ସମାପ୍ତ କରିବାର କ୍ଷମତା ରଖୁଥିଲା । ଏହି କଥା ଭଗବାନ ଶ୍ରୀକୃଷ୍ଣ ଜାଣିନେଲେ । ସେ ବ୍ରାହ୍ମଣ ବେଶରେ ବର୍ବରୀକଙ୍କ ନିକଟକୁ ଗଲେ । ତାଙ୍କୁ ଦାନସ୍ୱରୂପ ତାଙ୍କ ମୁଣ୍ଡ ମାଗିନେଲେ । ବର୍ବରୀକ ସେହି ମୁଣ୍ଡ ତାଙ୍କୁ ଦାନ ଦେଇଦେଲେ । ଏହାପରେ ଶ୍ରୀକୃଷ୍ଣ ନିଜ ସ୍ୱରୂପରେ ଦେଖାଦେଲେ ଏବଂ କହିଲେ, ବର୍ବରୀକ ତୁମେ ଯଦି ମହାଭାରତ ଯୁଦ୍ଧରେ ଭାଗ ନେଇଥାନ୍ତ, ତେବେ ଏହି ଯୁଦ୍ଧର କୌଣସି ମହତ୍ତ୍ୱ ରହିନଥାନ୍ତା । ତେଣୁ ଏବେ ତୁମେ ଏହି ଯୁଦ୍ଧରେ ଲଢ଼ିପାରିବ ନାହିଁ । ତୁମର ମସ୍ତକ ଏକ ଉଚ୍ଚ ସ୍ଥାନରେ ରହିବ । ଫଳରେ ତୁମେ ସମଗ୍ର ମହାଭାରତ ଯୁଦ୍ଧ ଦେଖିପାରିବ । ତେବେ ମୋତେ ନିଜ ମସ୍ତକ ପ୍ରଦାନ କରିବାର ବଳିଦାନ ଦେଇଥିବାରୁ ତୁମେ କଳିଯୁଗରେ ଭଗବାନ ରୂପେ ପୂଜା ପାଇବ । ମୋର ନାମ 'ଶ୍ୟାମ' ନାମରେ ତୁମେ ପ୍ରସିଦ୍ଧ ହେବ । ଖାଟୁ ନାମକ ସ୍ଥାନରେ ତୁମର ମସ୍ତକ ପୋତାଯିବ । ତୁମେ ଖାଟୁଶ୍ୟାମ ବାବା ନାମରେ ପରିଚିତ ହେବ । ଏହି ସ୍ଥାନ ବର୍ତ୍ତମାନ ରାଜସ୍ଥାନରେ ରହିଛି। ଖାଟୁ ଶ୍ୟାମ ଭଗବାନ ଏବେ ଅନେକ ଭକ୍ତଙ୍କୁ ଆକୃଷ୍ଟ କରିପାରିଛନ୍ତି । ଖାଟୁ ଶ୍ୟାମଜୀ ମନ୍ଦିର ବର୍ତ୍ତମାନ ରାଜସ୍ଥାନର ସୀକର ଜିଲ୍ଲାରେ ରହିଛି । ମନ୍ଦିରଟି ଶ୍ୱେତ ପ୍ରସ୍ତରରେ ନିର୍ମିତ । ମନ୍ଦିରଟି ଅତି ପ୍ରାଚୀନ ବୋଲି ବିଶ୍ୱାସ କରାଯାଏ । ବର୍ତ୍ତମାନ ଖାଟୁ ଶ୍ୟାମଜୀ ସେହି ସ୍ଥାନରେ ପୂଜା ପାଉଛନ୍ତି, ଯେଉଁଠି ବର୍ବରୀକଙ୍କ ମସ୍ତକ ପୋତା ହୋଇଥିଲା । ଏହି ମନ୍ଦିର ଉପରେ ମୋଗଲ ଶାସକ ଆଉରଙ୍ଗଜେବ୍ ୧୬୭୯ରେ ଆକ୍ରମଣ କରିଥିବା ଜଣାଯାଏ । ତେବେ ୧୭୨୦ରେ ମନ୍ଦିରର ପୁନରୁଦ୍ଧାର କରାଯାଇଥିଲା ।



# ପୂର୍ବତଟ ରେଳପଥ ପକ୍ଷରୁ ଚଳିତ ବର୍ଷ ରଥ ଯାତ୍ରା ପାଇଁ ୩୧୫ ସ୍ୱତନ୍ତ୍ର ଟ୍ରେନ୍



ଭୁବନେଶ୍ୱର,୨୮।୬(ମହାଭାରତ): ରେଳ ମନ୍ତ୍ରଣାଳୟ ୬ ଜୁଲାଇରୁ ୧୯ ଜୁଲାଇ, ୨୦୨୪ ପର୍ଯ୍ୟନ୍ତ ତୀର୍ଥଯାତ୍ରୀମାନଙ୍କ ସୁବିଧାଜନକ ଯାତ୍ରା ପାଇଁ ପ୍ରଭୁ ଜଗନ୍ନାଥ ରଥ ଯାତ୍ରା ସମୟରେ ପୁରୀକୁ ଏବଂ ପୁରୀ ଠାରୁ ୩୧୫ ଟି ସ୍ୱତନ୍ତ୍ର ଟ୍ରେନ୍ ଚଳାଚଳ କରାଇବାକୁ ଯୋଜନା କରିଛି।

ଚଳିତ ବର୍ଷ ଗୁଣ୍ଡିଚା ଯାତ୍ରା ଦୁଇ ଦିନ ଧରି ପାଳନ କରାଯାଉଛି ପୂର୍ବ ରଥ ଯାତ୍ରା ଉତ୍ସବରୁ ଅଭିଜ୍ଞତାକୁ ନଜରକୁ ନେଇ ପୂର୍ବତଟ ରେଳପଥ ଓଡିଶାର ବିଭିନ୍ନ ସ୍ଥାନ ସହିତ ପଡୋଶୀ ରାଜ୍ୟରୁ ସ୍ୱତନ୍ତ୍ର ଟ୍ରେନ୍ ଚଳାଚଳ କରାଇବାକୁ ଯୋଜନା କରିଛି ଚଳିତ ବର୍ଷ ଜୁନାଗଡ଼ ରୋଡ, ସମ୍ବଲପୁର, କେନ୍ଦୁଝରଗଡ, ପାରାଦୀପ, ଭଦ୍ରକ, ଅନୁଗୁଳ, ଗୁଣୁପୁର, ବାଙ୍ଗିରିପୋସି ବ୍ୟତୀତ ନୂତନ ଭାବେ ବାଦାମପାହାଡ, ରାଉରକେଲା, ବାଲେଶ୍ୱର, ସୋନପୁର ଏବଂ ଦଶପଲ୍ଲା ଠାରୁ ସ୍ୱତନ୍ତ୍ର ଟ୍ରେନ୍ ପୁରୀକୁ ଚଳାଚଳ କରିବ ।

ଏହା ବ୍ୟତୀତ ସାନ୍ଧ୍ୟା ଦର୍ଶନ, ବାହୁଡା ଯାତ୍ରା ଏବଂ ସୁନା ବେଶ ପାଇଁ ମଧ୍ୟ ସ୍ୱତନ୍ତ୍ର ଟ୍ରେନ୍ ଯୋଜନା କରାଯାଇଛି ଚଳିତ ବର୍ଷ ରଥ ଯାତ୍ରାର ଅଧରପଣା ଉତ୍ସବ ପାଇଁ ମଧ୍ୟ ସ୍ୱତନ୍ତ୍ର ଟ୍ରେନ ଚଳାଇବାକୁ ପୂର୍ବତଟ ରେଳପଥ ଯୋଜନା କରିଛି । ଏଗୁଡିକ ବ୍ୟତୀତ, ଭକ୍ତଙ୍କ ଭିଡ଼କୁ ଦୃଷ୍ଟିରେ ରଖି ରେଳପଥ ପକ୍ଷରୁ ଅଧିକ ସ୍ୱତନ୍ତ୍ର ଟ୍ରେନ୍ ଚଳାଇବାକୁ ମଧ୍ୟ ବ୍ୟବସ୍ଥା କରାଯିବ ଉପରୋକ୍ତ ଉତ୍ସବ ଦିନ ମାନଙ୍କରେ ଅଧିକ ଭକ୍ତଙ୍କ ସମାବେଶ ଆଶଙ୍କା କରି ରେଳବାଇ ଭକ୍ତଙ୍କ ଚାହିଦାକୁ ଦୃଷ୍ଟିରେ ରଖି ଅଧିକ ସ୍ୱତନ୍ତ୍ର ଟ୍ରେନ୍ ଚଳାଇବାକୁ ସୁନିଶ୍ଚିତ କରିଛି।

ଯାତ୍ରୀମାନଙ୍କ ସୁବିଧା ପାଇଁ, ପୂର୍ବତଟ ରେଳପଥ ରଥ ଯାତ୍ରା ଉତ୍ସବ ସମୟ ମଧ୍ୟରେ କିଛି ଦୂର ଦୂରାନ୍ତର ସ୍ୱତନ୍ତ୍ର ଟ୍ରେନରେ ସଂରକ୍ଷିତ କ୍ଲାସ୍ ଯୋଗାଇବା ପାଇଁ ଆବଶ୍ୟକ ପଦକ୍ଷେପ ନେଇଛି ।

ରେଳ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ରଥ ଯାତ୍ରା ସମୟରେ ଯାତ୍ରୀଙ୍କ ଯାତାୟାତ ସୁବିଧା ବ୍ୟତୀତ ଯାତ୍ରୀ ପରିସେବା ସୁଦୃଢ଼ କରିବା ଉପରେ ଗୁରୁତ୍ୱାରୋପ କରିଥିବାବେଳେ ତୀର୍ଥଯାତ୍ରୀ ତଥା ଭକ୍ତଙ୍କ ପାଇଁ ଉତ୍ତମ ସୁବିଧା ଯୋଗାଇଦେବାକୁ ପୂର୍ବତଟ ରେଳପଥକୁ ପରାମର୍ଶ ଦେଇଛନ୍ତି।

ଭକ୍ତମାନଙ୍କୁ ସମସ୍ତ ସୁବିଧା ଯୋଗାଇବା ପାଇଁ ରେଳ ମନ୍ତ୍ରୀଙ୍କ ପ୍ରତିବଦ୍ଧତାକୁ ଦୃଷ୍ଟିରେ ରଖି ପୂର୍ବତଟ ରେଳପଥ ଯାତ୍ରୀ ଭିଡ଼ ପରିଚାଳନା, ଟ୍ରେନ୍ ସୂଚନା ପ୍ରଣାଳୀ / ଅନୁସନ୍ଧାନ କାଉଣ୍ଟର, ଭିଡିଓ ୱାଲ୍ ପ୍ରଦର୍ଶନ, ଅତିରିକ୍ତ ଟିକେଟ୍ ବୁକିଂ କାଉଣ୍ଟର ଏବଂ ମୋବାଇଲ୍ ଟିକେଟ୍ କାଉଣ୍ଟର, ୧୫ ହଜାର ତୀର୍ଥଯାତ୍ରୀ ବିଶ୍ରାମ ନେବା ଭଳି ତୀର୍ଥଯାତ୍ରୀ ଅପେକ୍ଷା କ୍ଷେତ୍ର / ଶେଡ୍ ପାଇଁ ମଧ୍ୟ ପୂର୍ବତଟ ରେଳପଥ ପଦକ୍ଷେପ ନେଇଛି। ଏହା ବ୍ୟତୀତ ସୁରକ୍ଷା ବ୍ୟବସ୍ଥା, କ୍ୟାଟରିଂ ସେବା, ମେଡିକାଲ ସୁବିଧା ଏବଂ ଆମ୍ବୁଲାନ୍ସ, ଏବଂ ଯାତ୍ରୀ, ବିଶେଷକରି ତୀର୍ଥଯାତ୍ରୀଙ୍କ ସୁବିଧା ପାଇଁ ବିଦ୍ୟୁତ ଯୋଗାଣ, ଜଳ ଯୋଗାଣ, ପରିଷ୍କାର ପରିଚ୍ଛନ୍ନତା, ନିରାପତ୍ତା, ପାନୀୟ ଜଳ ଏବଂ ପର୍ଯ୍ୟାପ୍ତ ଶୌଚାଳୟ ଯୋଗାଇବା ପାଇଁ ମଧ୍ୟ ବିଶେଷ ପଦକ୍ଷେପ ଗ୍ରହଣ କରିଛି।

ପୂର୍ବ ତଟ ରେଳ ମହାପ୍ରବନ୍ଧକ ଶ୍ରୀ ପରମେଶ୍ୱର ଫୁଙ୍କୱାଲ ଆଜି ପୁରୀ ରେଳ ଷ୍ଟେସନରେ ରଥ ଯାତ୍ରା ବ୍ୟବସ୍ଥା ଯାଞ୍ଚ କରି ତୀର୍ଥଯାତ୍ରୀଙ୍କୁ ଦିଆଯାଉଥିବା ସୁବିଧାଗୁଡ଼ିକ ସମ୍ପର୍କରେ ଅବଗତ ହେବା ସହିତ ରଥ ଯାତ୍ରାର କାର୍ଯ୍ୟସୂଚୀର ବହୁ ପୂର୍ବରୁ ଯାତ୍ରୀ ସୁବିଧା ଉପଲବ୍ଧ କରାଇବାକୁ ସମ୍ପୃକ୍ତ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

# ଖୁବ୍ ଶୀଘ୍ର ଆରମ୍ଭ ହେବ ସୁଭଦ୍ରା ଯୋଜନା

ଭୁବନେଶ୍ୱର, ୨୮।୬ (ମହାଭାରତ) : ଖୁବ୍ ଶୀଘ୍ର ଆରମ୍ଭ ହେବ ସୁଭଦ୍ରା ଯୋଜନା। ଆଜି ଏନେଇ ସୂଚନା ଦେଇଛନ୍ତି ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ। ଏବେ ସୁଭଦ୍ରା ଯୋଜନାର ମୋଡାଲିଟି ପ୍ରସ୍ତୁତ ଚାଲିଛି, ଏହାପରେ କ୍ରିୟାନ୍ୱୟନ ପ୍ରକ୍ରିୟା ଆରମ୍ଭ ହେବ। ପରେ ଏହାର ବାସ୍ତବ ରୂପରେଖ ଲୋକଙ୍କ ସାମ୍ନାକୁ ଆସିବ ବୋଲି ଆଇନ ମନ୍ତ୍ରୀ କହିଛନ୍ତି। ସେହିପରି ନିକଟରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତି ପରିଡା ସୁଭଦ୍ରା ଯୋଜନାକୁ ନେଇ ମିଛ ଖବର ଦେଇ ଲୋକଙ୍କୁ ଭ୍ରମିତ ନକରିବାକୁ କହିଥିଲେ। ସେ ଆହୁରି କହିଥିଲେ ସୁଭଦ୍ରା ଯୋଜନା ଏବେ ଡ୍ରାଫ୍ଟରେ ଅଛି। ତେଣୁ ଯୋଜନାର ସମ୍ପୂର୍ଣ୍ଣ ରୂପରେଖ ଆସିବା ପର୍ଯ୍ୟନ୍ତ ଅପେକ୍ଷା କରନ୍ତୁ। ନିର୍ବାଚନ ସମୟରେ ଘୋଷଣାପତ୍ରରେ ଯାହା ପ୍ରତିଶୃତି ଦେଇଥିଲୁ ତାହା ନିଶ୍ଚିତ ପୁରା କରିବୁ। ରାଜ୍ୟର ସବୁ ମହିଳାଙ୍କୁ ସୁଭଦ୍ରା ଟଙ୍କା ମିଳିବ। ଆଉ ଏହି ସୁଭଦ୍ରା ଯୋଜନା ପାଇଁ ଯେଉଁ ବଜେଟ୍ ର ଆବଶ୍ୟକତା ରହିଛି, ସେନେଇ କେନ୍ଦ୍ର ସରକାରଙ୍କୁ ଅବଗତ କରାଯାଇଛି ବୋଲି ପ୍ରଭାତୀ ପରିଡା ଗଣମାଧ୍ୟମକୁ ସୂଚନା ଦେଇଥିଲେ।

# ବିଏମ୍ସିରେ ହଙ୍ଗାମା

ଭୁବନେଶ୍ୱର, ୨୮।୬ (ମହାଭାରତ): ଭୁବନେଶ୍ୱର ମହାନଗର ନିଗମ(ବିଏମ୍ସି) ବୈଠକରେ ହଙ୍ଗାମାୟ ବିଏମସି କର୍ପୋରେସନ ବୈଠକରେ ପ୍ରଶ୍ନ ପଚାରିବାକୁ ସୁଯୋଗ ନମିଳିବା ଓ ପ୍ରସଙ୍ଗ ଭିତ୍ତିକ ଆଲୋଚନା ହୋଇନପାରିବା ଅଭିଯୋଗ ନେଇ ବୈଠକ ତ୍ୟାଗ କରିଥିଲେ ବିଜେଡିର କିଛି କର୍ପୋରେଟର। ନିର୍ଦ୍ଦିଷ୍ଟ ଭାବେ କିଛି କର୍ପୋରେଟର ବୈଠକରେ ଅଶାନ୍ତି ତଥା ବିଶୃଙ୍ଖଳା ସୃଷ୍ଟି କରୁଥିବା ଅଭିଯୋଗ ଆଣି କକ୍ଷ ବାହାରକୁ ଚାଲିଯାଇଥିଲେ। ପରେ ସେମାନଙ୍କୁ ବୁଝାସୁଝା କରି ବୈଠକକୁ ଅଣାଯାଇଥିଲା। ଅନ୍ୟପଟେ ୱାର୍ଡର ସମସ୍ୟାକୁ ନେଇ ପ୍ରଶ୍ନ କରିବା ବେଳେ ବିଜେଡି କର୍ପୋରେଟର ବିଶୃଙ୍ଖଳିତ ଆଚରଣ କରି ବାହାରକୁ ଯାଇଥିବା ଅଭିଯୋଗ କରିଛନ୍ତି ବିଜେପି କର୍ପୋରେଟର। ଆଜି ତିନି ମାସ ପରେ ବସିଥିବା କର୍ପୋରେସନ ବୈଠକରେ ପ୍ରଥମରୁ ବିଭିନ୍ନ ୱାର୍ଡର ସମସ୍ୟା ନେଇ ପ୍ରଶ୍ନ ଉତ୍ତର କାର୍ଯ୍ୟକ୍ରମ ରହିଥିଲା। ଯାହାକୁ ନେଇ ଉଭୟ ବିଜେଡି ଓ ବିଜେପି କର୍ପୋରେଟରଙ୍କ ମଧ୍ୟରେ ହୋ ହାଲ୍ଲା ଦେଖିବାକୁ ମିଳିଥିଲା। ବୈଠକରେ ଭୁବନେଶ୍ୱର ଏକାମ୍ର, ଉତ୍ତର ଓ ଜଟଣୀ ବିଧାୟକଙ୍କ ସମେତ ମେୟର ଓ କମିଶନର ଉପସ୍ଥିତ ରହିଥିଲେ।

# ନାରାୟଣପାଟଣାରେ ଡିପଥେରିଆ ଖବର ମିଳିଛି: ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ

ଭୁବନେଶ୍ୱର, ୨୮।୬ (ମହାଭାରତ) : ରାଜ୍ୟରେ ବଢୁଥିବା ଡିପଥେରିଆ, ଜଣ୍ଡିସ ଓ ଡେଙ୍ଗୁ ସଂଖ୍ୟା ସରକାରଙ୍କ ମୁଣ୍ଡ ବିନ୍ଧାର କାରଣ ସାଜିଛି। ବଢୁଥିବା ସଂଖ୍ୟାକୁ ନେଇ ପ୍ରତିକ୍ରିୟା ରଖିଛନ୍ତି ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡାକ୍ତର ନୀଳକଣ୍ଠ ମିଶ୍ର। ଜଣ୍ଡିସ ବର୍ତ୍ତମାନ ଇଞ୍ଚୁବାସନ ପିରିଅଡରେ ଅଛି। ଧିରେ ଧିରେ ଏହା ଆହୁରି ବଢିବୟ ତା ପରେ ସ୍ଥିର ହୋଇଯିବ। ତେବେ ଯେମିତି ଏହା ଆଉ ନ ବ୍ୟାପେ, ସେ ନେଇ ସମ୍ପୂର୍ଣ୍ଣ ପଦକ୍ଷେପ ନିଆଯାଉଛି ବୋଲି କହିଛନ୍ତି ଶ୍ରୀ ମିଶ୍ରୟ ଟ୍ରାନ୍ସମିଶନ ସୋର୍ସ ବନ୍ଦ ପାଇଁ ବ୍ୟବସ୍ଥା କରାଯାଇଛି। ଜଣେ ସଂକ୍ରମିତ ଲୋକର ଖାଦ୍ୟ ଓ ପାଣି ବାଣ୍ଟି ବ୍ୟବହାର କଲେ ଏହା ବ୍ୟାପିବ। ବିଶୁଦ୍ଧ ପାଣି ଯୋଗାଣ ଓ ବାହାର ଖାଦ୍ୟ ଯେପରି ନ ଖାଆନ୍ତି, ସେ ଦିଗରେ ବ୍ୟବସ୍ଥା ହୋଇଛି ବ୍ୟବସ୍ଥା ହେଇଛି ବୋଲି କହିଛନ୍ତି ଡାକ୍ତର ଶ୍ରୀ ମିଶ୍ର ।

ସେହିପରି ନାରାୟଣପାଟଣାରୁ ଡିପଥେରିଆ ଖବର ଆସିଛି। କିନ୍ତୁ ଏହା ଡିପଥେରିଆ କି ନାହିଁ ତାହା ଏ ଯାଏଁ ପ୍ରମାଣ ହୋଇନିୟ ଅନ୍ୟପଟେ ଡେଙ୍ଗୁ ନିୟନ୍ତ୍ରଣରେ ଅଛି। ପ୍ରତି ଦିନ ୨୦ ଜଣ ପାଖାପାଖି ଡେଙ୍ଗୁ ରୋଗୀ ଚିହ୍ନଟ ହେଉଛନ୍ତି। ବର୍ତ୍ତମାନ ସୁଦ୍ଧା ୨୮୮ ଜଣ ଡେଙ୍ଗୁ ରୋଗୀ ଚିହ୍ନଟ ହୋଇଛନ୍ତିୟ ତେବେ ବର୍ତ୍ତମାନ ବର୍ଷା ଦିନ କାରଣରୁ ମଶା ଅଧିକ ହେବେୟ ତେଣୁ ସତର୍କ ରହିବାକୁ କହିଛନ୍ତି ଡାକ୍ତର ଶ୍ରୀ ମିଶ୍ର। ଏନେଇ ସବୁ ଜିଲ୍ଲାକୁ ନିର୍ଦ୍ଦେଶନାମା ଜାରି ହୋଇଛିୟ ତେବେ ଗତ ବର୍ଷ ତୁଳନାରେ ଏଠାର ପରୀକ୍ଷା ଅଧିକ ହୋଇଛି। ତେଣୁ ଦୁଇ ଗଣ ଅଧିକ ରୋଗୀ ଅଛନ୍ତି ବୋଲି କହିଛନ୍ତି ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡାକ୍ତର ନୀଳକଣ୍ଠ ମିଶ୍ର ।

# ସମ୍ଭାବ୍ୟ ବର୍ଷା ଓ ଚାଷର ସ୍ଥିତି ସମ୍ପର୍କରେ ସମୀକ୍ଷା


ଭୁବନେଶ୍ୱର, ୨୮।୬(ମହାଭାରତ: ରାଜ୍ୟରେ ସମ୍ଭାବ୍ୟ ବର୍ଷା ଓ ଚାଷର ସ୍ଥିତି ସଂପର୍କରେ ଆଜି ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ସମୀକ୍ଷା କରିଛନ୍ତି । ପାଣିପାଗ ବିଭାଗର ପୂର୍ବାନୁମାନ ସମ୍ପର୍କିତ ସତର୍କ ସୂଚନା ଜନସାଧାରଣ ତଥା କୃଷକମାନଙ୍କ ନିକଟରେ କିପରି ଏହାର ବିଶ୍ୱସନୀୟତା ବୃଦ୍ଧି କରାଯାଇପାରିବ ସେ ଦିଗରେ ଦୃଷ୍ଟିଦେବା ଉଚିତ। ନିଅଣ୍ଟିଆ। ବର୍ଷା ଯୋଗୁ ଚାଷୀ ଆଜି ଧାନର ତଳି ପକାଇ ପାରୁନାହିଁ। ପାଣିର ଅଭାବ ଦେଖାଦେଇଛି।

ରାଜ୍ୟର ଅଧିକାଂଶ ସ୍ଥାନରେ ମେଗା ଜଳସେଚନ ପ୍ରକଳ୍ପ ଓ ଉଠା ଜଳସେଚନ ପ୍ରକଳ୍ପରେ ଜଳ ନାହିଁ। ମେଗା ଜଳସେଚନ ଓ ଉଠା ଜଳସେଚନ ପ୍ରକଳ୍ପ କେତେ ଅଞ୍ଚଳ ପରିମିତ ଜମିକୁ ଜଳସେଚନ ଯୋଗାଇ ପାରିବ ଓ ବାସ୍ତବରେ କେତେ ଅଞ୍ଚଳକୁ ଜଳ ଯୋଗାଇ ଦିଆଯାଇଛି ସେ ସମ୍ପର୍କରେ ତର୍ଜମାର ଆବଶ୍ୟକତା ଦେଖାଦେଇଛି। ପଶ୍ଚିମ ଓଡ଼ିଶାର ବହୁତ ଜଳସେଚନ ପ୍ରକଳ୍ପ କାର୍ଯ୍ୟ କରୁନାହିଁ। ସେ ସବୁର କାଯର୍ଯ୍ୟକାରିତା ସମ୍ପର୍କରେ ତୁରନ୍ତ ପଦକ୍ଷେପ ଗ୍ରହଣ କରିବାକୁ ମନ୍ତ୍ରୀ ଶ୍ରୀ ପୂଜାରୀ ନିର୍ଦ୍ଦେଶ ଦେଇଛନ୍ତି।

ପାଣିପାଗର ପୂର୍ବାନୁମାନ ସମ୍ପର୍କରେ ଚାଷୀମାନେ ଅବଗତ ହେଉଛନ୍ତି ନା ନାହିଁ। ଏହା ଦ୍ୱାରା କେତେ ଚାଷୀ ଉପକୃତ ହେଉଛନ୍ତି, ସେ ଦିଗରେ ଦୃଷ୍ଟିଦେବାକୁ ମନ୍ତ୍ରୀ ପରାମର୍ଶ ଦେଇଥିଲେ। ସେହିପରି କୃଷି ବିଭାଗ, ଜଳସମ୍ପଦ ବିଭାଗ ଓ ସମବାୟ ବିଭାଗ ମଧ୍ୟରେ ଉତ୍ତମ ସମନ୍ୱୟ ଦ୍ୱାରା ହିଁ ଚାଷ ଓ ଚାଷୀକୁଳର ଉନ୍ନତି ହୋଇପାରିବ ବୋଲି ସେ ମତପ୍ରକାଶ କରିଛନ୍ତି । କୃଷିବୀମା କ୍ଷେତ୍ରରେ ଫସଲହାନି ଯୋଗୁ ଚାଷୀମାନେ ସଠିକ୍ ଭାବେ କୃଷିବୀମା ଦ୍ୱାରା ସଠିକ ଭାବେ କ୍ଷତିପୂରଣ ପାଇବାରୁ ବଞ୍ଚିତ ହେଉଛନ୍ତି । ସାର ଓ ବିହନସବୁ କିପରି ସୁବ୍ୟବସ୍ଥିତ ଭାବରେ ଚାଷୀମାନଙ୍କ ନିକଟରେ ପହଞ୍ଚାଯାଇ ପାରିବ ସେ ସଂପର୍କରେ ଗୁରୁତ୍ୱାରୋପ କରିଥିଲେ । ଏବେ ରାଜ୍ୟର ୩୧୪ଟି ବ୍ଲକ୍‌ରେ ବୃଷ୍ଟି ମାପକ ଯନ୍ତ୍ର ରହିଥିବାବେଳେ ଆଗାମୀ ଦିନରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ପକ୍ଷରୁ ପ୍ରତ୍ୟେକ ଗ୍ରାମପଞ୍ଚାୟତରେ ଏହି ବ୍ୟବସ୍ଥା କରିବା ପାଇଁ ଉଦ୍ୟମ ଆରମ୍ଭ ହୋଇଛି । ଏହି ଅବସରରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁ, କୃଷି ନିର୍ଦ୍ଦେଶକ ଓ ଭାରତୀୟ ପାଣିପାଗ କେନ୍ଦ୍ରର ରାଜ୍ୟ ନିର୍ଦ୍ଦେଶିକା ପ୍ରମୁଖ ଉପସ୍ଥିତ ଥିଲେ।

# 'ମୋ ବସ୍ 'ରେ ଲାଗିଲା ନିଆଁ

କଟକ, ୨୮।୬ (ମହାଭାରତ) : ଜଳିଗଲା 'ମୋ ବସ୍ ' ୟ ଚଳନ୍ତା ଅବସ୍ଥାରେ 'ମୋ ବସ୍ 'ରେ ଲାଗିଲା ନିଆଁ। କଟକ ସିଡିଏ ସେକ୍ଟର-୯ ରାସ୍ତା ଉପରେ ଜଳିଗଲା 'ମୋ ବସ୍ '। ଖବର ପାଇ ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲା। ତେବେ ସମସ୍ତ ଯାତ୍ରୀଙ୍କୁ ସୁରକ୍ଷିତ ଉଦ୍ଧାର କରାଯାଇଛିୟ ଆଜି ସକାଳେ ମୋ ବସଟି ପୁରୀରୁ ଯାତ୍ରୀଙ୍କୁ ନେଇ କଟକ ଆସୁଥିଲା। କଟକ ସିଡିଏ ସେକ୍ଟର-୯ ନିକଟରେ ବସରୁ ଧୂଆଁ ବାହାରିଥିଲା। ଡ୍ରାଇଭର ଏହା ଜାଣିପାରି ଯାତ୍ରୀମାନଙ୍କୁ ତଳକୁ ଓହ୍ଲାଇ ଦେଇଥିଲା। ପରେ ବସ୍‌ଟି ରାସ୍ତା ଉପରେ ହୁତୁ ହୁତୁ ହୋଇ ରାସ୍ତା ଉପରେ ଜଳି ଯାଇଥିଲା। ଦମକଳ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲା। ତେବେ ନିଆଁ କିପରି ଲାଗିଲା ସେନେଇ କାରଣ ଜଣାପଡିନି। ସର୍ଟସର୍କିଟରୁ ନିଆଁ ଲାଗିଲା ନା ଆଉ କିଛି କାରଣ ଅଛି ତାହା ଜଣାପଡ଼ି ନାହିଁ। ଗତବର୍ଷ ମଧ୍ୟ ରାଉରକେଲାରୁ ବେଦବ୍ୟାସ ଅଭିମୁଖେ ଯାଉଥିବା ସମୟରେ ହଠାତ୍ ମୋ ବସ୍‌ରେ ନିଆଁ ଲାଗିଥିଲା। ବେଦବ୍ୟାସ ନିକଟ ସିଆଇ ଛକରେ ଏହି ଅଘଟଣ ଘଟିଥିଲା। ସୌଭାଗ୍ୟବଶତଃ ବସରେ ଥିବା ଯାତ୍ରୀମାନେ ଅଘଟଣରୁ ଅଳ୍ପକେ ବର୍ତ୍ତି ଯାଇଥିଲେ। ମୋ ବସ୍‌ର ଯାନ୍ତ୍ରିକ ତ୍ରୁଟି ପାଇଁ ନିଆଁ ଲାଗିଥିବା ସୂଚନା ମିଳିଥିଲା। ପ୍ରଥମେ ବସ୍‌ରେ ଧୀରେ ଧୀରେ ନିଆଁ ଲାଗିଥିଲା। ପରେ ପୂରା ବସ୍ ନିଆଁର ଆଁକୁ ଚାଲିଯାଇଥିଲା। ଫଳରେ ହୁତୁ ହୁତୁ ହୋଇ ଜଳିବାରେ ଲାଗିଥିଲା। ତେବେ ଦମକଳ ଗାଡ଼ି ପହଞ୍ଚିବା ପୂର୍ବରୁ ବସଟି ସମ୍ପୂର୍ଣ୍ଣ ଜଳି ଯାଇଥିଲା।



# ମର୍ଣ୍ଣିଙ୍ଗ ୱାକ୍ ବେଳେ ମହିଳାଙ୍କ ଠାରୁ ଲୁଟ୍

କଟକ, ୨୮।୬ (ମହାଭାରତ) : ମର୍ଣ୍ଣିଂୱାକ୍ ବେଳେ ମହିଳାଙ୍କଠୁ ସୁନା ଚେନ୍ ଲୁଟ୍ୟବାଲିକୁଦା ଜଗନ୍ନାଥ କଲୋନୀରେ ମହିଳାଙ୍କ ଠାରୁ ଲୁଟ୍ୟ ୩ ଜଣ ଦୁର୍ବୃତ୍ତ ବାଇକରେ ଆସି ମାରଣାସ୍ତ୍ର ଦେଖାଇ ଲୁଟିନେଲେ ସୁନା ଚେନୟ ଲୁଟ୍ ନେଇ ସଦର ଥାନାରେ ଅଭିଯୋଗ କରିଛନ୍ତି ମହିଳା। ସୂଚନା ଅନୁସାରେ, କଟକ ସଦର ଥାନା ଅଞ୍ଚଳର ଜଣେ ମହିଳା ଆଜି ସକାଳେ ମର୍ଣ୍ଣିଂ ୱାକରେ ଯାଉଥିବା ବେଳେ କିଛି ଯୁବକ ବାଇକରେ ଆସି ତାଙ୍କ ଠାରୁ ସୁନା ଚେନ୍ ଛିଡାଇ ନେଇଯାଇଥିଲେ। ଏନେଇ କଟକ ସଦର ଥାନାରେ ଏତଲା ଦେଇଛନ୍ତି ଉକ୍ତ ମହିଳା ଜଣ ଲୁଟ୍ ଘଟଣାର ପୁରା ଚିତ୍ର ସିସିଟିଭିରେ କଏଦ ହୋଇଛି। କଟକ ସଦର ଥାନାରେ ଏତଲା ପରେ ପୋଲିସ ଘଟଣା ସ୍ଥଳରେ ପହଞ୍ଚି ଛାନଭିନ୍ ଆରମ୍ଭ କରିଛି। ମହିଳାଙ୍କୁ ପଚରାଉଚରା କରିବା ସହ ତଦନ୍ତ ଆରମ୍ଭ କରିଛି।

# ଓଡ଼ିଆ ଛାତ୍ରୀଙ୍କୁ ଗଣଦୁଷ୍କର୍ମ ମାମଲାରେ ୩ ଗିରଫ

ଭୁବନେଶ୍ୱର,୨୮।୬(ମହାଭାରତ): ପଞ୍ଜାବର ଏକ ପ୍ରତିଷ୍ଠିତ ଶିକ୍ଷାନୁଷ୍ଠାନରେ ଓଡିଶାର ଜଣେ ଛାତ୍ରୀ ଗଣଦୁଷ୍କର୍ମ ଶିକାର ହୋଇଛନ୍ତି। ଏହି ସଙ୍ଗୀନ ମାମଲାରେ ସେଠାକାର ପୁଲିସ ୩ ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ, ଅମନ୍, ରଣବୀର ସିଂ, ମନଜିତ୍ ସିଂ । ଘଟଣାଟି ପୁରା ପଞ୍ଜାବରେ ଆଲୋଡ଼ନ ସୃଷ୍ଟି କରିଛି।୨୪ ବର୍ଷୀୟ ଛାତ୍ରୀ ଜଣକ ଲଭ୍ଲି ପ୍ରଫେସନାଲ ୟୁନିଭରସିଟିରେ ବିବିଏ ପଢୁଛନ୍ତି । ଗତ ୨୪ ତାରିଖ ରାତିରେ ଛାତ୍ରୀଜଣକ ୨ ଜଣ ପୁରୁଷ ବନ୍ଧୁ (ସହପାଠୀ)ଙ୍କ ସହ ତଲୱାନ ରୋଡକୁ ଖାଇବାକୁ ଯାଇଥିଲେ। ସେଠାକାର ଏକ ଫୁଡ୍ କୋର୍ଟ ସାମ୍ନାରେ ଖାଉଥିବା ବେଳେ ଗୋଟିଏ ବାଇକ୍‌ରେ ୩ଜଣ ଅଭିଯୁକ୍ତ ପହଞ୍ଚିଥିଲେ। ସେମାନଙ୍କ ମଧ୍ୟରୁ ୨ଜଣ ଖାଲସା(ନିହାଙ୍ଗ) ବେଶଧାରୀ ଥିଲେ । ସେମାନଙ୍କ ହାତରେ ଛୁରି ଥିଲା। ୨ଜଣ ଯୁବକଙ୍କ ସହ ଅଧରାତିରେ କ'ଣ କରୁଛ ବୋଲି ସେମାନେ ଛାତ୍ରୀଙ୍କୁ ପ୍ରଶ୍ନ କରିଥିଲେ। ୨ଜଣ ପୁରୁଷବନ୍ଧୁଙ୍କୁ ଘଟଣାସ୍ଥଳରୁ ପଳାଇବାକୁ କହି ଧମକାଇଥିଲେ। ଏହାସହ ଛାତ୍ରୀଙ୍କୁ ନେଇ ହଷ୍ଟେଲ ଛାଡି ଦେବାକୁ କହିଲେ। ଛାତ୍ରୀଜଣକ ଏହାକୁ ବିରୋଧ କରିବାରୁ ୩ଜଣ ଅଭିଯୁକ୍ତ ଜବରଦସ୍ତି ତାଙ୍କୁ ଏକ ନିଛାଟିଆ ଜାଗାକୁ ଉଠାଇ ନେଇଥିଲେ। ସେଠାରେ ଦୁଷ୍କର୍ମ କରିବା ପରେ ସଂଜ୍ଞାହୀନ ଅବସ୍ଥାରେ ଛାତ୍ରୀଙ୍କୁ ଛାଡି ଖସି ପଳାଇଥିଲେ। ଜଳନ୍ଧରର ପଟାରା ଥାନା ପୁଲିସ ଘଟଣାକୁ ଗୁରୁତର ସହ ନେଇ ୩ଜଣଙ୍କୁ ଗିରଫ କରିଛି। ଅଭିଯୁକ୍ତମାନେ ଲଡ୍ୱୋଲି ଅଞ୍ଚଳର। ଛାତ୍ରୀଙ୍କ ପରିବାର ଲୋକ ସେଠାରେ ପହଞ୍ଚିଛନ୍ତି । ତଦନ୍ତରୁ ଜଣାପଡିଥିଲା, ସେମାନଙ୍କ ମଧ୍ୟରୁ ଜଣେ ଉକ୍ତ କଲେଜର ଛାତ୍ର ଥିଲା। କୌଣସି କାରଣରୁ ତାକୁ କଲେଜରୁ ବହିଷ୍କୃତ କରାଯାଇଥିଲା। ଅନ୍ୟ ଜଣେ ଜଳ ବିଶୋଧନାଗାର ବିଭାଗର ସରକାରୀ ଚାକିରିଆ। ତୃତୀୟ ଅଭିଯୁକ୍ତଜଣକ ଏକ ଇଲେକ୍ଟ୍ରିକ୍ ଦୋକାନର ମାଲିକ। ୩ ଜଣଯାକ ନିହାଙ୍ଗ ସମ୍ପ୍ରଦାୟର ନୁହନ୍ତି। କିନ୍ତୁ ଖାଲସା ବେଶରେ ସଜେଇ ହୋଇ ଦୁଷ୍କର୍ମ ଭିଆଇଛନ୍ତି।

# ୨.୫ ଲକ୍ଷ କୋଟିର ଘରୋଇ ପୁଞ୍ଜିନିବେଶ କରିବାକୁ ଲକ୍ଷ୍ୟ

ଭୁବନେଶ୍ୱର, ୨୮।୬ (ମହାଭାରତ) : ରାଜ୍ୟର ବ୍ୟବସାୟିକ ସାମର୍ଥ୍ୟ ଓ ଉତ୍ପାଦନ ଦକ୍ଷତାକୁ ବିଶ୍ୱ ଆଗରେ ପ୍ରଦର୍ଶିତ କରୁଥିବା 'ମେକ୍ ଇନ୍ ଓଡ଼ିଶା' କନକ୍ଲେଭକୁ ଉତ୍କଳ ନିବେଶକ ସମ୍ମିଳନୀ ବା ଉତ୍କଳ ଇନଭେଷ୍ଟର୍ସ କନକ୍ଲେଭ୍ ନାମରେ ନାମିତ କରାଯିବାର ସମ୍ଭାବନା ରହିଛି।

ସିଆଇଆଇର ତୃତୀୟ ପରିଷଦ ବୈଠକ ପରେ ଶିଳ୍ପମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ଗଣମାଧ୍ୟମକୁ କହିଛନ୍ତି ଯେ ଉତ୍କଳ ନିବେଶକ ସମ୍ମିଳନୀରେ ରାଜ୍ୟ ସରକାର ୨.୫ ଲକ୍ଷ କୋଟି ଟଙ୍କାର ଘରୋଇ ପୁଞ୍ଜିନିବେଶ କରିବାକୁ ଲକ୍ଷ୍ୟ ରଖିଛନ୍ତି।

ରାଜ୍ୟରେ ଷ୍ଟାର୍ଟଅପ୍ ବ୍ୟବସାୟକୁ ପ୍ରୋତ୍ସାହିତ କରିବା ସହ ୨ ନିୟୁତ ଡଲାରର ଏଫଡିଆଇ ପ୍ରବାହ ଉପରେ ମଧ୍ୟ ଆଲୋଚନା ହୋଇଥିଲା। ୨୦୨୭ ସୁଦ୍ଧା ରାଉରକେଲା-ସମ୍ବଲପୁର-ଧାମରା-ପାରାଦୀପ-ବାଲେଶ୍ୱରର ଶିଳ୍ପ କରିଡରକୁ ଆହୁରି ବିକଶିତ କରାଯିବ। ଓଡ଼ିଶାରେ ପ୍ରାକୃତିକ ସମ୍ପଦ ରହିଛି ଏବଂ ଏହାର ଏକ ବିଶାଳ ଉପକୂଳ ରହିଛି। ସିଆଇଆଇ ସହ ମିଶି ସରକାର ରାଜ୍ୟରେ ଶିଳ୍ପର ଅଭିବୃଦ୍ଧି ପାଇଁ ପଦକ୍ଷେପ ନେବେ।୨୦୨୨ ନଭେମ୍ବର ୩୦ରୁ ଡିସେମ୍ବର ୪ ତାରିଖ ମଧ୍ୟରେ ଅନୁଷ୍ଠିତ ଦ୍ୱିବାର୍ଷିକ ସମ୍ମିଳନୀର ଚତୁର୍ଥ ସଂସ୍କରଣରେ ରାଜ୍ୟକୁ ୭୪୧ଟି କଂପାନିରୁ ୧୦,୩୭,୭୦୧ ନିଯୁକ୍ତି ସମ୍ଭାବନା ସହିତ ୧୦.୫ ଲକ୍ଷ ଟଙ୍କାର ପୁଞ୍ଜିନିବେଶ ପ୍ରସ୍ତାବ ମିଳିଥିଲା। ଏଥିରେ ଶିଳ୍ପ ନୀତି ସଂକଳ୍ପ ୨୦୨୨ର ଶୁଭାରମ୍ଭ କରାଯାଇଥିଲା, ଯେଉଁଥିରେ ଓଡ଼ିଶାକୁ ଦେଶ ତଥା ବିଶ୍ୱସ୍ତରରେ ଶିଳ୍ପ ଉଦ୍ୟୋଗମାନଙ୍କ ପାଇଁ ପସନ୍ଦର ଗନ୍ତବ୍ୟସ୍ଥଳରେ ପରିଣତ କରିବା ଉପରେ ଗୁରୁତ୍ୱ ଦିଆଯାଇଛି। ଉଲ୍ଲେଖଯୋଗ୍ୟ, କେନ୍ଦ୍ରରେ ମୋଦୀ ସରକାର ଆସିବା ପରେ ମେକ୍ ଇନ୍ ଇଣ୍ଡିଆ। ନାମକ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ଏ

## ପିଆଇବି ପକ୍ଷରୁ ନୂଆ ଅପରାଧିକ ଆଇନ ସମ୍ପର୍କିତ କର୍ମଶାଳା

# ମାନବାଧିକାର ସୁରକ୍ଷାରେ ଗଣମାଧ୍ୟମର ଭୂମିକା ଗୁରୁତ୍ୱପୂର୍ଣ୍ଣ : ଅଗ୍ନିଶମ ମହାନିର୍ଦ୍ଦେଶକ



ଭୁବନେଶ୍ୱର,୨୮।୬(ପିଆଇବି): ଦେଶରେ ନୂଆ। ଅପରାଧିକ ଆଇନ ଲାଗୁ ହେବା ପରିପ୍ରେକ୍ଷୀରେ ଗଣମାଧ୍ୟମର ଭୂମିକା ବୃଦ୍ଧି ପାଇଛି। ମାନବାଧିକାର ସୁରକ୍ଷା କ୍ଷେତ୍ରରେ ଗଣମାଧ୍ୟମର ଗୁରୁଦାୟିତ୍ୱ ରହିଥିବା କାରଣରୁ ସାମ୍ବାଦିକମାନେ ଦାୟିତ୍ୱପୂର୍ଣ୍ଣ ଖବର ପ୍ରସାରଣ କରିବା ଉଚିତ୍ ବୋଲି କହିଛନ୍ତି ରାଜ୍ୟ ଅଗ୍ନିଶମ ମହାନିର୍ଦ୍ଦେଶକ, କମାଣ୍ଡାଣ୍ଟ ଜେନେରାଲ (ଗୃହରକ୍ଷୀ), ନିର୍ଦ୍ଦେଶକ (ବେସାମରିକ ପ୍ରତିରକ୍ଷା) ଡକ୍ଟର ସୁଧାଂଶୁ ଷଡ଼ଙ୍ଗୀ।

ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ଅଧୀନ ପତ୍ର ସୂଚନା କାର୍ଯ୍ୟାଳୟ (ପିଆଇବି) ଭୁବନେଶ୍ୱର ପକ୍ଷରୁ ''ତିନୋଟି ନୂଆ। ଅପରାଧିକ ଆଇନ'' ଉପରେ ଆୟୋଜିତ ଗଣମାଧ୍ୟମ କର୍ମଶାଳା 'ବାର୍ତ୍ତାଳାପ' ରେ ମୁଖ୍ୟ ବକ୍ତା ଭାବେ ଯୋଗ ଦେଇ ଡକ୍ଟର ଷଡ଼ଙ୍ଗୀ ସରକାରଙ୍କ ଦ୍ୱାରା ଅଣାଯାଇଥିବା ନୂଆ। ଅପରାଧିକ ଆଇନକୁ ସ୍ୱାଗତ କରିଥିଲେ। ସେ କହିଥିଲେ, ଆସନ୍ତା ଜୁଲାଇ ପହିଲାରୁ ଦେଶରେ ତିନୋଟି ନୂଆ। ଅପରାଧିକ ଆଇନ ଲାଗୁ ହେବାକୁ ଯାଉଛି। ଭାରତୀୟ ନ୍ୟାୟ ସଂହିତା, ଭାରତୀୟ ନାଗରିକ ସୁରକ୍ଷା ସଂହିତା ଏବଂ ଭାରତୀୟ ସାକ୍ଷ୍ୟ ଅଧିନିୟମ ହେଉଛି ସ୍ୱାଧୀନ ଭାରତର ନିଜସ୍ୱ ନ୍ୟାୟିକ ଆଇନ। ଏଥିରେ ଦୁଇଟି ଭଲ ଦିଗ ରହିଛି ପ୍ରଥମଟି ହେଉଛି ତଦନ୍ତ ଓ ନ୍ୟାୟ ପ୍ରଦାନ କ୍ଷେତ୍ରରେ ବୈଷୟିକ ଜ୍ଞାନକୌଶଳର ପ୍ରୟୋଗ ଯାହାର ସୁଫଳ ନିଶ୍ଚିତ ଭାବେ ନାଗରିକମାନଙ୍କୁ ମିଳିପାରିବ। ଦ୍ୱିତୀୟ ଦିଗଟି ହେଉଛି ବିଭିନ୍ନ ମାମଲାର ସମାଧାନ ପାଇଁ ସମୟ ନିର୍ଦ୍ଧାରଣ କରିବା। ପୂର୍ବରୁ ଥିବା ବ୍ୟବସ୍ଥାରେ ନ୍ୟାୟ ପ୍ରଦାନରେ ବିଳମ୍ବ ହେଉଥିଲା। ତାରିଖ ଉପରେ ତାରିଖ ଗଡ଼ି ଚାଲିଥିଲା। ନୂଆ। ଆଇନରେ ମାମଲାର ତଦନ୍ତ ଓ ନ୍ୟାୟ ପ୍ରଦାନ ପାଇଁ ନିର୍ଦ୍ଦିଷ୍ଟ ସମୟ ନିର୍ଦ୍ଧାରଣ କରାଯାଇଛି, ଯଦ୍ଦ୍ୱାରା ନ୍ୟାୟ ପ୍ରଦାନ ପ୍ରକ୍ରିୟା ତ୍ୱରାନ୍ୱିତ ହୋଇପାରିବ।

ବରିଷ୍ଠ ପୁଲିସ ଅଧିକାରୀ ଡକ୍ଟର ଷଡ଼ଙ୍ଗୀ ଆହୁରି କହିଥିଲେ, ନୂଆ। ଆଇନକୁ ଭଲ ଭାବେ କାର୍ଯ୍ୟକାରୀ କରିବାକୁ ହେଲେ ଅଧିକ ମାନବ ସମ୍ବଳ ଆବଶ୍ୟକ ହେବ। ପୁଲିସ କର୍ମଚାରୀ ଓ ଆଇନଜୀବୀମାନଙ୍କୁ ନୂଆ। ଆଇନ ବିଷୟରେ ପ୍ରଶିକ୍ଷଣ ଦେବାକୁ ହେବ। କିଛି ମାସ ମଧ୍ୟରେ ନୂଆ। ଆଇନ ସମ୍ପୂର୍ଣ୍ଣ ଭାବେ କାର୍ଯ୍ୟକାରୀ ହୋଇପାରିବ ବୋଲି ଡକ୍ଟର ଷଡ଼ଙ୍ଗୀ ଆଶା ବ୍ୟକ୍ତ କରିଥିଲେ। ସେହିପରି ମାମଲାର ତଦନ୍ତ ପ୍ରକ୍ରିୟାକୁ ରେକର୍ଡିଂ କରିବାର ବ୍ୟବସ୍ଥା ଫଳରେ ତଦନ୍ତ ପ୍ରକ୍ରିୟା ଅଧିକ ପ୍ରଭାବୀ ହେବ। ପ୍ରକୃତ ଦୋଷୀ ଦଣ୍ଡିତ ହେବେ ଏବଂ ନିର୍ଦ୍ଦୋଷ ସୁରକ୍ଷା ପାଇପାରିବେ। ଅନୁରୂପ ଭାବେ ମହିଳା ଓ ଶିଶୁ ସୁରକ୍ଷା ଏବଂ ମାନବ ଚାଲାଣ ଭଳି ଅପରାଧ ପାଇଁ ଏହି ଆଇନରେ ପୀଡ଼ିତଙ୍କୁ ସୁରକ୍ଷା ଦେବା ସହିତ ଦୋଷୀକୁ ଦଣ୍ଡବିଧାନ ପାଇଁ ଉପଯୁକ୍ତ ବ୍ୟବସ୍ଥା କରାଯାଇଥିବା ସେ କହିଥିଲେ।

ସାତ ବର୍ଷରୁ କମ୍ ଦଣ୍ଡବିଧାନ ବ୍ୟବସ୍ଥା ରହିଥିବା ଛୋଟ ଛୋଟ ଅପରାଧ ସ୍ୱୀକାର କରିବା କ୍ଷେତ୍ରରେ ଦୋଷୀଙ୍କ ଜେଲ ଦଣ୍ଡାଦେଶ ହ୍ରାସ କରିବା ଲାଗି ନୂଆ। ଆଇନରେ ରହିଥିବା ବ୍ୟବସ୍ଥାକୁ ଡକ୍ଟର ଷଡ଼ଙ୍ଗୀ ସ୍ୱାଗତ କରିଥିଲେ। ଏହାଦ୍ୱାରା ପ୍ରଥମ ଥର ଅପରାଧ କରିଥିବା ଦୋଷୀ ଉପକୃତ ହେବେ ଏବଂ ତ୍ୱରିତ ନ୍ୟାୟ ପ୍ରଦାନ ସୁବିଧାଜନକ ହେବ ବୋଲି ସେ କହିଥିଲେ। ଡକ୍ଟର ଷଡ଼ଙ୍ଗୀ ଆହୁରି କହିଥିଲେ, ଜେଲ୍‌ରେ ଥିବା ବହୁ ଗରିବ ଲୋକ ପାଖରେ ଟଙ୍କା ନଥିବା କାରଣରୁ ଓକିଲଙ୍କୁ ନିୟୋଜିତ କରି ଜାମିନ୍ ପାଇପାରୁନଥିଲେ। ନୂଆ। ଆଇନରେ ଏଭଳି ଗରିବ ଲୋକଙ୍କୁ ଓକିଲଙ୍କ ସହାୟତା ବିନା ଜାମିନ ଦେବାର ବ୍ୟବସ୍ଥା କରାଯାଇଛି। ଏଭଳି ଲୋକଙ୍କ ଜାମିନ ପାଇଁ ଜେଲ୍‌ଅଧୀକ୍ଷକ ଅଦାଲତଙ୍କୁ ସୂଚୀତ କରିବାର ବ୍ୟବସ୍ଥା ନୂଆ। ଆଇନରେ କରାଯାଇଥିବା ଡକ୍ଟର ଷଡ଼ଙ୍ଗୀ କହିଥିଲେ। ବିଚାରଧୀନ କଏଦୀଙ୍କ ସଂଖ୍ୟା ହ୍ରାସ ପାଇଁ ଏହା ଏକ ଭଲ ବ୍ୟବସ୍ଥା ବୋଲି ସେ ସୂଚାଇ ଥିଲେ।

ଡକ୍ଟର ଷଡ଼ଙ୍ଗୀ କହିଥିଲେ, ମହିଳାଙ୍କୁ କାର୍ଯ୍ୟ କ୍ଷେତ୍ରରେ ଯୌନ ନିର୍ଯାତନା, ଶିଶୁ ଓ ମହିଳା ଚାଲାଣ, ଆତଙ୍କବାଦ, ଭିଡ଼ ହିଂସା, ଏସିଡ୍ ଆକ୍ରମଣ ସମେତ ସାଇବର ଅପରାଧ, ବାଲି ମାଫିଆ, ପଥର ମାଫିଆ। ଭଳି ସଂଗଠିତ ଅପରାଧ ଓ ଛିନତାଇ ବିରୋଧରେ ଆଇନକୁ କଠୋର କରାଯାଇଛି। ଜିରୋ ଏଫଆଇଆର ବ୍ୟବସ୍ଥା ଦ୍ୱାରା ଯେକୌଣସି ଥାନାରେ ମାମଲା ରୁଜୁ କରାଯାଇପାରିବ, ଯାହାକି ପୀଡ଼ିତମାନଙ୍କୁ ବେଶ ସୁବିଧା ପ୍ରଦାନ କରିବ ବୋଲି ସେ କହିଥିଲେ।ସେ ଆହୁରି ସୂଚନା ଦେଇଥିଲେ ଯେ ପୂର୍ବରୁ ସିଆରପିସିରେ ୪୮୪ଟି ଧାରା ରହିଥିଲା ବେଳେ ବର୍ତ୍ତମାନ ଭାରତୀୟ ନାଗରିକ ସୁରକ୍ଷା ସଂହିତାରେ ୫୩୧ଟି ଧାରା ରହିଛି। ଆଇପିସିରେ ୫୧୧ଟି ଧାରା ଥିବା ବେଳେ ଭାରତୀୟ ନ୍ୟାୟ ସଂହିତାରେ ୩୫୮ଟି ଧାରାକୁ ସାମିଲ କରାଯାଇଛିୟ ଅନ୍ୟପକ୍ଷରେ ପୁରୁଣା ଇଣ୍ଡିଆନ୍ ଏଭିଡେନ୍ସ ଆକ୍ଟରେ ୧୭୦ ଟି ଧାରା ଥିବା ବେଳେ ଭାରତୀୟ ସାକ୍ଷ୍ୟ ଅଧିନିୟମରେ ୧୬୭ ଧାରା ରହିଛି।

# ଖଲିସ୍ତାନ ପ୍ରୀତି

କାନାଡ଼ାରେ ବସବାସ କରୁଥିବା ଅଧିକାଂଶ ଶିଖ ଧର୍ମାବଲମ୍ବୀ ଖଲିସ୍ତାନ ସପକ୍ଷବାଦୀ। ଭାରତରେ ବିଚ୍ଛିନ୍ନତାବାଦକୁ ସେମାନେ ପ୍ରଶ୍ରୟ ଏବଂ ସହାୟତା କରି ଆସୁଛନ୍ତି। କାନାଡ଼ାରେ ବସବାସ କରୁଥିବା ଶିଖ ଧର୍ମାବଲମ୍ବୀଙ୍କ ମଧ୍ୟରୁ ଅଧିକାଂଶ ହେଉଛନ୍ତି ଧନୀ। ସେମାନେ ଭାରତରେ ଖଲିସ୍ତାନ ସପକ୍ଷବାଦୀ ସଙ୍ଗଠନକୁ ଆର୍ଥିକ ସହାୟତା ପ୍ରଦାନ କରିଆସୁଛନ୍ତି। ଭାରତରେ ଦେଶବିରୋଧୀଙ୍କୁ ସେମାନଙ୍କର ସମର୍ଥନ ଏବଂ ସହଯୋଗ ରହିଛି। ଏହା ଏବେ ନୁହେଁ, ଅଶୀ ଦଶକରୁ ଚାଲିଆସିଛି। ଏକଦା ସେମାନେ ବା ସେମାନଙ୍କ ପୂର୍ବ ପୁରୁଷ ଭାରତରେ ମାଟି, ପାଣି ପବନରେ ବଢ଼ିଥିଲେ। ଭାରତର ଖାଦ୍ୟ ଖାଇ ସେମାନେ ବଡ଼ ହୋଇଛନ୍ତି। କିନ୍ତୁ ସେମାନେ ଆଜି କୃତଘ୍ନ ଭଳି ଭାରତ ବିରୋଧୀ କାର୍ଯ୍ୟକଳାପକୁ ପ୍ରଶ୍ରୟ ଦେଉଛନ୍ତି, ଭାରତ ବିରୋଧରେ ସ୍ୱର ଉତ୍ତୋଳନ କରୁଛନ୍ତି। କାନାଡ଼ା ସରକାର ମଧ୍ୟ ସଂକୀର୍ଣ୍ଣ ଭୋଟ ବ୍ୟାଙ୍କ ପାଇଁ ସେମାନଙ୍କୁ ସମର୍ଥନ କରି ଆସୁଛନ୍ତି। ଭାରତ ସରକାରଙ୍କ ବାରମ୍ବାର ପ୍ରତିବାଦ ସତ୍ତ୍ୱେ କାନାଡ଼ା ସରକାର ସେଠାରେ ଭାରତ ବିରୋଧୀ କାର୍ଯ୍ୟକଳାପ ବିରୋଧରେ ଠୋସ ପଦକ୍ଷେପ ନେଉ ନାହାଁନ୍ତି। ଭାରତ ବିରୋଧୀ ସଙ୍ଗଠନକୁ ତାଗିଦ କରୁ ନାହାଁନ୍ତି। ଗତ ବର୍ଷ କାନାଡ଼ାରେ ବସବାସ କରୁଥିବା ଏବଂ କାନାଡ଼ାର ନାଗରିକତ୍ୱ ଗ୍ରହଣ କରିଥିବା ଜଣେ କୁଖ୍ୟାତ ଖଲିସ୍ତାନୀ ସମର୍ଥକ ହରଦୀପ ସିଂହ ନିଜ୍ଜର ହତ୍ୟାର ଶୀକାର ହୋଇଥିଲେ। ଏଥିରେ ଭାରତର ସମ୍ପୃକ୍ତି ନେଇ କାନାଡ଼ା ସରକାର ଅଭିଯୋଗ କରିଥିଲେ। ଏଭଳି ଅଭିଯୋଗର କୌଣସି ପ୍ରମାଣ ନାହିଁ। ଭାରତ ସରକାର ମଧ୍ୟ ଏହାକୁ ବାରମ୍ବାର ଖଣ୍ଡନ କରିଆସିଛନ୍ତି। ନିକଟରେ ନିଜ୍ଜରଙ୍କ ମୃତ୍ୟୁର ବର୍ଷପୂର୍ତ୍ତି ପାଳିତ ହୋଇଛି। ଆଶ୍ଚର୍ଯ୍ୟର ବିଷୟ ହେଲା କାନାଡ଼ା ସଂସଦରେ ନିଜ୍ଜରଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଛି ଏବଂ ତାଙ୍କ ଆତ୍ମାର ସଦଗତି ନିମନ୍ତେ ନିରବ ପ୍ରାର୍ଥନା କରାଯାଇଛି। ଏହା ଏକ ବିସ୍ମୟ। କାରଣ ନିଜ୍ଜର କାନାଡ଼ାର ଜଣେ ସାଧାରଣ ନାଗରିକ ଥିଲେ। ସେ କୌଣସି ସାମ୍ବିଧାନିକ ପଦପଦବୀରେ ନଥିଲେ। ତେଣୁ ତାଙ୍କ ପ୍ରତି ସଂସଦରେ ଶ୍ରଦ୍ଧାଞ୍ଜଳି ରାଜନୈତିକ ଉଦ୍ଦେଶ୍ୟ ପ୍ରଣୋଦିତ। ଏହାର ଉଦ୍ଦେଶ୍ୟ ହେଲା କାନାଡ଼ାର ଶିଖ ଧର୍ମାବଲମ୍ବୀଙ୍କ ସମର୍ଥନ ହାସଲ କରିବା ଏବଂ ଭାରତକୁ ଅପମାନିତ କରିବା। ଭାରତ ସରକାର ଏହି ଘଟଣା ଉପରେ କଡ଼ା ପ୍ରତିକ୍ରିୟା ବ୍ୟକ୍ତ କରିଛନ୍ତି। ଜଣେ ଆତଙ୍କବାଦୀ ପ୍ରତି କାନାଡ଼ା ସଂସଦରେ ସମ୍ମାନ ଏବଂ ଶ୍ରଦ୍ଧାଞ୍ଜଳି କେତେଦୂର ଗ୍ରହଣୀୟ ସେଥିନେଇ ଭାରତ ସରକାର ପ୍ରଶ୍ନ ଉଠାଇଛନ୍ତି। ଆତଙ୍କବାଦ ସବୁ ଦେଶ ପ୍ରତି ବିପଦ, ପୁରା ମଣିଷ ସମାଜ ପାଇଁ ବିପଦ। ସେମାନଙ୍କର କୌଣସି ଧର୍ମ ନାହିଁ। ସେମାନଙ୍କର କୌଣସି ରାଷ୍ଟ୍ରୀୟତା ନାହିଁ। ସେମାନଙ୍କୁ ସଭ୍ୟ ସମାଜ ଏବଂ ଗଣତନ୍ତ୍ର ଉପରେ, ମାନବିକତା ଉପରେ ବିଶ୍ୱାସ ରଖିଥିବା ବ୍ୟକ୍ତି ବା ସରକାର ଆଶ୍ରୟ ବା ସୁରକ୍ଷା ପ୍ରଦାନ କରିବା ଅନୁଚିତ। ଏହା ହେଉଛି ଭାରତ ସରକାରଙ୍କ ନୀତି। ଭାରତ ସବୁ ବେଳେ ଆତଙ୍କବାଦ ବିରୋଧରେ ସ୍ୱର ଉଠାଇଛି, ଆତଙ୍କବାଦ ବିରୋଧୀ ଲଢ଼େଇରେ ସାମିଲ ହୋଇଛି। କିନ୍ତୁ କାନାଡ଼ା ଏହି ପ୍ରସଙ୍ଗରେ ଦୋମୁହାଁ ନୀତି ଅବଲମ୍ବନ କରିଆସୁଛି। ଆଜିକୁ ୩୯ ବର୍ଷ ତଳେ କାନାଡ଼ାରୁ ଭାରତ ଆସୁଥିବା ଏୟାର ଇଣ୍ଡିଆର ଏକ ବିମାନ କନିଷ୍କକୁ ମଝି ଆକାଶରେ ଖଲିସ୍ତାନୀ ଆତଙ୍କବାଦୀମାନେ ବିସ୍ଫୋରଣରେ ଉଡ଼ାଇ ଦେଇଥିଲେ। ଏଥିରେ ୩୨୯ଜଣ ନିରୀହ ବ୍ୟକ୍ତିଙ୍କ ଜୀବନ ଚାଲିଯାଇଥିଲା। ମୃତକଙ୍କ ଭିତରେ ଅନେକ ମହିଳା ଓ ଶିଶୁ ଥିଲେ। କିନ୍ତୁ କାନାଡ଼ା ସରକାର ସେତେବେଳେ ଏହି ଜଘନ୍ୟ ଏବଂ ଅମାନବୀୟ ଘଟଣାରେ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିନଥିଲା। ଏପରିକି ତଦନ୍ତରେ ମଧ୍ୟ ସହାୟତା କରିନଥିଲା। ଏବେ କାନାଡ଼ା ସଂସଦରେ ନିଜ୍ଜର ଭଳି ଏକ କୁଖ୍ୟାତ ଆତଙ୍କବାଦୀକୁ ସମ୍ମାନ ଜଣାଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଛି। ଏହାପରିବର୍ତ୍ତେ କାନାଡ଼ା ସଂସଦରେ କନିଷ୍କ ବିମାନ ବିସ୍ଫୋରଣ ଘଟଣାରେ ମୃତ ନିରୀହ ବ୍ୟକ୍ତିଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯିବା ଉଚିତ ଥିଲା। କାନାଡ଼ାର ଏହି ଭାରତ ବିରୋଧୀ ଆଭିମୁଖ୍ୟ ଏବଂ ଆତଙ୍କବାଦ ପ୍ରସଙ୍ଗରେ ଦୋମୁହାଁ ନୀତି ନିନ୍ଦନୀୟ ଏବଂ ସଭ୍ୟ ସମାଜ ପ୍ରତି ବିପଦ। ଏହି ପ୍ରସଙ୍ଗରେ ଆମେରିକା ମଧ୍ୟ ଦୋମୁହାଁ ନୀତି ଅବଲମ୍ବନ କରୁଛି। ଏହାର ପରିଣାମ ଦିନେ ଆମେରିକା ଭୋଗିବ। କାନାଡ଼ାର ଖଲିସ୍ତାନ ପ୍ରୀତି ଏହି ଦେଶ ପ୍ରତି ଦିନେ ବୁମେରାଂ ସାବ୍ୟସ୍ତ ହେବ।

# ବଜାର ଦର ଚଢ଼ା, ଚଷା ପୁଅ ପାଇଁ ନାହିଁ ପ୍ରୋତ୍ସାହନ

॥ ବାଦଲ ଭୂୟାଁ ॥

*ଆମ ଅର୍ଥନୀତିର ବଡ଼ ଘୋଷଣା କହୁଛି ଚାଉଳ ଏବଂ ଗହମ ଉତ୍ପାଦନରେ ଦେଶ ବଳକା ହୋଇ ସାରିଛି ଦେଶ। ୨୦୨୦ ମସିହାରୁ ପୂର୍ବ ଭାରତରେ ସବୁଜ ବିପ୍ଳବ କାର୍ଯ୍ୟକ୍ଷମ କରାଯାଉ ନାହିଁ। ଜଳବାୟୁ ପରିବର୍ତ୍ତନ, ଅପପୁଷ୍ଟି ମୁକାବିଲା ମୁଖ୍ୟ ଚ୍ୟାଲେଞ୍ଜ ଭାବେ ଉଭା ହେଲାଣି। ଏପରିସ୍ଥଳେ ରାଜ୍ୟ ସରକାର ଧାନ ଚାଷକୁ ହ୍ରାସ କରି ଫସଲ ବିବିଧୀକରଣକୁ ଗୁରୁତ୍ୱ ଦେଉଛନ୍ତି। ହେଲେ ଉଦବେଗର ବିଷୟ ହେଉଛି, ଏସବୁର ପ୍ରଭାବ ଚାଷ ଜମିରେ ପରିଲକ୍ଷିତ ହେଉନାହିଁ। ୨୦୨୦ ମସିହାରେ ସମୁଦାୟ ୭୯ ଲକ୍ଷ ୬୬ ହଜାର ହେକ୍ଟର ଚାଷ ଜମିରୁ ୪୯.୩୨% ଜମିରେ ଅଣଧାନ ଚାଷ ହେଉଥିଲା। ୨୦୨୧ ମସିହାରେ ୭୯ଲକ୍ଷ ୫୧ ହଜାର ହେକ୍ଟରରୁ ୫୦.୪୪% ଅଣଧାନ ଚାଷ ଥିଲା। ୨୦୨୩ ମସିହାରେ ଫସଲ ବିବିଧୀକରଣ କାର୍ଯ୍ୟକ୍ରମ ଅନ୍ତର୍ଗତରେ ୧୩୦.୯୫ କୋଟି ଟଙ୍କାର ପ୍ରୋତ୍ସାହନ ରାଶି ୧ଲକ୍ଷ ୮୯ ହଜାର ୭୮୩ ଚାଷୀଙ୍କୁ ଦିଆଯିବା ପରେ ସ୍ଥିତିରେ ବିଶେଷ ଉନ୍ନତି ଘଟିନାହିଁ। ବରଂ ରାଜ୍ୟରେ ବର୍ତ୍ତମାନ ସମୁଦାୟ ୮୧ ଲକ୍ଷ ୮୪ ହଜାର ହେକ୍ଟର ସମୁଦାୟ ଚାଷ ଜମିରୁ ୫୦.୩୪% ଜମିରେ ଅଣଧାନ ଚାଷ ହେଉଛି। ପୂର୍ବାପେକ୍ଷା ଏହା କମିବା ଆରମ୍ଭ କଲାଣି।*

ମୌସୁମୀ ବର୍ଷା ଓଡ଼ିଶାକୁ ଭିଜାଇଲାଣି ତେବେ ଏ ସବୁ ଭିତରେ ଖାଉଟିମାନେ ବଜାରର ମହଙ୍ଗା ଚଡ଼କରେ ବିଲକୁଲ ଭିଜି ସାରିଲେଣି। ଚାଉଳ ଠାରୁ ଅଟା, ଡାଲି ଠାରୁ ଖାଇବା ତେଲ, ପନିପରିବା ଠାରୁ ଘରର ସମସ୍ତ ଖାଉଟି ଜିନିଷ ଆଶ୍ଚର୍ଯ୍ୟଜନକ ଭାବେ ରୀତିମତ ଚଢ଼ା। ମୌସୁମୀର ଆଗମନ ବିଳମ୍ବିତ ହେବା ସାଙ୍ଗକୁ ରବି ଫସଲ ଦରରେ ଏତେ ବେଶୀ ହେବ ବୋଲି କେହି ଭାବି ପାରିନଥିଲେ। ବଜାର ଦରକୁ ଟିକେ ନଜର ପକାନ୍ତୁ। ବାଇଗଣ, ଜହ୍ନି, ଟମାଟୋ, ଯାହାକୁ ବି ହାତ ମାରିବ କରେଣ୍ଟ ମାରିଲା ପରି ଦର। ସତୁରୀରୁ ଶହେ ଭିତରେ ସବୁ ମୂଲ୍ୟ। ଆଉ ଝୁଡ଼ଙ୍ଗ, ସଜନା ଛୁଇଁ ଆକାଶ ଛୁଆଁ ହେଲାଣି। ମଧ୍ୟବିତ୍ତ ପରିବାର ବୋଲି ଯେଉଁମାନଙ୍କୁ କୁହାଯାଏ ସେମାନେ ଏକ କିଲୋ ଜାଗାରେ ବଜାରରୁ ଅଧକିଲୋ କିଣୁଛନ୍ତି। ସାଧାରଣ ନିର୍ବାଚନ ତ ସରିଲା, ଖାଉଟି ମାନଙ୍କ ମୁଣ୍ଡ ଉପରେ ସତେ ଯେପରି ବଜାରର ଦର ଚଡ଼କ ପକାଇ ଦେଇଛି। ଏମିତିରେ ଡାଲି, ଚାଉଳ, ଆଳୁ, ପିଆଜ, ଅଦା, ରସୁଣ ସବୁ ଅମୂଲ ମୂଲ୍ୟ। ଏସବୁ ଭିତରେ ଖାଉଟିଟି ନିରୀହ ପ୍ରଶ୍ନଟି ପଚାରୁଛି ଯେ ବଜାର ଉପରେ କ'ଣ ସରକାରଙ୍କ ନିୟନ୍ତ୍ରଣ ନାହିଁ। ପାଇକାରି ତଥା ଖୁଚୁରା ବେପାରିମାନେ ବହୁ ପ୍ରକାର ସମସ୍ୟାକୁ ସାମ୍ନା କରୁଛନ୍ତି ବୋଲି ମତ ରଖୁଛନ୍ତି। ପାଠ କହୁଛି ବଜାରର ଆବଶ୍ୟକତା ଦେଖି ଯୋଗାଣ ହୋଇଥାଏ। ଚାହିଦା ଓ ଯୋଗାଣ ଶୃଙ୍ଖଳା ଉପରେ କର୍ତ୍ତୃପକ୍ଷ ନଜର ଦେବା କଥା। ଥରେ ତାହା ବିଗିଡ଼ି ଗଲେ ବଜାର ସ୍ଥିତି ଉପରେ ଆଉ କାହାର ଲଗାମ ରହିବ ନାହିଁ। ଯାହାର କୁ ପରିଣତି ହେଉଛି ବେଲଗାମ ଦର ବୃଦ୍ଧି।



ଆମ ଅର୍ଥନୀତିର ବଡ଼ ଘୋଷଣା କହୁଛି ଚାଉଳ ଏବଂ ଗହମ ଉତ୍ପାଦନରେ ଦେଶ ବଳକା ହୋଇ ସାରିଛି ଦେଶ। ୨୦୨୦ ମସିହାରୁ ପୂର୍ବ ଭାରତରେ ସବୁଜ ବିପ୍ଳବ କାର୍ଯ୍ୟକ୍ଷମ କରାଯାଉ ନାହିଁ। ଜଳବାୟୁ ପରିବର୍ତ୍ତନ, ଅପପୁଷ୍ଟି ମୁକାବିଲା ମୁଖ୍ୟ ଚ୍ୟାଲେଞ୍ଜ ଭାବେ ଉଭା ହେଲାଣି। ଏପରିସ୍ଥଳେ ରାଜ୍ୟ ସରକାର ଧାନ ଚାଷକୁ ହ୍ରାସ କରି ଫସଲ ବିବିଧୀକରଣକୁ ଗୁରୁତ୍ୱ ଦେଉଛନ୍ତି। ହେଲେ ଉଦବେଗର ବିଷୟ ହେଉଛି, ଏସବୁର ପ୍ରଭାବ ଚାଷ ଜମିରେ ପରିଲକ୍ଷିତ ହେଉନାହିଁ। ୨୦୨୦ ମସିହାରେ ସମୁଦାୟ ୭୯ ଲକ୍ଷ ୬୬ ହଜାର ହେକ୍ଟର ଚାଷ ଜମିରୁ ୪୯.୩୨% ଜମିରେ ଅଣଧାନ ଚାଷ ହେଉଥିଲା। ୨୦୨୧ ମସିହାରେ ୭୯ଲକ୍ଷ ୫୧ ହଜାର ହେକ୍ଟରରୁ ୫୦.୪୪% ଅଣଧାନ ଚାଷ ଥିଲା। ୨୦୨୩ ମସିହାରେ ଫସଲ ବିବିଧୀକରଣ କାର୍ଯ୍ୟକ୍ରମ ଅନ୍ତର୍ଗତରେ ୧୩୦.୯୫ କୋଟି ଟଙ୍କାର ପ୍ରୋତ୍ସାହନ ରାଶି ୧ଲକ୍ଷ ୮୯ ହଜାର ୭୮୩ ଚାଷୀଙ୍କୁ ଦିଆଯିବା ପରେ ସ୍ଥିତିରେ ବିଶେଷ ଉନ୍ନତି ଘଟିନାହିଁ। ବରଂ ରାଜ୍ୟରେ ବର୍ତ୍ତମାନ ସମୁଦାୟ ୮୧ ଲକ୍ଷ ୮୪ ହଜାର ହେକ୍ଟର ସମୁଦାୟ ଚାଷ ଜମିରୁ ୫୦.୩୪% ଜମିରେ ଅଣଧାନ ଚାଷ ହେଉଛି। ପୂର୍ବାପେକ୍ଷା ଏହା କମିବା ଆରମ୍ଭ କଲାଣି।

କୃଷି ବିଭାଗର ସୂଚନା ଅନୁସାରେ ରାଜ୍ୟରେ ୫୦ରୁ ଅଧିକ ପ୍ରକାର ଚାଷ ହେଉଛି। କୌତୁହଳ କଥା ହେଉଛି, ଅଣଧାନ ଚାଷ ପାଇଁ ବ୍ୟାପକ ପ୍ରୋତ୍ସାହନ ଦେଉଛନ୍ତି ସରକାର। ମାତ୍ର ସବୁ ଫସଲ ମିଶାଇ ଯେତେ ଚାଷ ହେଉଛି କେବଳ ଧାନ ସେତିକି ହେଉଛି। ୨୦୧୩ରୁ ୨୦୨୨ ମସିହା ମଧ୍ୟରେ ଧାନ ଉତ୍ପାଦନ ୫୬.୬୩% ବୃଦ୍ଧି ପାଇଛି। ତୈଳବୀଜ ୬୯୮ ହଜାର ମେଟ୍ରିକ ଟନରୁ ୫୧୩ ହଜାର ମେଟ୍ରିକ ଟନକୁ ହ୍ରାସ ପାଇଛି। ପରିବା ଉତ୍ପାଦନ ନାମକୁ ମାତ୍ର ଅର୍ଥାତ୍ ୪.୩% ବଢ଼ିଛି। ଡାଲି ମାତ୍ର ୩୪.୬୫% ବଢ଼ିଛି। ରାଜ୍ୟରେ ୪ଟି ଯୋଜନା ଅଧୀନରେ ଖରିଫରେ ୭ଲକ୍ଷ ହେକ୍ଟର ଏବଂ ରବିରେ ୧୩ ଲକ୍ଷ ହେକ୍ଟର ଡାଲି ଚାଷ ହୋଇ ସମୁଦାୟ ୧୦ଲକ୍ଷ ୭୪ ହଜାର ୨୪୦ ମେଟ୍ରିକ ଟନର ଡାଲି ଉତ୍ପାଦିତ ହେଉଛି। ହେଲେ ପ୍ରୋସେସିଂ ୟୁନିଟ ଅଭାବରୁ ଉତ୍ପାଦିତ ୧ଲକ୍ଷ ୮୦ ହଜାର ମେଟ୍ରିକ ଟନର ଡାଲି ହିଁ ରାଜ୍ୟ ବଜାରକୁ ଆସୁଛି। ଧାନ ଭଳି ଡାଲି ବିକ୍ରୟ ନେଇ ମଣ୍ଡି ବ୍ୟବସ୍ଥା ନାହିଁ। ଏଣୁ ଚାଷୀ ଏଥିପ୍ରତି ଆଗ୍ରହ ଦେଖାଉନାହାଁନ୍ତି। ଏମଏସପିର ଆଇନଗତ ମାନ୍ୟତା ନେଇ ଚାଷୀ ସଙ୍ଗଠନର ଆନ୍ଦୋଳନ ଚାଲିଥିବା ପରିପ୍ରେକ୍ଷୀରେ ବର୍ତ୍ତମାନ ସରକାର ଦୁଇ ପ୍ରକାର ଡାଲିଜାତୀୟ ଫସଲ ଏମଏସପିରେ କ୍ରୟ ପାଇଁ ପ୍ରସ୍ତାବ ଦେଇଛନ୍ତି। କେନ୍ଦ୍ର ଏହାକୁ କାର୍ଯ୍ୟକାରୀ କଲେ ଡାଲି ଚାଷୀ ଉପକୃତ ହେବା ସହିତ ଚାଷ ବଢ଼ିବା ଆଶା ରହିଛି। ଏହି ପ୍ରସ୍ତାବରେ ୫ ବର୍ଷ ପାଇଁ ସରକାର ମକା ଏବଂ କପା ମଧ ଏମଏସପିରେ କ୍ରୟ ପାଇଁ କହିଥିଲେ। ଓଡ଼ିଶାରେ ବର୍ତ୍ତମାନ ୮ଲକ୍ଷ ୬୦ ହଜାର ମେଟ୍ରିକ ଟନର ମକା ଉତ୍ପାଦିତ ହେଉଛି। ଏହାର ସ୍ୱତନ୍ତ୍ର ବଜାର ଚାହିଦା ରହିଛି। ହେଲେ ୧୦ ବର୍ଷ ମଧ୍ୟରେ ଉତ୍ପାଦନ ପରିମାଣ ମାତ୍ର ୧୦.୧୯% ବଢ଼ିଛି। ଏହି ଚାଷ ମୁଖ୍ୟତଃ ନବରଙ୍ଗପୁରର ଉମରକୋଟରେ ସୀମିତ ରହିଛି। ଅନ୍ୟପକ୍ଷରେ ବ୍ୟବସାୟୀଙ୍କ ପ୍ରତ୍ୟକ୍ଷ ନିବେଶ ରହିଥିବାରୁ କପା ଉତ୍ପାଦନ ୧୦ ବର୍ଷ ମଧ୍ୟରେ ୧୩୫% ବଢ଼ିଛି। ଅଣଧାନ ଚାଷ ମଧ୍ୟରୁ ମିଲେଟ ମିସନ ଅନ୍ତର୍ଗତରେ ମାଣ୍ଡିଆ ଚାଷ ଏବଂ ଉତ୍ପାଦନ ୫୭.୮୭% ବଢ଼ିଛି। ଧାନ ଖର୍ଚ୍ଚବହୁଳ ଏବଂ ପ୍ରାକୃତିକ ବିପର୍ଯ୍ୟୟରେ ଏହା ଶୀଘ୍ର ପ୍ରଭାବିତ ହୁଏ। ଏହା ଛଡ଼ା ଚାଉଳରେ ରାଜ୍ୟ ବଳକା ହୋଇ ସାରିଛି। ତେଣୁ ଅଣଧାନ ଚାଷ ପାଇଁ ଗୁରୁତ୍ୱ ଦିଆଯିବା ନିହାତି ଆବଶ୍ୟକ। ହେଲେ ସରକାରଙ୍କ ଯୋଜନା ଓ କାର୍ଯ୍ୟାନ୍ୱୟନ ମଧ୍ୟରେ ଯୋଜନା ଯୋଜନ ଦୂରତା କାରଣରୁ ଲକ୍ଷ୍ୟ ହାସଲ ହୋଇପାରୁନଥିବା ବିଶେଷଜ୍ଞଙ୍କ ମତ ରଖୁଛନ୍ତି।

ପୂର୍ବତନ ଦିବଂଗତ ପ୍ରଧାନମନ୍ତ୍ରୀ ଲୋକପ୍ରିୟ କଥାଟି କହିଥିଲେ 'ଜୟ ଜବାନ, ଜୟ କିଶାନ'। ହେଲେ ଆଜି କିଶାନ ଅର୍ଥାତ୍ ଚାଷୀପୁଅଟି କ୍ଷେତରେ କାନ୍ଦୁଛି। ପ୍ରୋତ୍ସାହନ ନାହିଁ, ବ୍ୟାଙ୍କମାନେ ଋଣ ଦେବାକୁ ମୁହଁ ମୋଡୁଛନ୍ତି। ଏପଟେ ଚାଷ କ୍ଷେତକୁ ଠିକ ଭାବେ ପାଣି ପହଞ୍ଚୁନି। ବନ୍ୟା, ମରୁଡ଼ି ତ ଚାଷୀର ସବୁ ଦିନିଆ ବନ୍ଧୁ। କେଉଁଠି ଅଭାବୀ ଚାଷୀଟି ଆତ୍ମହତ୍ୟା କଲାଣି ଆଉ ରାଜ୍ୟରେ ଶୀତଳ ଭଣ୍ଡାର ନଥିବାରୁ ଉତ୍ପାଦନ ସମୟରେ ଫସଲ ଟଙ୍କାକରେ ବିକ୍ରି ହେଉଥିବାବେଳେ ଝାଳବୁହା ପରିଶ୍ରମର ମୂଲ୍ୟ ଉଠୁନି। ଏସବୁ ଦେଖିଲେ ଚାଷବାସ ପ୍ରତି ଯୁବପିଢ଼ି କିପରି ଆଉ ଆଗ୍ରହ ରଖିବେ ତାହା ବଡ଼କଥା। ଟଙ୍କିକିଆ ଚାଉଳ, ପ୍ରଚାର ସର୍ବସ୍ୱ ଭୋଟକିଣା ରାଜନୀତି, ଚଷାପୁଅର ଅର୍ଥନୀତିକୁ ବଳ ଦେଇନଥାଏ ବରଂ ଅଳସୁଆ ଓ ନିକମା କରିଥାଏ। ଚଷାପୁଅ ପାଇଁ ବଡ଼ କଥା ହେଉଛି ସ୍ଥିର ବଜାର ଦର, ପର୍ଯ୍ୟାପ୍ତ ଶୀତଳ ଭଣ୍ଡାର, ବ୍ୟାଙ୍କର ସହଯୋଗ, ଉନ୍ନତ ଜଳସେଚନ ଓ ସୂଚନା ପ୍ରଯୁକ୍ତିର ଚାଷବାସ ପାଇଁ ସହଯୋଗ ଓ କଳା ବଜାରୀ ତଥା ଅଭାବୀ ବିକ୍ରି ପାଇଁ ସରକାରୀ ଦୃଢ଼ ନୀତି। ବଜାରରେ ତୈଳଜନିତ ମୂଲ୍ୟର ଦାମ ବଢ଼ିଲେ ପରୋକ୍ଷ ଭାବେ ଚାଷୀଟି କ୍ଷତିଗ୍ରସ୍ତ ହୋଇଥାଏ। ସରକାର ଯେଉଁପରି ବିଭିନ୍ନ ପ୍ରୋତ୍ସାହନ ଓ ସହଯୋଗ ସବୁ ଘୋଷଣା କରୁଛନ୍ତି ତାହା ବାସ୍ତବରେ କିନ୍ତୁ ସତ ହୋଇପାରି ନଥାଏ। ବଡ଼ ବ୍ୟବସାୟୀ ଓ ମୁନାଫାଖୋର ମାନଙ୍କ ବିଷଚକ୍ର ଭିତରେ ନିରୀହ ଚାଷୀଟି ବଳି ପଡ଼ିଯାଏ। ଉପଭୋକ୍ତାଙ୍କ ସ୍ୱାର୍ଥ ପାଇଁ ଖାଉଟି କଲ୍ୟାଣ ନୀତି ନାହିଁ। ବିପୁଳ ଧନ ଖଟାଇ ନିର୍ବାଚନ ବୈତରଣୀ ପାର ହେବାପରେ କାଶିଆ କିଏ ନା କପିଳା କିଏ ନ୍ୟାୟରେ ଖାଉଟିଙ୍କ ସ୍ୱାର୍ଥକୁ ଫୁ କରିଦେବା ଆମ ସାଧାରଣ ଜୀବନ ଦର୍ଶନରେ ପରିଣତ ହୋଇସାରିଲାଣି। ଏସବୁ ଭିତରେ ଜାତୀୟ ତଥା କ୍ଷେତ୍ରୀୟ ସରକାରମାନେ ଜନସ୍ୱାର୍ଥକୁ ଗୁରୁତ୍ୱ ଦେଇ ମହଙ୍ଗା ସ୍ଥିତିକୁ କିପରି ବଜାରକୁ ଦେଖି ମୁକାବିଲା କରିହେବ ସେ ପଦକ୍ଷେପ ନେବା ଜରୁରୀ। ଏକ ଗଣତାନ୍ତ୍ରିକ ଜନମଙ୍ଗଳ ରାଷ୍ଟ୍ରରେ ଜନସ୍ୱାର୍ଥକୁ ପ୍ରାଥମିକତା ଦେବା ସରକାରଙ୍କ ସର୍ବାଦୌ ଓ ପ୍ରାଥମିକ ମୂଳ କର୍ତ୍ତବ୍ୟ। ଏହି ମୂଳମନ୍ତ୍ରକୁ ବିଚାରକରି ଖାଉଟିଙ୍କ କଲ୍ୟାଣ ପାଇଁ ଠୋସ ଓ ବାସ୍ତବିକ ପଦକ୍ଷେପ ନେଲେ ତାହା ସର୍ବଜନ ହିତାୟ ହେବନାହିଁ ବରଂ ଖାଉଟିଟି ସର୍ବନିମ୍ନ ଭାବେ ଗଣ୍ଡାଏ ଖାଇବା ପାଇଁ ସମର୍ଥ ହୋଇପାରିବ।

ପ୍ରତିଷ୍ଠାତା, ସମ୍ପାଦକ 'ସିଂହଭୂମ୍', ପୁରୁଣା ସୋନାରି, ଜାମସେଦପୁର, ଦୂରଭାଷ : ୭୪୮୮୯୯୮୫୩୨

# ସମାଜବାଦୀ ଚିନ୍ତକ କିଶନ ପଟ୍ଟନାୟକ

ଡ଼ଃ.ଅରୁନ୍ଧତୀ ଦେବୀ

ସ୍ୱାଧୀନତା ଆନ୍ଦୋଳନ ସମୟର ମୂଲ୍ୟବୋଧକୁ ନେଇ ସ୍ୱାଧୀନତା ପରବର୍ତ୍ତୀ କାଳରେ ଯେଉଁ ଆଦର୍ଶବାଦୀମାନେ ସଂଗ୍ରାମ କରିଥିଲେ, ସେମାନଙ୍କ ମଧ୍ୟରେ କିଶନ ପଟ୍ଟନାୟକ ଅନ୍ୟତମ। ସ୍ୱାଧୀନତା ପରେ ସେ ସୁବିଧାବାଦୀ ଓ କ୍ଷମତା ରାଜନୀତିକୁ ଗ୍ରହଣ ନକରି ଯୋଗାଇଦେଇଥିଲେ ସମାଜବାଦୀ ଆନ୍ଦୋଳନରେ ଏବଂ ଜୀବନର ଶେଷ ସମୟ ପର୍ଯ୍ୟନ୍ତ ସମାଜବାଦ ମଣିଷ ପାଇଁ ଏକମାତ୍ର ସତ୍ୟ ବୋଲି ଗ୍ରହଣ କରି ସଂଗ୍ରାମ ଜାରି ରଖିଥିଲେ। ପ୍ରାଦେଶିକ ସ୍ତରରେ ସୁରେନ୍ଦ୍ରନାଥ ଦ୍ୱିବେଦୀ ଥିଲେ ତାଙ୍କର ରାଜନୈତିକ ଗୁରୁ। ସୁରେନ୍ଦ୍ରନାଥ ହିଁ ତାଙ୍କୁ ସମାଜବାଦୀ ଦଳ ବା ସୋସାଲିଷ୍ଟ ପାର୍ଟିରେ ଯୋଗ ଦେବାକୁ ଉପଦେଶ ଦେଇଥିଲେ। ନାଗପୁରରେ ସ୍ନାତକୋତ୍ତର ଶିକ୍ଷା ସମାପ୍ତି ପରେ କିଶନ ପ୍ରଥମେ ଚାକିରି କରିବାକୁ ମନ ବଳାଇଥିଲେ। ତେବେ ସୁରେନ୍ଦ୍ରନାଥଙ୍କ ଆହ୍ୱାନ ଦ୍ୱାରା ମନ ବଦଳାଇଥିଲେ। ସୋସାଲିଷ୍ଟ ପାର୍ଟିର ଓଡ଼ିଶା ଶାଖାର ଯୁଗ୍ମ ସଂପାଦକ ଭାବେ ତାଙ୍କର ନୂତନ ରାଜନୈତିକ ଜୀବନ ଆରମ୍ଭ ହୋଇଥିଲା। ନେହେରୁଙ୍କ ନୀତିକୁ ସମର୍ଥନ ପ୍ରସଙ୍ଗରେ ଏହି ଦଳ ପରେ ବିଭାଜିତ ହୋଇଥିଲା ଏବଂ କିଶନ, ଡ.ରାମ ମନୋହର ଲୋହିୟାଙ୍କ ସହ ରହିବାକୁ ନିଷ୍ପତ୍ତି ନେଇଥିଲେ। ଡ.ଲୋହିୟାଙ୍କ ଇଚ୍ଛା ମତେ ସେ ମ୍ୟାନକାଇଣ୍ଡ ପତ୍ରିକାର ସଂପାଦନା ଦାୟିତ୍ୱ ଗ୍ରହଣ କରି କିଛି କାଳ ହୈଦରାବାଦରେ ରହିଥିଲେ। ତୃତୀୟ ଲୋକସଭା ନିର୍ବାଚନ ପୂର୍ବରୁ ସେ ଓଡ଼ିଶା ଫେରି ବରଗଡ଼ ଚାଷୀ ଆନ୍ଦୋଳନର ନେତୃତ୍ୱ ନେଇଥିଲେ। ସେତେବେଳେ ମୁଖ୍ୟମନ୍ତ୍ରୀ ଥାଆନ୍ତି ବିଜୁ ପଟ୍ଟନାୟକ। ବିଜୁବାବୁଙ୍କ ଚାଷୀ ବିରୋଧୀ ପଦକ୍ଷେପକୁ ଗ୍ରହଣ କରିପାରି ନଥିଲେ ଯୁବକ କିଶନ। ସେ ଆନ୍ଦୋଳନ ଜାରି ରଖିବାରୁ ତାଙ୍କୁ ଗିରଫ କରାଯାଇଥିଲା। ଜେଲରେ ଥାଇ ସେ ସମ୍ବଲପୁର ଲୋକସଭା ଆସନରୁ ନିର୍ବାଚନ ଲଢ଼ି, ବିଜୟୀ ହୋଇଥିଲେ। ଏହା ତତ୍କାଳୀନ ଭାରତୀୟ ରାଜନୀତିର ଏକ ଉଲ୍ଲେଖନୀୟ ଘଟନା ଥିଲା। କିଶନଙ୍କୁ ସେତେ ବେଳେ ମାତ୍ର ସତେଇଶ ବର୍ଷ ବୟସ। ୧୯୬୨ ଏପ୍ରିଲରେ ତୃତୀୟ ଲୋକସଭାର ସର୍ବ କନିଷ୍ଠ ସାଂସଦ ଭାବେ ସେ ଶପଥ ନେଇଥିଲେ। ଏହି ସମୟରେ ନେହେରୁଙ୍କର ଆଡ଼ମ୍ବରପୂର୍ଣ୍ଣ ଜୀବନ ଶୈଳୀର ତୀବ୍ର ସମାଲୋଚନା କରି ପ୍ରଧାନମନ୍ତ୍ରୀଙ୍କ ଖର୍ଚ୍ଚ ଦୈନିକ ପଚିଶ ହଜାର ନାମକ ପୁସ୍ତକ ଲେଖିଥିଲେ। ପୁଣି ନେହରୁଙ୍କ ପଞ୍ଚବାର୍ଷିକ ଯୋଜନାର ସମାଲୋଚନା କରି ଲେଖିଥିଲେ ସତ୍ୟନାଶିଆ ଯୋଜନା। କିଶନ ଆଜୀବନ ସମଭିତ୍ତିକ, ନ୍ୟାୟ ଆଧାରିତ, ଶୋଷଣହୀନ ସମାଜ ବ୍ୟବସ୍ଥାର ବାର୍ତ୍ତାବହ ଥିଲେ। ଜଗତୀକରଣ, ଘରୋଇକରଣ, ଉଦାରୀକରଣ ନୀତିର ତୀବ୍ର ବିରୋଧୀ ଥିଲେ। ଏଗୁଡ଼ିକ କହୁଥିଲେ ବ୍ରହ୍ମରାକ୍ଷସ ଏବଂ ଏଗୁଡ଼ିକ ମାଧ୍ୟମରେ ତୃତୀୟ ବିଶ୍ୱ ରାଷ୍ଟ୍ରଗୁଡ଼ିକ ସାମ୍ରାଜ୍ୟବାଦ କବଳିତ ହେବାକୁ ଯାଉଥିବା ବିଶ୍ୱାସ କରୁଥିଲେ। ପୁଣି, ଆଧୁନିକ ପ୍ରଯୁକ୍ତି ବିଦ୍ୟା ଦ୍ୱାରା ଦାରିଦ୍ର୍ୟ ଓ ବେକାରି ଦୂର ହେବନାହିଁ ବୋଲି ଦୃଢ଼ତାର ସହ କହୁଥିଲେ। ଏହି ପ୍ରସଙ୍ଗରେ ଏକ ସଭାରେ ସେ ଆହ୍ୱାନ ଦେଇଥିଲେ ପଛକୁ ଫେରିଚାଲ। ଗାନ୍ଧୀବାଦୀ ମନମୋହନ ଚୌଧୁରୀ ଏହାର ଭୂୟସୀ ପ୍ରଶଂସା କରିଥିଲେ। ଏସବୁ କାରଣରୁ କିଶନ ଅନ୍ୟମାନଙ୍କ ଠାରୁ ଥିଲେ ନିଆରା ମଣିଷ। ୧୯୨୯ ଜୁନ୍ ଆଜିର ଦିନରେ ଭବାନୀପାଟଣାରେ ସେ ଜନ୍ମ ହୋଇଥିଲେ।

ନିର୍ଦ୍ଦେଶିକା-ସମ୍ପାଦିକା, ଆନ୍ତର୍ଜାତିକ ଅଶୋଭନୀୟତା ନିରୋଧ ଆନ୍ଦୋଳନ, କଟକ, ଦୂରଭାଷ : ୯୯୩୭୧୭୨୮୧୦

# ନିଶାପ

॥ ଉତ୍କଳାନନ୍ଦ ଅଜୟ କୁମାର ବେହେରା ॥

ନ୍ୟାୟ କରିବା ପରିବେଶ ହିଁ ନିଶାପ। ଗ୍ରାମରେ ମୁରବୀମାନେ ଜାତି ପାଟକରେ ମୁରବୀମାନେ କୌଣସି ବ୍ୟକ୍ତି ବିରୁଦ୍ଧରେ କିଛି ଅଭିଯୋଗ ଆଗତ କଲେ ଏକ ନ୍ୟାୟ ପରିବେଶ ସୃଷ୍ଟି କରି ଉଭୟ ବାଦୀ ପ୍ରତିବାଦୀ ଓ ତାଙ୍କର ସାକ୍ଷୀ ମାନଙ୍କୁ ଡକାଇ ନିଶାପ କରନ୍ତି। ନିଶାପରେ କେଉଁମାନେ ଭାଗ ନେଇ ପାରିବେ ତାହା ଗ୍ରାମ୍ୟ ଲୋକେ ବା ଜାତିଭାଇମାନେ ପରସ୍ପର ଆପୋଷ ଭାବରେ ସିଦ୍ଧାନ୍ତ କରି ବ୍ୟକ୍ତି ଚିହ୍ନଟ ରଖିଥାନ୍ତି। ଆମର ଏକ ନିଶାପ ଘଞ୍ଚ ଗ୍ରାମରେ ରହିଥିଲା। ତାହା ଏକ ବିଲୁପ୍ତ ଗ୍ରାମରେ ବର୍ଷିୟାନ ମୁରବୀ ଗୃହର କୁଳବୃଦ୍ଧ ବ୍ୟକ୍ତିମାନେ ମାନ୍ୟତା ସମ୍ପନ୍ନ ଥିଲେ। ଲୋକେ ତାଙ୍କୁ ଭକ୍ତି ଓ ଭୟ କରୁଥିଲେ ତାଙ୍କର ଆଦେଶକୁ ମାନି ନେଉଥିଲେ। ସମୟ ଆସିଲା ଭାରତ ସ୍ୱାଧୀନତା ପରେ ପରେ ଲୋକେ ସେ ସବୁକୁ ହେୟଜ୍ଞାନ ମନେ କଲେ। ଅଭିଯୋଗ ଛୋଟ ଥିଲେ ତାକୁ ରଙ୍ଗ ଦେଇ ବଡ଼କରି ଥାନା କଚେରୀ ବିଚରାଳୟ ଧାବିତ ହେଉଛନ୍ତି। ଛୋଟ କର୍ମଟା ଅଗ୍ନୀ ସ୍ଫୁଲିଙ୍ଗ ପରି ଲେଲିହମାନ ହୋଇଯାଉଛି। ଏବେ କଙ୍ଗାରୁ କୋର୍ଟ ଶୁଣାଯାଉଛି। ଯାହା ଏକ ନିଷ୍କାମ ଅଭିଯୋଗକୁ ଗୁରୁତର ଦଣ୍ଡରେ ସାବ୍ୟସ୍ତ କରାଯାଉଛି। କୋର୍ଟ ମାର୍ଶାଲ ସୈନ୍ୟ ବାହିନୀରେ ଅଛି। ମୋବାଇଲ କୋର୍ଟ ଭ୍ରାମ୍ୟମାଣ ବିଚାରପତିଙ୍କର ଦୃଷ୍ଟି ଆକର୍ଷଣରେ ଅଭିଯୋଗକାରୀ ନଥାଇବି କାନୁନ ଭଙ୍ଗକାରୀ ଦଣ୍ଡିତ। ଏମିତି ମେଳା କରି ଗୁଡ଼ିଏ ମକଦ୍ଦମା ଏବେ ଲୋକଙ୍କର ଶୁଣାଣି କରି ଫଏସଲା ବିଚାରାଳୟ କରୁଛନ୍ତି। ପୂର୍ବେ କାଜୀମାନେ ଇସଲାମିକ ରଜାରେ କରୁଥିଲେ। ଯାହାକୁ ଶେଷ ସାବସ୍ତ ଧରାଯାଉଥିଲା। ରାଜତନ୍ତ୍ରର ରାଜାମାନେ ବିଚାରପତି ରହିବା ଜଣାଯାଏ। ସେ ଚଣ୍ଡ ମୁଣ୍ଡର କର୍ତ୍ତା ଥିଲେ। କୋଦିଣ୍ଡା ନିଶାପ ପରି ଏକ ପ୍ରହସନ ନିଶାପ ଅଛି। ଜଣେ ଦୋଷୀ ଦଣ୍ଡଭୋକ୍ତା ଆଉଜଣେ ରାଜା ଅବୁଝାକୁ ମନ୍ତ୍ରୀ ବୁଦ୍ଧିମାନ ବୋଲି ମୁହଁରେ ପାଳବିଣ୍ଡା ଦେଇ ସଦା ବସିଥାନ୍ତି। ରାଜା ପଚାରିଲେ ମନ୍ତ୍ରୀ ମୁଖରୁ ବିଣ୍ଡା ଖୋଲି ମତ ଦିଅନ୍ତି। ସିନ୍ଧିଚୋରୀ କରିବାବେଳେ ଘରର କାନ୍ଥ ଚୋର ଉପରେ ପଡ଼ି ପ୍ରାଣ ଗଲା। ଚୋରର ପତ୍ନୀ ରାଜାଙ୍କୁ ଗୁହାରୀ କଲା ବିଚାର ଚଳିଲା। ଏଠାରେ ଚୋରର କାନ୍ଥ ତାଡ଼ିବା ଦୋଷ ଧରା ଗଲାନାହିଁ। ଚୋରୀ କାହିଁକି କରିବାକୁ ଆସିଲା ଚୋରୀ ଏକ ଅପରାଧ ଧରାଗଲା ନାହିଁ। ଧରାଗଲା ଘରବାଲା କାନ୍ଥ ପାଇଁ ମାଟି ଚକଟିବା ବାଲା କାନ୍ଥ ଦେଲାବାଲ ଏଥିରେ ଏମାନେ ଅତିବୃଦ୍ଧ ହୋଇଯିବାରୁ ଜଣେ ସୁସ୍ଥ ଯୁବକକୁ ଧରି ଦଣ୍ଡ ଦିଆଗଲା। ଏକା ଦିଣ୍ଡ ନିଶାପ।

ଗୋରୁଟିଏ ଫିଟି ଫସଲ ଖାଇ ଯାଇଛି। ଏ ଅଭିଯୋଗରେ ସତ୍ୟ ହେଲା ଫସଲ କ୍ଷେତ୍ରରୁ ବହୁଦୂରରେ ଗୋରୁଟିଏ ଖୁଣ୍ଟରେ ଲମ୍ବା ଦଉଡିରେ ବନ୍ଧାଯାଇ ପଡ଼ିଆରେ ଘାସ, ଚରୁଥିଲା ମାତ୍ର ଶସ୍ୟ କ୍ଷେତ୍ରର ମାଲିକର ଅଭିଯୋଗ ଏହି ଗୋରୁ ତାର ଫସଲ ଖାଇ ନଷ୍ଟ କରିଛି। ଫସଲ ଅନ୍ୟକାହାଦ୍ୱାରା ନଷ୍ଟ କି ଗୋରୁ ମାଲିକ ସହତ ତାର କିଛି ଶତୃତା ଥିଲା ଏଇଟି ମାମଲା ଲଗାଇ ସାକ୍ଷୀ ସମ୍ବନ୍ଧ ଯୋଗାଡ଼ କରି ରାଜାଙ୍କ ଆଗରେ ଗୁହାରି କରାଗଲା। ରାଜା ବିଚାରର ପାଇଁ ପାଳବିଣ୍ଡା ରୁଦ୍ଧ ମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରନ୍ତେତ ମନ୍ତ୍ରୀ କହିଲେ ଗୋରୁଟା ତୋର କଣ ସେ କ୍ଷତ୍ର ଦିଗକୁ ଚାହିଁ ନାହିଁ। ଗୋରୁ ମାଲିକ କହିଲା ହଜୁର ନିଶ୍ଚେ ଚାହିଁଥିବ ମୁଁ କେମିତି ନାହିଁ କରିବି ଗୋରୁଟା ସେ ଦିଗକୁ ଚାହିଁ ନଥିବ ଯଦି ଚାହିଁଛି ତେବେ ଫସଲ ଅଧେ ଖାଇଛି। ଫିଟିଥିଲେ ସବୁ ଖାଇ ଯାଇଥାନ୍ତା ଏଥିରେ ତୋତେ ତାର କ୍ଷତି ପୂରଣ ଭଣା କରିବାକୁ ପଡ଼ିବ। ଏମିତିକା ନ୍ୟାୟ ନିଶାପ ଏବେ ନଥିଲେ ବି ଏପରି ନ୍ୟାୟ କିଛି କିଛି ବିଭିନ୍ନ ସ୍ତରରେ ଘଟୁଛି। ଜୁଲମ କରି ଦୋଷଲଦା ଯାଉଛି ଦଣ୍ଡ ଜୋରିମାନା ହେଉଛି। ସରକାରରେ କାନୁନ ବଡ଼ ସହରରେ କମିଶନରେଟ ପୋଲିସ ବ୍ୟବସ୍ଥା ହୋଇଛି। କାନୁନ ବେଳେ ତାର ପରିଣତି ଲୋକେ ବୁଝି ନଥିଲେ ଲୋକେ ଭାବୁଥିଲେ ଲୁଚୁଥିବା ଅପରାଧି ଏବେ ଧରାପଡ଼ିବା ସହଜ ହେବ ହେଲେ ଖୋଜି ଖୋଜି ହେଲମେଟ ଚେକିଂ ଗାଡ଼ି ନମ୍ବର ଚେକିଂ ଚାଳକ ଲାଇସେନ୍ସ ଚେକିଂ ବୀମା ଚେକିଂରେ ଅପରାଧ ଧରାଯାଇ ସାଥି ସାଥି ଅର୍ଥଦଣ୍ଡ ଆଦାୟ ଚାଲୁଛି। କଥାଟା ଉପଦେଶାସକ ଭଲ ହେଲେ ଲୋକଙ୍କୁ ଆଗ ଏ ନିୟମରେ ବ୍ରତୀ କରାଯିବା ଆବଶ୍ୟକ ରହିଛି। ଅଗ୍ନୀ ସାକ୍ଷୀରେ ବରକନ୍ୟା ବିବାହ ହେଉଛନ୍ତି। ହେଲେ ମନ ମାଳିନରେ ଅଭିଯୋଗ ଆଣି ଯୌବନ ବୃଥା କରି ମାମଲା ଲଢ଼ା ଚାଲିଛି। ମିଥ୍ୟା ମିଶା ଅଭିଯୋଗ ନହେଲେ ମାମଲା ହୋଇନପାରେ। ଏ କଳି ଯୁଗ କଳିଯୁଗ ଦ୍ୱାହିରେ ଚଳୁଛନ୍ତି। କେହି ସଂସ୍କାରିତ ହେଉନାହାଁନ୍ତି। ସମସ୍ତେ ଯୁଗର ନିଆଁରେ ଝାସ ଦେଉଛନ୍ତି। ପୂର୍ବର ଘଟଣାରୁ କେହି ଶିକ୍ଷା କରୁନାହାଁନ୍ତି। ଏବେ ପରପୋଷଣ ନୀତି ସମସ୍ତଙ୍କର ଜୋରଦାର। ମିଥ୍ୟାରୋପ ଅତିଷ୍ଠ ସତ୍ୟସବୁ ପିତା ଲାଗୁଛି।

ବରେଣ୍ୟ ବାଣୀ' ପିସି ସରକାର ଲେନ୍, ଅରୁଣୋଦୟ ମାର୍କେଟ, କଟକ, ଦୂରଭାଷ : ୯୪୩୭୦୩୧୨୫୩

# ସ୍ମୃତି ଭିତରେ କ୍ୟାମେରାର ମୁହୂର୍ତ୍ତ

॥ ବିପିନ ବିହାରୀ ରାଉତ ॥

ଆଜି କ୍ୟାମେରା ଦିବସ। ଆଜିକା ଯୁଗରେ ମାନବ ସମାଜର ଏକ ଅବିଚ୍ଛେଦୀୟ ଅଙ୍ଗ ଭାବେ କ୍ୟାମେରାକୁ ବିବେଚନା କରାଯାଏ। କୌଣସି ନୂଆ ସ୍ଥାନକୁ ଗସ୍ତ ହେଉ କିମ୍ବା କୌଣସି ନୂତନ କାର୍ଯ୍ୟ କରିବା ହେଉ, ମୂଲ୍ୟବାନ ମୁହୂର୍ତ୍ତକୁ ଫଟୋ ଆକାରରେ ଜୀବନ ସାରା ସାଇତି ରଖିବା ପାଇଁ ଖୋଜା ପଡ଼ିଥାଏ କ୍ୟାମେରା। ଯଦିଓ ଆଜିକା ସମୟରେ କ୍ୟାମେରାର ଢ଼େର ଜାଗା ନେଇଯାଇଛି ଅତ୍ୟାଧୁନିକ ମୋବାଇଲ ତେବେ ଏସବୁ ଭିତରେ ସ୍ମୃତି ରୋମନ୍ଥନ କରିବା ପାଇଁ କ୍ୟାମେରାର ପ୍ରିୟତା କମି ନାହିଁ। ଆପଣ ଟିକିଏ ଆପଣ ମାନଙ୍କ ପିଲାଦିନର କଥା ମନେ ପକାନ୍ତୁ। ଷ୍ଟୁଡିଓ ଯାଇ କ୍ୟାମେରା ସାମ୍ନାରେ ଫଟୋ ଉଠାଇବା ପାଇଁ କେତେ ଆଗ୍ରହ ଓ ଉଚ୍ଚାଟ ନଥିଲା !! ମୋ ପିଲାଦିନର ସ୍ମୃତି ମଧ୍ୟ ବହୁତ ରହିଛି। ସେ ସମୟର କଳାଧଳା ଫଟୋ ଓ ପରବର୍ତ୍ତୀ ସମୟର ରଙ୍ଗୀନ ଫଟୋ ଭିତରେ ଲମ୍ବା ତଫାତ୍ ରହିଥିଲେ ମଧ୍ୟ କ୍ୟାମେରା ସବୁଦିନ ପାଇଁ ଅବିସ୍ମରଣୀୟ। ଏପରି ଅନେକ ସ୍ମୃତି, କଥା, କାହାଣୀ ଆଉ ପିଛିଲା ଦିନର ରଙ୍ଗୀନ ହୁଏତ କଳାଧଳା, ସମୟକୁ ମନେ ପକାଇବା ପାଇଁ ଫଟୋ, କ୍ୟାମେରା ଓ କ୍ୟାମେରା ନିର୍ମାତାଙ୍କ କାର୍ଯ୍ୟକୁ ପ୍ରଶଂସା କରିବା ଲକ୍ଷ୍ୟରେ ପ୍ରତିବର୍ଷ ଜୁନ୍ ୨୯ରେ ପାଳିତ ହୁଏ ଜାତୀୟ କ୍ୟାମେରା ଦିବସ। କ୍ୟାମେରା ଦ୍ୱାରା ଫ୍ରେମ୍‌ରେ ସ୍ମୃତିଗୁଡ଼ିକୁ ସାଇତି ରଖିବା ଖୁବ୍ ସରଳ ହୋଇଯାଇଛି। କ୍ୟାମେରା ଏକ ଅପରିବର୍ତ୍ତନୀୟ ଉପକରଣ ଯାହା ଘଟଣା, ଦୁର୍ଘଟଣା, ସ୍ମୃତି ଆଦିକୁ ରେକର୍ଡ଼ କରିବା ପାଇଁ ବ୍ୟବହୃତ ହୋଇଥାଏ।

୧୬୮୫ ମସିହାରେ ଜନ ଜହନ ପ୍ରଥମ କ୍ୟାମେରା ଡିଜାଇନ କରିଥିଲେ। କିନ୍ତୁ ପ୍ରଥମ ଫଟୋ ଜୋସେଫ ନାଇସଫେଶର ନାଇପସି ଉତ୍ତୋଳନ କରିଥିଲେ। ଫ୍ରେଞ୍ଚ ଉଦ୍ଭାବକ ଜୋସେଫ ନିସେଫର ନିପସ ୧୮୨୫ରେ ବିଶ୍ୱର ପ୍ରଥମ ଫଟୋଗ୍ରାଫ ଉଠାଇଥିଲେ। ସେଇଟି ଥିଲା, ଲି ଗ୍ରାସ୍‌ସ୍ଥିତ ତାଙ୍କ ପାରିବାରିକ ଭୂସଂପତ୍ତିର ଫଟୋ। ସେ ଯେଉଁ କାରିଗରୀ କୌଶଳ ଦ୍ୱାରା ନିଜ ପ୍ରାସାଦର ଏକ ଝରକା ପାଖରୁ ଫଟୋଟି ଉଠାଇଥିଲେ, ତାହା ହେଲିଓଗ୍ରାଫ ଭାବେ ନାମିତ। ତାହା ପରେ ୧୮୩୯ରେ ଲୁଇସ ଜାକ୍ ମାଣ୍ଡେ ଡାଗେୟା ଏବଂ ୧୮୫୬ରେ ହାମିଲଟନ ସ୍ମିଥ ଫଟୋ ଉଠାଇବା ପାଇଁ ଯଥାକ୍ରମେ ଡାଗେୟାଟାଇପ୍ ଓ ଟିନ୍‌ଟାଇପ କାରିଗରୀ କୌଶଳ ବିକଶିତ କରିଥିଲେ। ତାହାର ବହୁ ବର୍ଷ ପରେ ପ୍ରଥମ କ୍ୟାମେରା ଫିଲ୍ମ (କ୍ରମଶଃ)

# ନିଅଣ୍ଟିଆ ବର୍ଷା ସାଙ୍ଗକୁ ଧାନ ବିହନ ଅଭାବ ଚାଷୀଙ୍କୁ ଚିନ୍ତାରେ ପକାଇଛି



**ନୟାଗଡ଼,(ମହାଭାରତ) :** ନୟାଗଡ଼ ଜିଲ୍ଲାରେ ଖରିଫ ଫସଲ ପାଇଁ ସରକାରୀ ଧାନ ବିହନ ବିକ୍ରି ଚାଲିଛି। ସେପଟେ କିନ୍ତୁ ଚାଷୀଙ୍କ ଅଭିଯୋଗ ଧାନ ବିହନ ଅନ୍ୟମିତା ହେଉଛି। ମାସକ ମଧ୍ୟରେ ଯେତିକି ଜଣ ଡିଲର କୃଷି ବିଭାଗରୁ ବିହନ ନେବା କଥା ସେତିକି ନେଇ ନାହାନ୍ତି। ସରକାରୀ ଓ ବେସରକାରୀ ଡିଲରଙ୍କୁ ମିଶାଇ ମୋଟ୍ ୨୦୭ ଜଣଙ୍କ ବଦଳରେ ବର୍ତ୍ତମାନ ସୁଦ୍ଧା ମାତ୍ର ୯୪ ଜଣ ଏହି ପ୍ରକ୍ରିୟାରେ ସାମିଲ ହୋଇଛନ୍ତି। ଫଳରେ ବଜାରରେ ଚାଷୀଙ୍କ ପାଇଁ ସରକାରୀ ବିହନ ପର୍ଯ୍ୟାପ୍ତ ହୋଇପାରୁ ନାହିଁ। ବାଧହୋଇ ଚାଷୀ ଘରୋଇ ବଜାରରୁ ଚଡ଼ାଦରରେ ଚାଷୀ ବିହନ କିଣୁଥିବା ଅଭିଯୋଗ କରିଛନ୍ତି। ସେପଟେ ଜିଲ୍ଲା କୃଷି ଅଧିକାରୀ ଉତ୍ତର ଚାଷୀଙ୍କୁ ସୁଲଭ ମୂଲ୍ୟରେ ଧାନ ବିହନ ଯୋଗାଇ ଦିଆଯାଇଛି। ଜିଲ୍ଲାରେ ଧାନ ବିହନର କୌଣସି ଅଭାବ ନାହିଁ। ନୟାଗଡ଼ ଜିଲ୍ଲାରେ ଖରିଫ ଚାଷ ଆରମ୍ଭ ରୁ କେଁ। ଚାଷୀଙ୍କୁ ମିଳିନି ଧାନ ବିହନ। ନିଅଣ୍ଟିଆ ବର୍ଷା ସାଙ୍ଗକୁ ଧାନ ବିହନ ଅଭାବ ଚାଷୀଙ୍କୁ ଚିନ୍ତାରେ ପକାଇଛି। ଜିଲ୍ଲାର ଆଠଟି ଯାକ ବ୍ଲକ୍ ଅଞ୍ଚଳରେ ବର୍ଷା ଅଭାବରୁ ଚାଷ କାର୍ଯ୍ୟ ବିଳମ୍ବ ହୋଇଥିବା ବେଳେ ସେପଟେ ଚାଷୀଙ୍କୁ ଧାନ ବିହନ ଯୋଗାଣରେ ଅନ୍ୟମିତା କୃଷି ବିଭାଗର ଅବହେଳାକୁ ପଦାରେ ପକାଇଛି। ଚାଷୀଙ୍କ ଅଭିଯୋଗ ଧାନ ବିହନ ଅଭାବ ରୁ ଶହ ଶହ ହେକ୍ଟର ଜମି ଧାନ ବୁଣା ନହୋଇ ପଡିଆ ପଡିଛି। ଚାଷୀଙ୍କୁ ସୁଲଭ ମୂଲ୍ୟରେ ଧାନ ବିହନ ଯୋଗାଇ ଦେବା ପାଇଁ ଚଳିତ ବର୍ଷ ସରକାରୀ ଏବଂ ବେସରକାରୀ ସ୍ତରରେ ୨୦୭ ଜଣ ଡିଲର ନାମ ପଞ୍ଜିକୃତ କରିଥିବା ବେଳେ କୃଷି ବିଭାଗର ଅବହେଳା ପାଇଁ ମାତ୍ର ୯୪ ଜଣ ଏହି ପ୍ରକ୍ରିୟାରେ ସାମିଲ ହୋଇଛନ୍ତି। ଏତେ ସଂଖ୍ୟାରେ ଡିଲର କାହିଁକି ବିହନ କିଣା ପ୍ରକ୍ରିୟାରେ ଏପର୍ଯ୍ୟନ୍ତ ସାମିଲ ହୋଇନାହାନ୍ତି ତାହାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ବିହନ ବିକ୍ରି ଆରମ୍ଭରୁ କୃଷି ବିଭାଗ ପକ୍ଷରୁ ସ୍ପଷ୍ଟ କରାଯାଇଥିଲା ଯେ ଚଳିତ ବର୍ଷ ୧୩୨ଟି ସମବାୟ ସମିତି ଓ ୭୫ ଜଣ ବେସରକାରୀ ଡିଲରଙ୍କ ଜରିଆରେ ଜିଲ୍ଲାର ଚାଷୀଙ୍କୁ ଖରିଫ୍ ଋତୁରେ ବିହନ ଯୋଗାଇ ଦିଆଯିବ। ବର୍ତ୍ତମାନ ସୁଦ୍ଧା ମାତ୍ର ୭୦ଟି ସମବାୟ ସମିତି ଓ ୨୪ ଜଣ ଘରୋଇ ଡିଲର କୃଷି ବିଭାଗ ନିକଟରୁ ବିହନ କିଣିଛନ୍ତି। କିନ୍ତୁ ଅନ୍ୟ ଡିଲର ଏବଂ ସୋଷାଇଟ ଗୁଡିକ ଏହି ପ୍ରକ୍ରିୟାରେ ସାମିଲ ହୋଇ ନଥିବାରୁ ସରକାରୀ ଧାନ ବିହନ ଯୋଗାଣରେ ଅନ୍ୟମିତା ଦେଖା ଦେଇଛି। ଧାନ ବିହନ ଅଭାବ ସାଙ୍ଗକୁ ନିଅଣ୍ଟିଆ ବର୍ଷା ପାଇଁ ଚଳିତ ବର୍ଷ ଜିଲ୍ଲାରେ ଖରିପ ଧାନ ଚାଷରେ ବିଳମ୍ବ ହୋଇଥିବା ଚାଷୀମାନେ ଅଭିଯୋଗ କରିଛନ୍ତି। ଜିଲ୍ଲା କୃଷି ବିଭାଗ ଅଧିକାରୀଙ୍କ ସୂଚନା ଅନୁଯାୟୀ ଚଳିତ ବର୍ଷ ଜିଲ୍ଲାରେ ୧ ଲକ୍ଷ ୩୪ ହଜାର ହେକ୍ଟର ଜମିରେ ଧାନ ବୁଣା ରୁଆ ପାଇଁ ଲକ୍ଷ ରଖାଯାଇଛି। ଜୁନ ମାସ ସୁଧା ୪ ହଜାର ୭ ଶହ ୪ କ୍ୱିଣ୍ଟାଲ୍ ଧାନ ବିହନ ବିକ୍ରି ହୋଇଛି। ସେଥିମଧ୍ୟରୁ ନୟାଗଡ଼ ବ୍ଲକରେ ୧୭୨ କ୍ୱିଣ୍ଟାଲ୍ ଧାନ ବିହନ ଏବଂ ୧୧ କ୍ୱିଣ୍ଟାଲ୍ ଧନିଚା ବିହନ ବିକ୍ରୀ ହୋଇଥିବା ବେଳେ ଓଡ଼ଗାଁରେ ୮୩୦ କ୍ୱିଣ୍ଟାଲ୍ ଧାନ ଓ ୧୭ କ୍ୱିଣ୍ଟାଲ୍ ଧନିଚା, ରଣପୁରରେ ୩୬୬ କ୍ୱିଣ୍ଟାଲ୍ ଧାନ ଓ ୩୭ କ୍ୱିଣ୍ଟାଲ୍ ଧନିଚା, ଏବଂ ଖଣ୍ଡପଡ଼ାରେ ୧୮୩ କ୍ୱିଣ୍ଟାଲ୍ ଧାନ ଓ ୩୬ କ୍ୱିଣ୍ଟାଲ୍ ଧନିଚା, ଭାପୁରରେ ୩୪୬ କ୍ୱିଣ୍ଟାଲ୍ ଧାନ ଓ ୩ କ୍ୱିଣ୍ଟାଲ୍ ଧନିଚା, ଦଶପଲ୍ଲାରେ ୨୦୪ କ୍ୱିଣ୍ଟାଲ୍ ଧାନ ଓ ୨୬ କ୍ୱିଣ୍ଟାଲ୍ ଧନିଚା ଓ ନୂଆଗାଁରେ କେବଳ ୪୬୮ କ୍ୱିଣ୍ଟାଲ୍ ଓ ୧୧ କ୍ୱିଣ୍ଟାଲ୍ ଧନିଚା ବିହନ ଶୋଷାଇଟ ଏବଂ ଡିଲର ମାଧ୍ୟମରେ ବିକ୍ରି ହୋଇଛି। ଜୁଲାଇ ପର୍ଯ୍ୟନ୍ତ ଏହି ବିହନ ବିକ୍ରି ପ୍ରକ୍ରିୟା ଚାଲୁ ରହିବ। ଏବେ ଚାଷୀଙ୍କ ପାଇଁ ୧୦ ଟି କିସମର ବିହନ ଯୋଗାଇ ଦିଆଯାଉଛି। ସେଗୁଡିକ ହେଲା ୧୦୦୧, ମସୁରୀ, ପୂଜା, ୧୦୭୫, ସ୍ୱର୍ଣ୍ଣ ସବ୍ ?- ୧. ମୃଣାଳିନୀ, କଳାଚମ୍ପା, ହସନ୍ତ, ଶାରଳା ଓ ୧୧୫୩ ଉପଲବ୍ଧ ରହିଛି। ପୂର୍ବରୁ ୨୦ କେଜି ବସ୍ତାରେ ଏହି ବିହନ ବିକ୍ରି ହେଉଥିଲା। ମାତ୍ର ଚଳିତ ବର୍ଷ ୧୦ କେଜି ବସ୍ତାରେ ଏହି ବିହନ ବିକ୍ରି କରାଯାଉଛି। ବର୍ଷା ଅଭାବରୁ ଚାଷ କାର୍ଯ୍ୟ ବିଳମ୍ବ ହୋଇଥିବାରୁ ଧୀରେ ଧୀରେ ଡିଲର ମାନେ ବିହନ କିଣୁଛନ୍ତି। ଯେଉଁ ବ୍ଲକ୍‌ରେ ଯେତେ ଆବଶ୍ୟକତା ରହିଛି ସେତିକି ପରିମାଣରେ ବିହନ ଯୋଗାଇ ଦିଆଯିବ। ଚାଷୀମାନେ ଆଦୌ ହଇରାଣ ହେବେ ନାହିଁ। ଯେଉଁ ସମିତି ଓ ଡିଲର ମାନେ ଏ ପର୍ଯ୍ୟନ୍ତ ବିହନ ନେଇ ନାହାନ୍ତି ସେମାନେ ଆସନ୍ତା ସପ୍ତାହ ସୁଦ୍ଧା ଧାନ ବିହନ ଉଠାଇବା ପାଇଁ ନିର୍ଦ୍ଦେଶ ଦିଆଯାଇଥିବା ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ କହିଛନ୍ତି। ଜିଲ୍ଲାରେ ଧାନ ବିହନର ଅଭାବ ନଥିବା ସେ ସୂଚନା ଦେଇଛନ୍ତି। ନିଅଣ୍ଟିଆ ବର୍ଷା ପାଇଁ ଚଳିତ ବର୍ଷ ଖରିପ୍ ଧାନ ଚାଷ କାର୍ଯ୍ୟ ବିଳମ୍ବ ହେଉଥିବା ଦେଖା ଦେଇଥିବା ବେଳେ ସେପଟେ ବର୍ଷା ପରେ ଚାଷ କାର୍ଯ୍ୟକୁ ଆଗେଇ ନେବା ପାଇଁ ଚାଷୀଙ୍କୁ ଆବଶ୍ୟକ ମୁତାବକ ସୁଲଭ ମୂଲ୍ୟରେ ଧାନ ବିହନ ଯୋଗାଇ ଦେବା ପାଇଁ ଦାବି ହୋଇଛି।

# କମ୍ପାନୀ ଗେଟ୍ ସମ୍ମୁଖରେ ଧାରଣା ଦେଲେ ଗ୍ରାମବାସୀ




**ବଡ଼ବିଲ,(ମହାଭାରତ) :** କେନ୍ଦୁଝର ଜିଲ୍ଲା ଭଦ୍ରାସାହି ପଞ୍ଚାୟତ ଅନ୍ତର୍ଗତ ଟଣ୍ଟ ଗ୍ରାମରେ ଅବସ୍ଥିତ ନାର୍ଭେରାମ ପାୱାର ଏଣ୍ଡ ଷ୍ଟିଲ ପ୍ରାଇଭେଟ୍ ଲିମିଟେଡ ର ଲିଜ ଅନ୍ତର୍ଭୂକ୍ତ ରଇଡ଼ା (୨) ଆଇରନ ଓର ମାଇନ୍ସ ରେ କିଛି ସ୍ଥାନୀୟ ଲୋକ ଅର୍ଜୁନ ସାଣ୍ଡିଲଙ୍କ ନେତୃତ୍ୱ ରେ କମ୍ପାନୀ ଗେଟ୍ ସମ୍ମୂଖ ରେ ଧାରଣା ଦେଇଥିବା ଖବର ଆସିଛି। ପ୍ରାପ୍ତ ଖବର ଅନୁସାରେ ଧାରଣାରେ ବସିଥିବା ବ୍ୟକ୍ତି ମାନେ ଗତ ୧୨ ଜୁଲାଇ ତାରିଖ ରେ ବିଭିନ୍ନ ଦାବି ସହ କମ୍ପାନୀ କର୍ତ୍ତୃପକ୍ଷଙ୍କୁ ଏକ ପତ୍ର ଦେଇଥିଲେ , ଯେଉଁଥିରେ ସ୍ଥାନୀୟ ଲୋକଙ୍କ ନିଯୁକ୍ତି,ସ୍ଥାନୀୟ ପରିବହନ ସଂସ୍ଥା ଙ୍କୁ ପରିବହନ,ପିଲାଙ୍କ ପାଠ ପଢା ପାଇଁ ବ୍ୟବସ୍ଥା,ରାସ୍ତା ଓ ପାନୀୟଜଳ ପାଇଁ ବ୍ୟବସ୍ଥା ଇତ୍ୟାଦି ଅନ୍ତର୍ଗତ ଥିଲା ।କମ୍ପାନୀ କର୍ତ୍ତୃପକ୍ଷ ଏହି ସବୁ ଗୁଡ଼ିକର ଆଲୋଚନା ପାଇଁ ଜୁଲାଇ ୩ ତାରିଖ ରେ ଏହା ସ୍ଥିରକରି ଏକ ଚିଠି ଦେଇଥିଲେ।ଏହି ସଂକ୍ରାନ୍ତରେ ଜିଲ୍ଲାପାଳ ,ଉପ ଜିଲ୍ଲାପାଳ ,,ଚମ୍ପୁଆ ବିଧାନସଭା ସଦସ୍ୟ ,ବଡ଼ବିଲ ଉପଖଣ୍ଡ, ଆରକ୍ଷୀ ଓ ବଡ଼ବିଲ ଭାରପ୍ରାପ୍ତ ଅଧିକାରୀ ଙ୍କୁ ମଧ୍ୟ ଅବଗତ କରାଇ ଥିଲେ ।ମାତ୍ର ଆନ୍ଦୋଳନକାରୀ ମାନେ କମ୍ପାନୀ ର ଚିଠି କୁ ନମାନି ଆନ୍ଦୋଳନ କରୁଛନ୍ତି । ପ୍ରାପ୍ତ ଖବର ଅନୁସାରେ ଏହି କମ୍ପାନୀରେ ଶତକଡା ୭୫ ଭାଗ ସ୍ଥାନୀୟ ଲୋକ ପରୋକ୍ଷ ଓ ପ୍ରତ୍ୟକ୍ଷ ଭାବରେ ନିଯୁକ୍ତି ପାଇଛନ୍ତି ଓ ସମସ୍ତ ସ୍ଥାନୀୟ ପରିବହନ ସଂସ୍ଥା ମାନେ ସମସ୍ତ ପରିବହନ କାର୍ଯ୍ୟ କରୁଛନ୍ତି । ସୂଚନା ଯୋଗ୍ୟ ଯେ ଏହା ଏକ ପ୍ରିମୀୟମ ଖଣି ହୋଇକି ମଧ୍ୟ ସି ଏସ ଆର ରେ ପାନୀୟ ଜଳ,ବିଦ୍ୟୁତ୍,ଧନ୍ଦାମୂଳକ କାର୍ଯ୍ୟକ୍ରମ ,ମହିଳା ସଶକ୍ତି କରଣ ଉପରେ ଅନେକ କାର୍ଯ୍ୟକ୍ରମ କରୁଛି । ମାତ୍ର ଆନ୍ଦୋଳନକାରୀ ମାନେ କମ୍ପାନୀ ଗେଟ୍ ଅବରୋଧ କରିବା ପୂର୍ବରୁ କମ୍ପାନୀ ଧାର୍ଯ୍ୟ ତାରିଖ ରେ ଆଲୋଚନା କରିବା ଉଚିତ୍ ଥିଲା ବୋଲି ବୁଦ୍ଧିଜୀବୀ ମାନେ ମତ ରଖିଛନ୍ତି । ଏହି ଏକ ଅନୈତିକ କର୍ଯ୍ୟକଳାପ ଓ ରାଜ୍ୟର ରାଜସ୍ୱ ଅଭିବୃଦ୍ଧି ର ବାଧକ ହେବ ଓ ଆଗାମୀ ଦିନରେ ଏହା ଏକ ବିଭ୍ରାନ୍ତି କାରୀ ର ପରମ୍ପରା ତିଆରି କରିବ ବୋଲି ମଧ୍ୟ ଉଲ୍ଲେଖ କରିଛନ୍ତି । ଖବର ଅନୁସାରେ ସ୍ଥାନୀୟ ପ୍ରଶାସନ ଏହା ଉପରେ ନଜର ରଖିଛି । ଦେଖିବାକୁ ବାକି ରହିଲା ପ୍ରଶାସନ ଏହା ଉପରେ ପଦକ୍ଷେପ ନେଉଛି ।

# ଲୁହା ଗ୍ରିଲ ତଳେ ଚାପି ହୋଇ ନାବାଳକ ମୃତ


**ଆସିକା,(ମହାଭାରତ) :** ଗଞ୍ଜାମ ଜିଲ୍ଲା ଆସିକା ଥାନା କମାଗଡ଼ ଗ୍ରାମରେ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି । ଲୁହା ଗ୍ରିଲ ତଳେ ଚାପି ହୋଇ ତୃତୀୟ ଶ୍ରେଣୀ ରେ ପଢୁଥିବା ନାବାଳକ କାମରଜୁ ସେଠୀ ଙ୍କ ମୃତ୍ୟୁ ହୋଇଛି । ପ୍ରକାଶଥାଉକି କାମରାଜୁ ଗୁହାଳ ଘରେ ଖେଳୁଥିବା ସମୟରେ ପାଖରେ ରହିଥିବା ଗୋଟିଏ ଲୁହା ଗ୍ରିଲ ଅସାବଧାନତା ବଶତଃ ତାଙ୍କ ଉପରେ ପଡିଯାଇଥିଲା । ଫଳରେ କାମରଜୁ ଅଚେତ ହୋଇପଡିଥିବା ବେଳେ ପରିବାର ଲୋକେ ତାଙ୍କୁ ସେଠାରୁ ଉଦ୍ଧାର କରି ଚିକିତ୍ସା ନିମନ୍ତେ ପ୍ରଥମେ ବାଲିଶିରା ଓ ପରେ ଆସିକା ଉପଖଣ୍ଡ ଚିକିତ୍ସାଳୟ ରେ ଭର୍ତି କରିଥିଲେ । ଏଠାରେ ଡାକ୍ତର ତାଙ୍କୁ ମୃତ୍ୟୁ ଘୋଷଣା କରିଥିବା ବେଳେ ପରିବାର ସଦସ୍ୟ ଆସିକା ଥାନାରେ ଏକ ଲିଖିତ ଅଭିଯୋଗ ପରେ ଆସିକା ପୋଲିସ ୧୪/୨୪ ପ୍ରକାରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଶବ ବ୍ୟବଛେଦ ପରେ ପରିବାର ଲୋକଙ୍କୁ ଶବ ହସ୍ତାନ୍ତର କରିଛିକ୍ଷ ଏହି ଘଟଣା ଗ୍ରାମରେ ପ୍ରଚାରିତ ହେବାପରେ ଏକ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି ।

# କଣ ଦଣ୍ଡିଆ ମୁକ୍ତ ହେବ କି ସରକାରୀ କାର୍ଯ୍ୟାଳୟ !



**ଅସ୍ତରଙ୍ଗ,(ମହାଭାରତ) :** ବଦଳି ଯାଇଛି ଓଡିଶା ର ରାଜନୈତିକ ସମୀକରଣ, ଯୋଡି ଶଙ୍ଖ ସହିତ ଡବଲ ଇଂଜିନ ର ମେଗା ଫାଇଟ ରେ ବାଜିମାତ କରିଛି ଭାଜପା, କାମ ଦେଇଛି ମୋଦୀ ଙ୍କ ଓଡିଆ ଅସ୍ମିତା ର ଡାକରା, ପରିବର୍ତ୍ତନ ହେଇଛନ୍ତି ରାଜ୍ୟ ଲୋକ, ଦୀର୍ଘ ୨୫ ବର୍ଷ ର ସରକାର ଙ୍କ ଅବସାନ ହେବା ପରେ ଲୋକ ଖୋଜୁଛନ୍ତି ଜୀବନ ଶୈଳୀ ରେ ପରିବର୍ତ୍ତନ, ଅସ୍ତରଙ୍ଗ ର ସମସ୍ତ ସରକାରୀ କାର୍ଯ୍ୟାଳୟ ରେ ଅତୀତ ରେ ଦେଖୁବାକୁ ମିଳିଥିଲା ଅନେକ ଦଣ୍ଡିଆ ଙ୍କ ରାଜ, ବିଭିନ୍ନ ଲୋକ ଯେ କୌଣସି ସମସ୍ୟା କୁ ନେଇ ଥାନା, ତହସିଲ, ବ୍ଲକ, କୃଷି,ମେଡିକାଲ ଅନ୍ୟ ଯେଉଁ ସ୍ଥାନ କୁ ଯାଉଥିଲେ ସେଠାରେ ପଡୁଥିଲେ ଦଣ୍ଡିଆ ଙ୍କ କବ୍ଜା ରେ, ଦଣ୍ଡିଆ ମାନେ ନିଜ ପକେଟ ଗରମ ପାଇଁ ବିଭିନ୍ନ ପ୍ରକାର କୌଶଳ ରେ ତାଙ୍କ ଠୁ ଅର୍ଥ ଶୋଷଣ କରୁଥିଲେ, ଗରିବ ହୁଅନ୍ତୁ କି ଅନ୍ୟ କେଉଁ ଶ୍ରେଣୀ ର ବିନା ଦଣ୍ଡିଆ ରେ ହେଉନଥିଲା କାମ, ସତେ ଯେପରି ମନେ ହେଉଥିଲା ଏମାନଂକୁ ସରକାର ଏହି କାର୍ଯ୍ୟାଳୟ ରେ ପୋଷ୍ଟିଙ୍ଗ କରିଛନ୍ତି, କିଏ କହୁଥିଲା ମୁଁ ଏ ନେତା ର ପ୍ରତିନିଧି ତ ଆଉ କିଏ କହୁଥିଲା ମୁଁ( ଅମକ) ଭାଇ ର ଲୋକ, ଆମେ ଆସିଛୁ ତୁମକୁ ସାହାଯ୍ୟ କରିବାକୁ, ଅର୍ଥ ରୋଜଗାର କରିବା ପାଇଁ କିଛି ଲୋକ ଙ୍କୁ ସାହାଯ୍ୟ କରିବା ଆଳରେ ଅନ୍ୟ କିଛି ଲୋକ ଙ୍କୁ ପରୋକ୍ଷ ରେ ଦେଉଥିଲେ ମାନସିକ ନିର୍ଯ୍ୟାତନା, ଏପରି ଅନେକ କିଛି ଘଟଣା ସାମ୍ନା କୁ ଆସିଛି କିନ୍ତୁ କହିବ ବା କିଏ ? କାରଣ କଥା ରେ ଅଛି ଗରିବଙ୍କୁ ମାଡ଼ ମାରିଲେ ଦୋଷ ନାହି କିନ୍ତୁ ବଡ଼ ବଡ଼ିଆଙ୍କୁ କହିଲେ ଦୋଷ, ଅନେକ ସମୟ ରେ ସରକାରୀ ବାବୁ ମାନେ ନିଜ କାର୍ଯ୍ୟାଳୟ ରେ ତାଙ୍କୁ ଚୌକି ଦେବା ସହ ତାଙ୍କର ଅତିଥି ଚର୍ଚ୍ଚା ମଧ୍ୟ କରୁଥିଲେ, ବର୍ତ୍ତମାନ ବିଜେପି ର ବିଜୟ ହାସଲ ପରେ ଧୀରେ ଧୀରେ ଦଣ୍ଡିଆଙ୍କ ଯାତାୟାତ କମ ହେବାରେ ଦେଖିବାକୁ ମିଳିଛି, ଅନେକ ସରକାରୀ ବାବୁ ଙ୍କ ମନ ମଧ୍ୟ ସୁଖୀ ଯିବାର ଦେଖିବାକୁ ମିଳିଛି, ଏବେ ବିଜେପି ର ସ୍ୱତନ୍ତ୍ର ସରକାର କଣ ନୂଆ ନିୟମ କରୁଛନ୍ତି ବିଭିନ୍ନ ସରକାରୀ କାର୍ଯ୍ୟାଳୟ ରେ ସାଧାରଣ ଲୋକ ଙ୍କ ନ୍ୟାୟ ପାଇବା ପାଇଁ କେବଳ ଦେଖିବାକୁ ବାକି ରହିଛି, ଏବେ ଠୁ ଦଣ୍ଡିଆଙ୍କ ଆସର କମିବାର ଲାଗିଛି, କିପରି ଦଣ୍ଡିଆଙ୍କ କବଳରୁ ଏହି ସରକାରୀ କାର୍ଯ୍ୟାଳୟ ମୁକ୍ତ ହେବ ଦେଖିବାକୁ ସାଧାରଣ ଲୋକ ବିଜେପି ସରକାର ଙ୍କ ଉପରେ ଆସ୍ଥା ପ୍ରକଟ କରିଛନ୍ତି ।

# ଭାରାସାମ୍ୟ ହାଇ ବାଇକ ଦୁର୍ଘଟଣା; ଜଣେ ମୃତ, ୧ ଗୁରୁତର



**କରଞ୍ଜିଆ,(ମହାଭାରତ) :** ମୟୂରଭଞ୍ଜ ଜିଲ୍ଲା ଠାକୁରମୁଣ୍ଡା ବ୍ଲକ ଅନ୍ତର୍ଗତ ୫୩ ନମ୍ବର ରାଜ୍ୟ ରାଜପଥ ଠାକୁରମୁଣ୍ଡା - ଆନନ୍ଦପୁର ରାସ୍ତାର ସାତକୋଶିଆ ନାକଝରୀ ନାଳ ପୋଲ ଉପରେ ବାଇକ ଦୁର୍ଘଟଣା ରେ ଜଣେ ମୃତ ଓ ଜଣେ ଗୁରୁତର। ଦୁର୍ଘଟଣାରେ ମୃତକ ଜଣକ ହେଉଛନ୍ତି, ସୋସୋ ଥାନା ଅନ୍ତର୍ଗତ ବଇଦାଖିଆ ଗ୍ରାମର ପାଣ୍ଡୁ କୁଲ୍ଡି ଓ ଗୁରୁତର ଜଣକ ଶିକମ ବିନ୍ଧାଣି ସେହି ଗ୍ରାମର ବୋଲି ଜଣାପଡିଛି। ସୂଚନା ଅନୁଯାୟୀ, ସାତକୋଶିଆ ସାପ୍ତାହିକ ହାଟରୁ ରୁ କାମ ସାରି ଏକ ବାଇକ ଯୋଗେ ନିଜ ଗ୍ରାମ ବଇଦାଖିଆକୁ ଫେରୁଥିବା ବେଳେ ଆଜି ଅପରାହ୍ନ ପ୍ରାୟ ୧ ଟା ସମୟରେ ନାକଝରୀ ପୋଲ ଉପରେ ଭାରାସମ୍ୟ ହରାଇ ବାଡାରେ ପିଟି ହୋଇ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ଦୁର୍ଘଟଣା ସ୍ଥଳରେ ସ୍ଥାନୀୟ ସାତକୋଶିଆ ସରପଞ୍ଚ ଚାନ୍ଦମଣୀ ଜାରିକା ଓ ସ୍ଥାନୀୟ ଗ୍ରାମବାସୀଙ୍କ ସହଯୋଗରେ ୧୦୮ ଆମ୍ବୁଲାନ୍ସ ଯୋଗେ ଉଭୟଙ୍କୁ କେନ୍ଦୁଝର ଜିଲ୍ଲା ଆନନ୍ଦପୁର ଉପଖଣ୍ଡ ଚିକିତ୍ସାଳୟକୁ ପଠାଇ ଦିଆଯାଇଥିଲା ବେଳେ ସେଠାରେ ଡାକ୍ତର ତାକୁ ମୃତ ଘୋଷଣା କରିଥିଲେ । ଖବର ପାଇ ମହୁଲଡିହା ଥାନା ପୋଲିସ ଦୁର୍ଘଟଣା ସ୍ଥଳରୁ ବାଇକ ଟି ଉଧାର କରି ତଦନ୍ତ କରୁଛି।

# ଭାଲୁ ଆକ୍ରମଣରେ ଯୁବକ ଗୁରୁତର



**କୁଡୁତେଲି,(ମହାଭାରତ) :** ଘଟଣା ଘଟିଛି କ.ନୂଆଗାଁ ଥାନା କୁଡୁତେଲି ପଂଚାୟତ ଅନ୍ତର୍ଗତ ଡକର ଗାଁ ରେ । ଗୁରୁତର ଯୁବକ ହେଲେ ଡକର ଗାଁ ର ଅଖିଳ ପ୍ରଧାନୀ । ସୂଚନା ଅନୁଯାୟୀ ଅଖିଳ ଗାଁ ଜଙ୍ଗଲ କୁ ନିଜ ମଇଁଷି ଖୋଜିବାକୁ ଯାଇଥିବା ସମୟରେ ଭାଲୁ ଆକ୍ରମଣ କରିଥିଲା । ତେବେ ଭାଲୁ ଠାରୁ ଅଖିଳ ବର୍ତ୍ତିବା ସହ ଜୀବନ ବିକଳ ରେ ଗାଁ କୁ ଦୌଡ଼ି ଆସିଥିଲେ । କ୍ଷତାକ୍ତ ଅବସ୍ଥାରେ ଅଖିଳ ଙ୍କୁ କ.ନୂଆଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ରେ ସ୍ଥାନୀୟ ଲୋକ ଭର୍ତି କରିଥିଲେ । ପ୍ରାଥମିକ ଚିକିତ୍ସା ପରେ ଫୁଲବାଣୀ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ କୁ ଅଖିଳ ଙ୍କୁ ସ୍ଥାନାନ୍ତର କରାଯାଇଛି ।

# ମରଣାନ୍ତକ ଆକ୍ରମଣ ଘଟଣାରେ ଦୁଇ ଗିରଫ



**ହାଟଡିହି,(ମହାଭାରତ) :** ପିଏଫ ଅନଲାଇନ୍ ଆବେଦନକୁ କେନ୍ଦ୍ର କରି ଗୁରୁବାର ଅପରାହ୍ନରେ କେନ୍ଦୁଝର ଜିଲ୍ଲା ଆନନ୍ଦପୁର ଉପଖଣ୍ଡ ନନ୍ଦିପଦା ଥାନା ନିକଟରେ ଥିବା ମରେିଗାଁ ବଜାରରେ ଜନସେବା କେନ୍ଦ୍ରର ମାଲିକଙ୍କୁ ମରଣାନ୍ତକ ଆକ୍ରମଣ ହୋଇଥିଲା । ଗଣ୍ଡଗୋଳରେ ଦୋକାନ ଏବଂ ବାଇକ ପୋଡାଜଳା ସହ ଭଙ୍ଗାରୁଜା ହୋଇଥିଲା । ଜନ ସେବା କେନ୍ଦ୍ରର ମାଲିକ ଅମର ସେଠିଙ୍କୁ ଗୁରୁତର ଅବସ୍ଥାରେ ଆନନ୍ଦପୁର ଉପଖଣ୍ଡ ମେଡିକାଲରେ ଭର୍ତ୍ତି କରାଯାଇଥିଲା। ଅମରଙ୍କ ଭାଇ ଶରତ ସେଠିଙ୍କ ଅଭିଯୋଗ କ୍ରମେ ପୋଲିସ କେସ ନଂ ୨୦୯/୨୦୨୪ ଏବଂ୧୪୭,୧୪୮,୧୪୯,୩୦୭, ୩୨୩,୩୨୪, ୪୨୭,୩୭୯,୫୦୬,୩୪ ଧାରାରେ ଏକ ମାମଲା ରୁଜୁ କରିଛି । ଜିଆର ନଂ ୩୩୭/୨୦୨୪ ଅଟେ । ଶରତଙ୍କ ସୂଚନା ଅନୁସାରେ ପ୍ରତାପ ଯେନା, ଭଗବାନ ଯେନା, ତପୁ ଯେନା, ଲୋକନାଥ ଯେନା, ସିପେଇ ଯେନା, ଦାମୋଦର ଯେନା, ବିଜୟ ଯେନା,ଯୋଗେନ୍ଦ୍ର ଯେନା, ଦଶରଥ ଯେନା ପ୍ରମୁଖ ୯ ଜଣ ଅଭିଯୁକ୍ତଙ୍କ ନାମରେ ଅଭିଯୋଗ କରିଛି । ଅପରପକ୍ଷେ ପୋଲିସ ଚଢ଼ାଉ କରି ଚଣ୍ଡିଆବିରଞ୍ଚିପୁର ଗ୍ରାମର ଦାମୋଦର ଯେନା, ବିଜୟ ଓରଫ ଲିପୁ ଯେନାଙ୍କୁ ଗିରଫ କରାଯାଇଛି। ଅନ୍ୟ ଅଭିଯୁକ୍ତଙ୍କୁ ଗିରଫ ପାଇଁ ଅଭିଯୋଗକାରୀ ଶରତ ଦାବୀ କରିଛନ୍ତି । ଥାନା ଅଧିକାରୀ ରବୀନ୍ଦ୍ର ପାତ୍ର କହିଛନ୍ତି ଯେ ଘଟଣାରେ ସମ୍ପୃକ୍ତ ଅନ୍ୟ ଅଭିଯୁକ୍ତଙ୍କୁ ଖୁବ ଶୀଘ୍ର ଗିରଫ ପାଇଁ ପଦକ୍ଷେପ ନିଆଯାଉଛି ।

# ଜନସେବା କେନ୍ଦ୍ରରେ ପଶି ମାଲିକଙ୍କୁ ମରଣାନ୍ତକ ଅକ୍ରମଣ

## ପ୍ରତିବାଦରେ ଉତ୍ୟକ୍ତ ଲୋକଙ୍କ ଦୋକାନ ଓ ବାଇକ ପୋଡି

**ହାଟଡିହି,(ମହାଭାରତ) :** ସାମାନ୍ୟ କଥାକୁ କେନ୍ଦ୍ରକରି ଥାନା ନିକଟରେ ଥିବା ଜନସେବା କେନ୍ଦ୍ର ରେ ପଶି ମାଲିକଙ୍କୁ ଧାରୁଆ ଅସ୍ତ୍ର ରେ ଆକ୍ରମଣ ହୋଇଛି । ଗୁରୁତର ଅବସ୍ଥାରେ ମାଲିକ ଡାକ୍ତରଖାନା ରେ ଭର୍ତ୍ତି ହୋଇଛନ୍ତି । ଅପରପଟେ ଘଟଣାକୁ କେନ୍ଦ୍ରକରି ଉତ୍ୟକ୍ତ ଲୋକଙ୍କ ଦ୍ୱାରା ବଜାରରେ ଥିବା ଆକ୍ରମଣକାରୀ ଭାଇଙ୍କ ଏକ ଚିକେନ୍ ସେଣ୍ଟର ସହ ବାଇକକୁ ପୋଡି ଦେଇଛନ୍ତି । ସ୍ଥାନୀୟ ଅଗ୍ନିଶମ ବିଭାଗ ନିଆଁକୁ ଆୟତ୍ତ କରିଥିଲା । ପରିସ୍ଥିତିକୁ ନଜରରେ ରଖି ସ୍ଥାନିୟ ବଜାରରେ ପୋଲିସ୍ ଫୋର୍ସ ମୁତୟନ ହୋଇଛି । ଏଭଳି ଏକ ଘଟଣା ଗୁରୁବାର ଅପରାହ୍ନରେ କେନ୍ଦୁଝର ଜିଲ୍ଲା ଆନନ୍ଦପୁର ଉପଖଣ୍ଡ ନନ୍ଦିପଦା ଥାନା ନିକଟରେ ଥିବା ମରେିଗାଁ ବଜାରରେ ଘଟିଛି । ଥାନା ନିକଟରେ ଏକ ଜନସେବା କେନ୍ଦ୍ର କରିଥିବା ଅମର ସେଠୀ ଙ୍କୁ ନିଟସ୍ଥ ଚଣ୍ଡିଆବିରଞ୍ଚିପୁର ଗାଁ ର କିଛି ଲୋକେ ଆକ୍ରମଣ କରିଛନ୍ତି । ଜନ ସେବା କେନ୍ଦ୍ରରେ ପଶି ଭଙ୍ଗାରୁଜା କରିବା ସହ ସଂଘବଦ୍ଧ ଆକ୍ରମଣ କରିବାରୁ ଘଟଣା ଉଗ୍ର ରୂପ ନେଇ ବାଇକ ଏବଂ ଦୋକାନ ପୋଡି ପର୍ଯ୍ୟନ୍ତ କଥା ଯାଇଥିଲା । ସୂଚନାରୁ ଜଣାଯାଇଛି ଯେ ପୂର୍ବରୁ ଚଣ୍ଡୀଆବିରଞ୍ଚିପୁର ଗାଁ ର ପ୍ରତାପ ଜେନା ଙ୍କ ଏକ ପିଏଫ ଅନଲାଇନ୍ ଆବେଦନକୁ ନେଇ ଜନ ସେବା କେନ୍ଦ୍ରର ମାଲିକ ଅମରଙ୍କ ସହ ସକାଳ ସମୟରେ ଯୁକ୍ତିତର୍କ ହୋଇଥିଲା । ଅପରାହ୍ନରେ ପ୍ରତାପ ନିଜ ଗାଁ ରୁ କିଛି ଯୁବକଙ୍କୁ ସାଙ୍ଗରେ ଆଣି ଜନ ସେବା କେନ୍ଦ୍ରରେ ପଶି ଧାରୁଆ ଅସ୍ତ୍ରରେ ଅମର ଙ୍କୁ ଆକ୍ରମଣ କରିଥିବା ଅଭିଯୋଗ ହୋଇଛି । ଗୁରୁତର ଅବସ୍ଥାରେ ତାଙ୍କୁ ଆନନ୍ଦପୁର ଉପଖଣ୍ଡ ମେଡିକାଲରେ ଭର୍ତ୍ତି କରାଯାଇଛି । ନନ୍ଦିପଦା ଥାନା ଅଧିକାରୀ ରବୀନ୍ଦ୍ର ପାତ୍ର ପୋଲିସ ଫୋର୍ସ ସହ ଘଟଣା ସ୍ଥଳରେ ପହଞ୍ଚି ପରିସ୍ଥିତିକୁ ନିୟନ୍ତ୍ରଣ କରିବାରେ ସକ୍ଷମ ହୋଇଥିଲେ । ପାତ୍ର କହିଛନ୍ତି ଯେ ସାମାନ୍ୟ କଥାକୁ ନେଇ ଘଟଣା ଘଟିଥିବା ବେଳେ ତଦନ୍ତ ଚାଲିଛି । ପରିସ୍ଥିତି ନିୟନ୍ତ୍ରଣଧୀନ ରହିଛି । ଅଭିଯୋଗ ହୋଇନି । ଅଭିଯୋଗ ହେଲେ ମାମଲା ରୁଜୁ ହୋଇ ଆଇନ ଅନୁସାରେ କାର୍ଯ୍ୟାନୁଷ୍ଠାନ ହେବ ।

# ଖାଦ୍ୟ ଓ ଯୋଗାଣ ମନ୍ତ୍ରୀଙ୍କ କୋରାପୁଟ ଗସ୍ତ




**କୋରାପୁଟ,(ମହାଭାରତ) :** ଖାଦ୍ୟ ଯୋଗାଣ,ଖାଉଟି କଲ୍ୟାଣ ଏବଂ ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟା ବିଭାଗ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଗୁରୁବାର କୋରାପୁଟ ଜିଲ୍ଲା ଗସ୍ତରେ ଆସି ବିଭାଗୀୟ ସମୀକ୍ଷା ବୈଠକ କରିଛନ୍ତି। ମନ୍ତ୍ରୀ କୋରାପୁଟ ପହଞ୍ଚିବା ପରେ ଦଳୀୟ ନେତା ଓ କର୍ମୀ ସ୍ୱତନ୍ତ୍ର ସର୍କିଟ ହାଉସରେ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ଦେଇ ସ୍ୱାଗତ କରିଥିଲେ। ମଧ୍ୟାହ୍ନ ଭୋଜନ ପରେ ମନ୍ତ୍ରୀ ଶ୍ରୀ ପାତ୍ର ସ୍ଥାନୀୟ ସଦଭାବନା ସଭାଗୃହରେ ଜିଲ୍ଲାପାଳ ଭି, କୀର୍ତ୍ତି ଭାସନଙ୍କ ଅଧକ୍ଷତାରେ ଅନୁଷ୍ଠିତ ସମୀକ୍ଷା ବୈଠକରେ ଯୋଗ ଦେଇଥିଲେ। ବୈଠକରେ ମନ୍ତ୍ରୀ ଉଦବୋଧନ ଦେଇ ଖାଉଟି ଓ ଚାଷୀଙ୍କ ସ୍ୱାର୍ଥ ପ୍ରତି ସରକାରଙ୍କ ପ୍ରାଥମିକତା ରହିବ ବୋଲି କହିଥିଲେ । ସଠିକ ସମୟରେ ଲୋକଙ୍କୁ ରାସନ ଯୋଗାଣ କରାଇବାକୁ ଗୁରୁତ୍ୱ ଦେବା ସହ ଚାଉଳ,ଗହମ, ତେଲ ସାବୁନ ,ଡାଲି ଭଳି ଅତ୍ୟାବଶକ ସାମଗ୍ରୀ ସୁଲଭ ମୁଲ୍ୟରେ କାର୍ଡଧାରିଙ୍କୁ ଯୋଗାଇବା ନେଇ ସରକାର ଚିନ୍ତା କରୁଥିବା ମନ୍ତ୍ରୀ କହିଥିଲେ । କାର୍ଡ ପାଇବାରେ ବଂଚିତ ଗରୀବ ଲୋକଙ୍କୁ ଚିହ୍ନଟ କରି କାର୍ଡ ବଣ୍ଟନ କରାଯିବ ,ଏଥିନେଇ ଜିଲ୍ଲାପାଳ ଓ ବିଭାଗୀୟ ଅଧିକାରୀ ମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ଅତ୍ୟାବଶକ ଜିନିଷର ବେଆଇନ ଭାବେ ଦରଦାମ ବୃଦ୍ଧି କଲେ ଦୃଢ କାର୍ଯ୍ୟାନୁଷ୍ଠାନ ନେବାକୁ ଯୋଗାଣ ବିଭାଗକୁ ନିର୍ଦ୍ଦେଶ ଦେଇଛନ୍ତି। ଧାନ କିଣିବା ବେଳେ ଚାଷୀ କଟନି ଛଟନିର ଶିକାର ହେବେ ନାହିଁ ବୋଲି ସେ ଚାଷୀଙ୍କୁ ଭରସା ଦେଇଛନ୍ତି । ସରକାରଙ୍କ ଧାର୍ଯ୍ୟ ସର୍ବନିମ୍ନ ଦରରେ ଚାଷୀଙ୍କ ଠାରୁ ଧାନ କିଣାଯିବ ବୋଲି ମନ୍ତ୍ରୀ ସୂଚନା ଦେଇଥିଲେ। ସମୀକ୍ଷା ବୈଠକରେ ପଟ୍ଟାଙ୍ଗି ବିଧାୟକ ରାମ ଚନ୍ଦ୍ର କାଡାମ, କୋରାପୁଟ ବିଧାୟକ ରଘୁରାମ ମାଛ, ଲକ୍ଷ୍ମୀପୁର ବିଧାୟକ ପବିତ୍ର ସାଉନ୍ତା, କୋଟପାଡ ବିଧାୟକ ରୂପ ଭତ୍ରା, ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରି ଦେବାଶିଷ ପଟ୍ଟନାୟକ,କୋରାପୁଟ ଉପ ଜିଲ୍ଲାପାଳ ବେଣୁଧର ଶବର, ଜୟପୁର ଉପ ଜିଲ୍ଲାପାଳ ପ୍ରଭାତ କୁମାର ପରିଡ଼ା, ଜିଲ୍ଲା ଯୋଗାଣ ଅଧିକାରୀ ପ୍ରଦୀପ ପଣ୍ଡାଙ୍କ ସମେତ ଜିଲ୍ଲା ଯୋଗାଣ ବିଭାଗର ଅଧିକାରୀ ମାନେ ଯୋଗଦେଇଥିଲେ । ସେହିଭଳି କୋରାପୁଟ ଜିଲ୍ଲାରେ ବିଜ୍ଞାନ ପାର୍କ ସ୍ଥାପନ କରାଯିବ ବୋଲି ମନ୍ତ୍ରୀ ସୂଚନା ଦେଇଛନ୍ତି ।

# କାମରେ ଆସୁନି ପଞ୍ଚାୟତକୁ ମିଳିଥିବା କମ୍ପ୍ୟୁଟର

**ବେଗୁନିଆ,(ମହାଭାରତ) :** ରାଜ୍ୟର ପ୍ରତ୍ୟେକ ପଞ୍ଚାୟତରେ ସହଜରେ କାଗଜପତ୍ର କାର୍ଯ୍ୟ କରିବା ପାଇଁ ପଞ୍ଚାୟତିରାଜ ବିଭାଗ ପକ୍ଷରୁ ୨୦୧୦ରୁ ପ୍ରତ୍ୟେକ ପଞ୍ଚାୟତକୁ ଗୋଟିଏ ଲେଖାଏଁ କଂପ୍ୟୁଟର ସହିତ ତାହାର ସମସ୍ତ ସରଞ୍ଜାମ ଯୋଗାଇ ଦିଆଯାଇଥିଲା । କିନ୍ତୁ ରାଜ୍ୟର ଅନେକ ବ୍ଲକରେ ତାହା କାମରେ ଆସୁ ନଥିବା ଜଣାପଡିଛି। ଏଭଳି ସ୍ଥିତିରେ ବେଗୁନିଆ ବ୍ଲକରେ ଥିବା ୨୧ଟି ପଞ୍ଚାୟତକୁ ମଧ୍ୟ ଏହି ଯୋଜନାରେ ଗୋଟିଏ ଲେଖାଏଁ କଂପ୍ୟୁଟର ସହିତ ତାହାର ସମସ୍ତ ସରଞ୍ଜାମ ଯୋଗାଇ ଦିଆଯାଇଛି। କିନ୍ତୁ ତାହାର ପରିଚାଳନା ପାଇଁ କାହାରିକୁ ତାଲିମ କିମ୍ବା ନିଯୁକ୍ତି ଦିଆ ନଯାଇ ପଞ୍ଚାୟତରେ ଥିବା ଜିଆରଏସ୍‌ଙ୍କୁ ସେମାନଙ୍କ କାର୍ଯ୍ୟ ପାଇଁ ଦାୟିତ୍ୱ ଦିଆଯାଇଛି। କିନ୍ତୁ ବର୍ତ୍ତମାନ ସୁଦ୍ଧା କେତେକ ପଞ୍ଚାୟତରେ କଂପ୍ୟୁଟର ମାଧ୍ୟମରେ କାଗଜାତ କାମ ନହୋଇ ଅକାମୀ ହୋଇ ପଡିରହିଥିବା ଦେଖିବାକୁ ମିଳିଛି। ଅନ୍ୟ କେତେକ ପଞ୍ଚାୟତରେ ଦାୟିତ୍ୱରେ ଥିବା ଜିଆରଏସ୍ ମାନେ ନିଜ ଘରକୁ କଂପ୍ୟୁଟର ଓ ଅନ୍ୟ ଜିନିଷ ନେଇ ପଞ୍ଚାୟତର କାର୍ଯ୍ୟ ସହିତ ନିଜ ବ୍ୟକ୍ତିଗତ କାର୍ଯ୍ୟରେ ଲଗାଉଥିବା ଅଭିଯୋଗ ହୋଇଛି। କୌଣସି ପଞ୍ଚାୟତରେ କଂପ୍ୟୁଟର କାର୍ଯ୍ୟକାରୀ ହେଉ ନଥିବା ସମୟରେ ଏହିସବୁ ଜିନିଷ ମରାମତି ପାଇଁ ପଞ୍ଚାୟତ ପାଣ୍ଠିରୁ ମଧ୍ୟ ଆଖିବୁଜା ଅର୍ଥ ବ୍ୟୟ ହେଉଥିବା ଚର୍ଚ୍ଚା ଜୋର ଧରିଛି। ଫଳରେ ସରକାରଙ୍କ ତରଫରୁ ଲକ୍ଷ ଲକ୍ଷ ଟଙ୍କା ବ୍ୟୟ କରାଯାଇ ତାହାର ଦୁପଯୋଗ ହେଉ ନଥିବା ଅଭିଯୋଗ ଉଠିଛି। ତେବେ ସରକାରଙ୍କ ଏହି ଯୋଜନା କେବଳ ଲୋକଦେଖାଣିଆ ବୋଲି ବୁଦ୍ଧିଜୀବୀ ମହଲରେ ମତ ପ୍ରକାଶ ପାଇଛି। ଆହୁରି ମଧ୍ୟ କେତେକ ପଞ୍ଚାୟତରେ ବିଦ୍ୟୁତ ଯୋଗାଣ ଓ ଇଣ୍ଟରନେଟ ସୁବିଧା ନଥିବାରୁ ଏହି ଯୋଜନା ଲଟକି ରହିଥିବା ବିଶେଷ ସୂତ୍ରରୁ ଖବର ମିଳିଛି। ଅନ୍ୟପକ୍ଷରେ ବିଡ଼ିଓ ଲକ୍ଷ୍ମୀଧର ସାହୁ ଏଥିନେଇ ତଦନ୍ତ କରାଯିବ ବୋଲି କହିଛନ୍ତି।









## ଧନ୍ଦାମୂଳକ ଶିକ୍ଷାର୍ଥୀ ଙ୍କ ଶିଳ୍ପ ପରିଭ୍ରମଣ




ଓଡ଼ଗାଁ, ( ମହାଭାରତ ) : ଓଡ଼ଗାଁ ବ୍ଲକ ଅନ୍ତର୍ଗତ ଶରଣ କୁଳ ସ୍ଥିତ ନାରାୟଣ ସରକାରୀ ଉଚ୍ଚ ବିଦ୍ୟାଳୟ ରେ ରାଜ୍ୟ ସରକାରଙ୍କ ବିଦ୍ୟାଳୟ ଓ ଗଣ ଶିକ୍ଷା ବିଭାଗର ସମଗ୍ର ଶିକ୍ଷା ଯୋଜନା ଅଧୀନରେ ଚାଲୁଥିବା ଧନ୍ଦାମୂଳକ ଶିକ୍ଷା ଛାତ୍ରୀଛାତ୍ର ଙ୍କ ଦ୍ୱାରା ଶିଳ୍ପାନୁଷ୍ଠାନ ପରିଭ୍ରମଣ ଶିକ୍ଷା ଅନୁଷ୍ଠିତ ହୋଇଛି।ଏହି ପରିଭ୍ରମଣ ରେ ନାରାୟଣ ଉଚ୍ଚ ବିଦ୍ୟାଳୟ (ହବ୍ ସ୍କୁଲ) ର ନବମ ଓ ଦଶମ ଶ୍ରେଣୀର ୬୦ ଶିକ୍ଷାର୍ଥୀ ଏବଂ( ସ୍ପୋକ ସ୍କୁଲ)ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ଶରଣକୁଳ ର ୧୮ଜଣ ଶିକ୍ଷାର୍ଥୀ ସାମିଲ ହୋଇଛନ୍ତି। ବିଦ୍ୟାଳୟ ର ପ୍ରଧାନ ଶିକ୍ଷୟିତ୍ରୀ ଶ୍ରୀମତୀ କାଞ୍ଚନ ଷଡ଼ଙ୍ଗୀ ଙ୍କ ତ□ାବଧାନରେ ଦୁଇଟି ବିଦ୍ୟାଳୟ ର ଛାତ୍ରୀଛାତ୍ର ମାନେ ଓଡ଼ଗାଁ ସ୍ଥିତ ଅମନ ଟେକ୍ସଟାଇଲ କୁ ପରିଭ୍ରମଣ କରିଥିଲେ। ପ୍ରତିଷ୍ଠାତା ଶ୍ରୀମତୀ ମିନତୀ ସାହୁ ଏବଂ ନାରାୟଣ ଉଚ୍ଚ ବିଦ୍ୟାଳୟ ର ପରିଧାନ ବିଭାଗ ର ପ୍ରଶିକ୍ଷିକା ଶ୍ରୀମତୀ ରୋଜାଲିନ ମିଶ୍ର ଙ୍କ ସହାୟତା ରେ ବିଭିନ୍ନ ପ୍ରକାର ସିଲେଇ ମେସିନ ର ପରିଚାଳନା ଏବଂ ଟେକ୍ସଟାଇଲ ଇଣ୍ଡଷ୍ଟ୍ରି ରେ କିପରି ସୁଚାରୁ ରୁପେ କାର୍ଯ୍ୟ ସମ୍ପାଦନ କରାଯିବ ସେ ବିଷୟରେ ଶିକ୍ଷାର୍ଥୀ ଙ୍କୁ ଶିକ୍ଷା ଦେଇଥିଲେ। ଏହି ପରିଭ୍ରମଣ ରେ ବିଦ୍ୟାଳୟ ର ବରିଷ୍ଠ ଶିକ୍ଷକ ରଶ୍ମିରଞ୍ଜନ ମିଶ୍ର, ଦାମୋଦର ସାହୁ, ପ୍ରଶାନ୍ତ ଦାସ, ଜନାର୍ଦ୍ଦନ ପରିଡ଼ା, ପ୍ରଜ୍ଞା ପାରମିତା ସାହୁ, ସୁନୀତା ସାହୁ, ଗୋଦାବରୀ ବସନ୍ତିଆ (ସି ଆର ସି ସି), ଆଲୋକ ରଞ୍ଜନ ମଲ୍ଲିକ, ଜଗନ୍ନାଥ ଗୌଡ ସମେତ ବାଳିକା ଉଚ୍ଚ ବିଦ୍ୟାଳୟ ର ଶିକ୍ଷୟିତ୍ରୀ ଶ୍ରୀମତୀ ଚିନ୍ମୟୀ ସାହୁ ସହଯୋଗ କରିଥିଲେ। ବାଳିକା ଉଚ୍ଚ ବିଦ୍ୟାଳୟ ର ପ୍ରଧାନ ଶିକ୍ଷକ ପ୍ରଭାକର ସାହୁ ଧନ୍ଦାମୂଳକ ଶିକ୍ଷା ରେ ଶିଳ୍ପାନୁଷ୍ଠାନ ପରିଭ୍ରମଣ ର ଯଥେଷ୍ଟ ଆବଶ୍ୟକତା ରହିଛି ବୋଲି ମତ ରଖିଥିଲା ବେଳେ ଧନ୍ଦାମୂଳକ ଶିକ୍ଷା ର ଭାରପ୍ରାପ୍ତ ଅଧିକାରିଣୀ ପ୍ରଜ୍ଞା ପାରମିତା ସାହୁ ଶିକ୍ଷା କ୍ଷେତ୍ରରେ ଧନ୍ଦାମୂଳକ ଶିକ୍ଷା ର ଉପାଦେୟତା ସହ ଛାତ୍ରଛାତ୍ରୀ ଭବିଷ୍ୟତ ରେ ରୋଜଗାରକ୍ଷମ ହୋଇପାରିବେ ବୋଲି ମତ ପ୍ରକାଶ କରିଛନ୍ତି। ବରିଷ୍ଠ ଶିକ୍ଷକ ରଶ୍ମି ରଞ୍ଜନ ମିଶ୍ର ଛାତ୍ରଛାତ୍ରୀଙ୍କ ଶିଳ୍ପ ପରିଭ୍ରମଣ ସାମ୍ଭବ୍ୟ କ୍ୟାରିଅର ପଥ ଅନୁସନ୍ଧାନ ପାଇଁ ଏକ ପ୍ଲାଟଫର୍ମ ଭାବରେ କାର୍ଯ୍ୟ କରେ ଓ ନିର୍ଦ୍ଦିଷ୍ଟ ଲକ୍ଷ୍ୟରେ ପହଞ୍ଚିବା ପାଇଁ ଆବଶ୍ୟକ କୌଶଳ ଏବଂ ଯୋଗ୍ୟତା ବିଷୟରେ ଜାଣିପାରିବେ ବୋଲି ଯୁକ୍ତି ରଖିଛନ୍ତ। ଶିକ୍ଷାର୍ଥୀ ଙ୍କ ଶିଳ୍ପାନୁଷ୍ଠାନ ପରିଭ୍ରମଣ ଏହି ଶିକ୍ଷା ରେ ବିଶେଷ ଲାଭପ୍ରଦ ହେବ ବୋଲି ଶିକ୍ଷୟିତ୍ରୀ, ଶିକ୍ଷକ ଏବଂ ଅଭିଭାବକ ମାନେ ମତ ପ୍ରକାଶ କରିଛନ୍ତ।

## ଆସିକା ବ୍ଲକ ସଭାଗୃହ ଠାରେ ଭଞ୍ଜନଗର ଉପଜିଲ୍ଲାପାଳଙ୍କ ସମୀକ୍ଷା ବୈଠକ




ଆସିକା (ମହାଭାରତ):ଆସିକା ବ୍ଲକ ସମ୍ମିଳନୀ କକ୍ଷ ଠାରେ ଭଞ୍ଜନଗର ଉପଜିଲ୍ଲାପାଳ ଅନିଲ କୁମାର ସେଠୀ ଙ୍କ ଅଧକ୍ଷତାରେ ଆସିକା ବିଧାୟକ ସରୋଜ କୁମାର ପାଢ଼ୀଙ୍କର ସଭାପତିତ୍ୱ ରେ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ଆସିକା ର ମୁଖ୍ୟ ସମସ୍ୟା ଗୁଡିକୁ ଯଥା ଶୀଘ୍ର ସମାଧାନ କରିବା ଦିଗରେ ପଦକ୍ଷେପ ନିଆଯିବ ବୋଲି କହିଛନ୍ତି ଉପଜିଲ୍ଲାପାଳ ଅନିଲ କୁମାର ସେଠୀ । ଆଜିକାର ଏହି ବୈଠକରେ ମୁଖ୍ୟତଃ ଟିପିସର ନାଳ ନିର୍ମାଣ ସକାଶେ ଆବଶ୍ୟକ ଜମି ଅଧିଗ୍ରହଣ କରିବା ପାଇଁ ଆସିକା ତହସିଲଦାର ପ୍ରିୟଙ୍କା ପ୍ରିୟଦର୍ଶିନୀ ଙ୍କୁ ନିର୍ଦ୍ଦେଶ ଦିଆଯାଇଛି ଓ ଜମି ଅଧିଗ୍ରହଣ ପରେ ଡ୍ରେନେଜ ବିଭାଗ ଟେଣ୍ଡର ପ୍ରକ୍ରିୟା କରି ଯଥା ଶୀଘ୍ର କାର୍ଯ୍ୟ ଆରମ୍ଭ କରିବ, ଆସିକାର ଦୀର୍ଘ ଦିନର ଟ୍ରାଫିକ ସମସ୍ୟା ର ସମାଧାନ ଲାଗି ଗୋଟିଏ ଭେଣ୍ଡିଂ ଜୋନ କରାଯାଇ ଉଠା ଦୋକାନୀ ମାନଙ୍କୁ ଥଇଥାନ କରିବା ସହ ରାସ୍ତା କଡରେ ଛିଡା ହୋଇଥିବା ଯାନବାହାନ ଗୁଡିକ ପାଇଁ ଶୀଘ୍ର ଏକ ଦେୟ ଯୁକ୍ତ ପାର୍କିଙ୍ଗ ସ୍ଥଳ ନିର୍ମାଣ କରିବା ସହ ଆସିକା ସହର ଜବରଦଖଲ ଉଚ୍ଛେଦ ଯଥାଶୀଘ୍ର ଆରମ୍ଭ କରିବାକୁ ସ୍ଥିର କରାଯାଇଛି ।ସେହିପରି କିଛି ମାସ ତଳେ ୫ ଟି ଅଧୀନରେ ପ୍ରାୟ ୨କୋଟିରୁ ଉର୍ଦ୍ଧ ବ୍ୟୟ ଅଟକଳରେ ନିର୍ମିତ ଆସିକା ଉପଖଣ୍ଡ ଚିକିତ୍ସାଳୟ ର ପାଣି ନିଷ୍କାସନ ସମସ୍ୟା ତୁରନ୍ତ ସମାଧାନ ଦିଗରେ ପଦକ୍ଷେପ ଗ୍ରହଣ କରାଯିବା ଉପରେ ଗୁରୁତ୍ବ ଆରୋପ କରାଯାଇଥିଲା। ସେହିପରି ଆସିକା କଇଁଫୁଲିଆ ନାଳର ସୌନ୍ଦର୍ଯ୍ୟ କରଣ କରିବା ପାଇଁ ତୁରନ୍ତ ପଦକ୍ଷେପ ନିଆଯିବ,ବର୍ତ୍ତମାନ ବର୍ଷା ଋତୁ ଆରମ୍ଭ ହୋଇଯାଇଛି କିନ୍ତୁ ଆସିକା ବିଜ୍ଞାପିତଅଞ୍ଚଳ ପରିଷଦ ଅଧିକାଂଶ ୱାର୍ଡ ରେ ବର୍ତ୍ତମାନ ସୁଦ୍ଧା ନାଳ ସଫା ହୋଇନାହିଁ ତେଣୁ ସେ ଦିଗରେ ତୁରନ୍ତ ପଦକ୍ଷେପ ନେବାକୁ ଉପଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ ମୁଖ୍ୟତଃ ଆସିକା ଲକ୍ଷ୍ମୀବଜ଼ାର ଉପରେ ନଜର ଦିଆଯିବ ବିଷୟରେ ତାଗିଦ କରିଥିଲେ । ବୈଠକ ରେ ଜଳ ସମ୍ପଦ ବିଭାଗ ପକ୍ଷରୁ ଋଷିକୂଲ୍ୟା ଓ ବଡ଼ ନଦୀ ରେ ଜଳ କୁ ବିଭିନ୍ନ ସ୍ଥାନରେ ଚେକ ଡେମ କରି ଲୋକ ମାନଙ୍କ ପିଇବା ପାଣି ଏବଂ ଚାଷ କାର୍ଯ୍ୟ ପାଇଁ ଜଳ ମହଜୁଦ କରିବା ଉପରେ ନିର୍ବାହୀ ଯନ୍ତ୍ରୀ ଇ. ପଞ୍ଚୁ ବେହେରା ଏବଂ କନିଷ୍ଠ ଯନ୍ତ୍ରୀ ଇ.ପ୍ରଶାନ୍ତ ସାହୁ ଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା । ଗ୍ରାମ୍ୟ ଜଳ ପରିମଳ ବିଭାଗ ପକ୍ଷରୁ ଖନନ ହୋଇଥିବା ନଳକୂଅ ଏବଂ ବସୁଧା ଯୋଜନା ରେ ଜଳ ଯୋଗାଣ ଉପରେ ଗୁରୁତର ସହ କାର୍ଯ୍ୟ କରିବାକୁ ଯନ୍ତ୍ରୀ ଇ. ଶ୍ରୀନିବାସ ରାଓ ଙ୍କୁ କୁହାଯାଇଛି । ଟାଟା ପାୱାର ପକ୍ଷରୁ ଘନ ଘନ ବିଦ୍ୟୁତ କାଟ ନକରିବା ଏବଂ ଲୋକ ମାନଙ୍କୁ ବିଦ୍ୟୁତ ସେବା ସଠିକଭାବେ ବିଦ୍ୟୁତ ଉପଭୋକ୍ତ କିଭଳି ସହଜ ରେ ସେବା ମିଳିବ ପାଇଁ ନିର୍ବାହୀ ଯନ୍ତ୍ରୀ ଇ. ପ୍ରିୟ ଦର୍ଶୀ ବେହେରାଙ୍କୁ କୁହାଯାଇଥିଲା ସେହିପରି ଜାତୀୟ ରାଜପଥ ନିର୍ମାଣ ପାଇଁ ଆସିକା ତହସିଲ ଅଧୀନ କାଳଷଣ୍ଢପୁର ଠାରେ ଅଟକିଥିବା ଜମି ଅଧିଗ୍ରହଣ କାର୍ଯ୍ୟକୁ ତୁରନ୍ତ ସାରି ଜାତୀୟ ରାଜପଥ ବିଭାଗ କୁ ଜମି ପ୍ରଦାନ କରିବାକୁ ଉପଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ। ଆଜିକାର ଏହି ବୈଠକରେ ଆସିକା ବିଡ଼ିଓ ଫକୀର ଚରଣ ପରିଡା, ଉପଖଣ୍ଡ ପୋଲିସ ଅଧିକରୀ ସଞ୍ଜୟ ମହାପାତ୍ର, ଆସିକା ବନାଧିକାରୀପ୍ରମୋଦ କୁମାର ପଣ୍ଡା, କୋଟିନାଡ଼ ଥାନା ଅଧିକାରୀ କୃଷ୍ଣ ଚନ୍ଦ୍ର ସାହା, ଆସିକା ଥାନା ସବଇନ୍ସପେକ୍ଟର ଜ୍ଞାନରଞ୍ଜନ ସେଠୀ,ଆସିକା ଗୋଷ୍ଠୀ ଶିକ୍ଷାଧିକାରୀ ମୁନ ରାଣୀ ମହାନ୍ତି, ସହକାରୀ ଗୋଷ୍ଠୀ ଶିକ୍ଷାଧିକାରୀ ବିଭୁନନ୍ଦନ ପଣ୍ଡା, ଆସିକା ବ୍ଲକ କୃଷି ଅଧିକାରୀ ବାସୁଦେବ ସାହୁ, ଆସିକା ବ୍ଲକ ହର୍ଟିକଲଚର ଅଧିକାରୀ ଗୀତାଞ୍ଜଳି ସାହୁ,ସହକାରୀ ମତ୍ସ୍ୟ ଅଧିକାରୀ ଦୁର୍ଗା ମାଧବ ପ୍ରଧାନ , ଆସିକା ବ୍ଲକ ପ୍ରାଣୀ ଚିକିତ୍ସା ଅଧିକାରୀ ଆଶୁତୋଷ ଚୌଧୁରୀ, ସହକାରୀ ମୃତ୍ତିକାସଂରକ୍ଷଣ ଅଧିକାରୀ ଦେବଦତ୍ତ ପାଣିଗ୍ରାହୀ,ଆସିକା ଉପଖଣ୍ଡ ଚିକିତ୍ସାଧିକାରୀ ଗୋପାଳ କୃଷ୍ଣ ବେହେରା, ଆର୍ସିକା ଇରିଗେଶନ ୧ କନିଷ୍ଠ ଯନ୍ତ୍ରୀ ପ୍ରଶାନ୍ତ କୁମାର ସାହୁ, ଟିପିଏସଓଡିଏଲ କନିଷ୍ଠ ଯନ୍ତ୍ରୀ ରାକେଶ କୁମାର ପାତ୍ର ଙ୍କ ସମେତ ସମସ୍ତ ବିଭାଗୀୟ ଅଧିକାରୀ ଉପସ୍ଥିତ ରହିଥିଲେ।

## ଠାକୁରମୁଣ୍ଡା ବ୍ଲକରେ କୁମ୍ଭକର୍ଣ୍ଣ ନିଦ୍ରାରେ ଆବାସ ଯୋଜନା ଟଙ୍କା ନେଇ ଘର କଲେନାହିଁ ୩୨୩୪ ଜଣ ହିତାଧିକାରୀ

କରଞ୍ଜିଆ,(ମହାଭାରତ): ମୟୁରଭଞ୍ଜ ଜିଲ୍ଲା ଠାକୁରମୁଣ୍ଡା ବ୍ଲକ ରେ ୨୦୨୧-୨୦୨୨, ୨୦୨୨-୨୩ ଆର୍ଥିକ ବର୍ଷାରେ ହିତାଧିକାରୀ ଙ୍କୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ରେ ୬୬୬୧ଯୋଗ୍ୟ ହିତାଧିକାରୀ ଙ୍କୁ ଗୃହ ନିର୍ମାଣ ପାଇଁ କାର୍ଯ୍ୟାଦେଶ ପ୍ରଦାନ କରାଯାଇଥିଲା । ପ୍ରତ୍ୟକ ହିତାଧିକାରୀ ଙ୍କ ବ୍ୟାଙ୍କ ଆକାଉଣ୍ଟ କୁ ପ୍ରଥମ କିସ୍ତି ରେ ୪୦ ହଜାର ଟଙ୍କା ମଧ ଜମା କରାଯାଇଥିଲା । ସରକାର ଙ୍କ ନିୟମ ଅନୁଯାଇ ଟଙ୍କା ଜମା ହେବାର ୪ ମାସ ମଧରେ ଘର କାମ ସମ୍ପୂର୍ଣ କଲେ ୨୦ହଜାର ଓ ୬ ମାସ ମଧରେ ଘର କାମ ସମ୍ପୂର୍ଣ କଲେ ୧୦ ହଜାର ପ୍ରହସନ ରଶି ପ୍ରଦାନ କରିବା ର ନିୟମ ଅଛି । ହେଲେ ଆବାସ ବଣ୍ଟନର ପ୍ରକ୍ରିୟା କୁ ପ୍ରାୟ ଏକ ବର୍ଷ ବିତିଜାଇ ଥିଲେ ମଧ ୨୩୪୬ ଗୋଟି ଘର କାମ ସମ୍ପୂର୍ଣ ହୋଇଥିବା ବେଳେ ୧୦୮୧ ହିତାଧିକାରୀ ଙ୍କ ମଧରୁ କେଉଁଠି ପ୍ଲିଞ୍ଥ ତ କେଉଁଠି ଗ୍ରେଡ଼ବିମ ଓ କେଉଁଠି ଗାତ ଖୋଳା ହୋଇ ପଡ଼ି ରହିଛି। ୩୨୩୪ ଜଣ ଘର କାମ ଏ ପର୍ଜନ୍ତ ଆରମ୍ଭ କରିନାହାନ୍ତି । ଘର କାମ ଆରମ୍ଭ କରିନଥିବା ହିତାଧିକାରୀ ମାନଙ୍କୁ ପ୍ରଶାସନ ତାଗିଦ କରିବା ରେ ପ୍ରାୟ ଢିଲା କରିଥିବା ଜଣାପଡୁଛି ।ଉପର ମହଲା ରୁ ପ୍ରାୟ ପ୍ରଶାସନ କୁ କୌଣସି ତାଗିଦ ହୋଇ ନଥିବା ଜଣା ପଡୁଛି। ପ୍ରତ୍ୟେକ ପଞ୍ଚାୟତ ର ହିତାଧିକାରୀ ଏ ଟଙ୍କା ଘର କାମରେ ନ ଲଗାଇ ଅନ୍ୟ କାମରେ ଖର୍ଚ୍ଚ କରିଥିବା ପରି ଜଣା ପଡୁଛି ଏଣୁ ହାତରେ ଟଙ୍କା ନଥିବା ରୁ ଘର କାମ ହୋଇପାରୁନି ।

## ଜିଲ୍ଲାପାଳ ଏବଂ ଏସପିଙ୍କୁ ଭେଟିଲେ ଆନନ୍ଦପୁର ବିଧାୟକ

ହାଟଡିହି(ମହାଭାରତ):କେନ୍ଦୁଝର ଜିଲ୍ଲା ଆନନ୍ଦପୁର ନିର୍ବାଚନ ମଣ୍ଡଳୀର ବିଧାୟକ ଅଭିମନ୍ୟୁ ସେଠି ଗୁରୁବାର କେନ୍ଦୁଝର ଜିଲ୍ଲାପାଳ ଏବଂ ଏସପିଙ୍କୁ ଭେଟିଛନ୍ତି । ବିଧାୟକ ସେଠି ଜିଲାପାଳ ବିଶାଲ ସିଂଙ୍କୁ ଭେଟି ବିଭିନ୍ନ ସମସ୍ୟା ବାବଦରେ ଆଲୋଚନା କରିଥିଲେ । ହାଟଡିହି ବ୍ଲକର ମରୈଗାଁ ଠାରୁ ଭଦ୍ରକ ଜିଲା ବଳିପୁର ପର୍ଯ୍ୟନ୍ତ ନଦୀ ସୁରକ୍ଷା ବନ୍ଧର ନିର୍ମାଣ ଏବଂ ମରାମତି ସହ ଆନନ୍ଦପୁର ଉପଖଣ୍ଡ ମେଡିକାଲର ବିଭିନ୍ନ ସମସ୍ୟା ବାବଦରେ ଆଲୋଚନା କରିଥିଲେ । ଜିଲ୍ଲାପାଳ ଏ ଦିଗରେ ଅନୁଧ୍ୟାନ କରି ଯଥା ସମ୍ଭବ ପଦକ୍ଷେପ ନେବେ ବୋଲି କହିଥିବା ବିଧାୟକ ସେଠି କହିଛନ୍ତି । ସେହିପରି କେନ୍ଦୁଝର ଏସପି କୁଶଲକର ନୀତିନ ଦାଗୁଡୁଙ୍କୁ ସୌଜନ୍ୟ ମୂଳକ ସାକ୍ଷାତ କରିଥିଲେ।

## ରଥଯାତ୍ରା ସକାଶେ ପ୍ରସ୍ତୁତି ବୈଠକ



ଆସିକା (ମହାଭାରତ): ଆସିକା ତହସିଲଦାରଙ୍କ କକ୍ଷରେ ଚଳିତ ରଥଯାତ୍ରା ନିମନ୍ତେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକ ରେ ଆସିକା ତହସିଲଦାର ପ୍ରିୟଙ୍କା ପ୍ରିୟଦର୍ଶନି, ଅତିରିକ୍ତ ତହସିଲଦାର ଦେବୀ ପ୍ରସାଦ ବାରିକ,ଉପ ଖଣ୍ଡ ଆରକ୍ଷୀ ଅଧିକାରୀ ସଞ୍ଜୟ କୁମାର ମହାପାତ୍ର, ବିଧାୟକ ପ୍ରତିନିଧି ସନ୍ଦୀପ କୁମାର ପାଢ଼ୀ, ସଂଗୀତ ପାଢ଼ୀ, ମନ୍ଦିର ପରିଚାଳନା କମିଟି ର ସଭାପତି ନାରାୟଣ ମୁନି, ଆସିକା ଥାନା ସବ ଇନ୍ସପେକ୍ଟର ଜ୍ଞାନରଞ୍ଜନ ସେଠୀ,ଇଓ ଲୋକନାଥ ବେଜ,ବିଦ୍ୟୁତ ବିଭାଗ ର ସହକାରୀ ଯନ୍ତ୍ରୀ ଇ. ଆଦିତ୍ୟ କୁମାର ଦାଶ, କନିଷ୍ଠ ଯନ୍ତ୍ରୀ ରାକେଶ ପାତ୍ର,ତହସିଲ କାର୍ଯ୍ୟାଳୟ ର ନାଜିର ଜ୍ଞାନଚନ୍ଦ ମହାନ୍ତି, ଅଗ୍ନିକ ଅଧିକାରୀ କୈଳାଶ ପୂଜକ ନୀଳ ମାଧବ ଦାସ, କମିଟି ସଦସ୍ୟ ଅଶୋକ ପାଣିଗ୍ରାହୀ, ଆଇନଜୀବି ସନ୍ତୋଷ କୁମାର ମିଶ୍ର, ପ୍ରମୁଖ ଉପସ୍ଥିତ ରହିଥିଲେ । ଚଳିତ ରଥଯାତ୍ରା ଶାନ୍ତି ଶୃଙ୍ଖଳା, ଏବଂ ସୁନ୍ଦର ଭକ୍ତିମୟ କରିବା ନିମନ୍ତେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା।

## ଘୋଷ ଯାତ୍ରା ପ୍ରସ୍ତୁତି ବୈଠକ ବାତିଲ ନେଇ ବିଭିନ୍ନ ମହଲରେ ଅସନ୍ତୋଷ

ବାଣପୁର:( ମହାଭାରତ )ଖୋର୍ଦ୍ଧା ଜିଲ୍ଲା ବାଣପୁର ଅଞ୍ଚଳରେ ପ୍ରତିବର୍ଷ ପରି ଚଳିତ ବର୍ଷ ପବିତ୍ର ରଥଯାତ୍ରା ପରିପ୍ରେକ୍ଷୀରେ ଏନଏସି କାର୍ଯ୍ୟାଳୟ ଠାରେ ଏକ ଗୁରୁତ୍ୱପୂର୍ଣ୍ଣ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହେବାକୁ ଥିବା ବେଳେ ବିନା ସୂଚନାରେ ବାତିଲ କରାଯାଇଥିଲା। ବହୁ ବର୍ଷର ପୂର୍ବ ପରମ୍ପରା ଅନୁଯାୟୀ ବାଣପୁର ସ୍ଥିତ ରଙ୍ଗନାଥ ଦେବ ଏବଂ ଚରଣ ଚକାଦେବଙ୍କ ପିଠରେ ମହା ଆଡମ୍ବରରେ ପବିତ୍ର ରଥଯାତ୍ରା ଅନୁଷ୍ଠିତ ହୋଇଆସୁଛି। ଚଳିତ ବର୍ଷ ଏଥି ନିମନ୍ତେ ଆଜି ଏକ ପ୍ରସ୍ତୁତି ବୈଠକ ବାଣପୁର ଏନଏସି କାର୍ଯ୍ୟନିର୍ବାହୀ ଅଧିକାରିଣୀ କାଦମ୍ବିନୀ ଜେନାଙ୍କ ଅଧକ୍ଷତାରେ ଅନୁଷ୍ଠିତ ହେବାକୁ ଥିବାବେଳେ ଶେଷ ମୁହୂର୍ତ୍ତରେ ତାହା ବାତିଲ ହୋଇଛି । ବାଣପୁର ଏନଏସି କାର୍ଯ୍ୟାଳୟ ପତ୍ର ସଂଖ୍ୟା ୧୨୯୩/୨୪ ରେ ଶୁକ୍ରବାର ରଥଯାତ୍ରା ପାଇଁ ପ୍ରଥମ ସମନ୍ୱୟ ବୈଠକ ଦିବା ୧୧.୩୦ ଘଟିକାରେ ଅନୁଷ୍ଠିତ ହେବ ବୋଲି ଏନଏସି କାର୍ଯ୍ୟନିର୍ବାହୀ ଅଧିକାରିଣୀଙ୍କ ଜରିଆରେ ବିଭିନ୍ନ ପ୍ରଶାସନିକ ଅଧିକାରୀ,ବ୍ୟବସାୟୀ ସଂଘ, ଗଣମାଧମ ପ୍ରତିନିଧି ଏବଂ ଉଭୟ ମନ୍ଦିର କମିଟି ସଭାପତିଙ୍କୁ ନିମନ୍ତ୍ରଣ କରାଯାଇଥିଲା। ତେବେ ଶେଷ ମୁହୂର୍ତ୍ତରେ ଉକ୍ତ ବୈଠକ ବାତିଲ ହୋଇଥିବା ଦେଖିବାକୁ ମିଳିଛି। ପ୍ରଶାସନ ପକ୍ଷରୁ କେବଳ ଅଗ୍ନିଶମ ଅଧିକାରୀ ଯୋଗ ଦେଇଥିବା ବେଳେ ଅନ୍ୟ ପ୍ରଶାସନିକ ଅଧିକାରୀମାନେ ଅନୁପସ୍ଥିତ ଥିଲେ। ଅନୁରୂପ ଭାବେ ଏକାଧିକ ବ୍ୟବସାୟୀ ସଂଘର କର୍ମକର୍ତ୍ତା ଏବଂ ଉଭୟ ମନ୍ଦିର ପ୍ରଶାସନ କର୍ମକର୍ତ୍ତାମାନେ ମଧ ବୈଠକରେ ସାମିଲ ହେବା ପାଇଁ ଏନଏସି କାର୍ଯ୍ୟାଳୟ ଉପସ୍ଥିତ ଥିବା ବେଳେ ହଠାତ ବୈଠକକୁ ଶେଷ ମୁହୂର୍ତ୍ତରେ ସ୍ଥଗିତ ରଖାଯାଇଥିଲା। ଯାହାଫଳରେ ସମସ୍ତ କର୍ମକର୍ତ୍ତାଙ୍କ ମଧରେ ନୈରାଶ୍ୟ ମନୋଭାବ ଦେଖିବାକୁ ମିଳିଥିଲା।ଏ ନେଇ ଏନଏସି କାର୍ଯ୍ୟନିର୍ବାହୀ ଅଧିକାରିଣୀ,ଏନଏସି ଅଧକ୍ଷ ଏବଂ ଖୋର୍ଦ୍ଧା ଉପଜିଲ୍ଲାପାଳଙ୍କୁ ଯୋଗାଯୋଗ କରାଯାଇଥିଲେ ସୁଦ୍ଧା ତାହା ସମ୍ଭବ ହୋଇପାରିନାହିଁ। ତେବେ ବିଶେଷ ସୂତ୍ରରୁ ମିଳିଥିବା ସୂଚନା ମୁତାବକ ଉକ୍ତ ରଥଯାତ୍ରା ବୈଠକରେ ଏନଏସି କାର୍ଯ୍ୟନିର୍ବାହୀ ଅଧିକାରିଣୀ ସ୍ଥାନୀୟ ବିଧାୟକ ତଥା ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନଙ୍କୁ ଅବଗତ କରିନଥିବା ନେଇ ବିଭିନ୍ନ ମହଲରେ ଦୃଢ଼ ନିନ୍ଦା କରିଥିବା ବେଳେ ସାଧାରଣରେ ଅସନ୍ତୋଷ ଦେଖାଦେଇଛି।

## ପଞ୍ଚାୟତ ପୋଖରୀରୁ ପାଣି ବାହିବାକୁ କେନ୍ଦ୍ର କରି ମାମଲା ଯାଇ ଥାନାରେ



(ବସ୍ତା/ମହାଭାରତ) ବସ୍ତା ବ୍ଲକ ପାଉଁଶକୁଳି ପଞ୍ଚାୟତ ନାବଦା ଗ୍ରାମରେ ପଞ୍ଚାୟତ ପୋଖରୀରୁ ପାଣି ବାହିବାକୁ କେନ୍ଦ୍ର କରି ଗ୍ରାମରେ ଉତ୍ତେଜନାୟ ମାମଲା ଯାଇ ଥାନାରେ। ଅଭିଯୋଗ ମୁତାବକ ଗତ ୨୬ ତାରିଖ ବୁଧବାର ଗ୍ରାମର ବରେନ୍ଦ୍ର ପରିଡା ବେଆଇନ ଓ ବିପଦ ସଙ୍କୁଳ ଭାବେ ତାର ଟାଣି ଦୁଇଟି ଇଲେକ୍ଟ୍ରିକ୍ ମୋଟର ସାହାଯ୍ୟରେ ପଞ୍ଚାୟତ ପୋଖରୀରୁ ପାଣି ବାହୁଥିଲେ। ଯାହାକୁ କିଛି ଗ୍ରାମ ବାସୀ ବିରୋଧ କରି ସ୍ଥାନୀୟ ବିଦ୍ୟୁ ବିଭାଗ, ପଞ୍ଚାୟତ ନିର୍ବାହୀ ଅଧିକାରୀ ,ପାଉଁଶ କୁଳି ପଞ୍ଚାୟତ ର ସରପଞ୍ଚ ଓ ବସ୍ତା ବିଡ଼ିଓ ଜଣାଇଥିଲେୟ ତେବେ ଘଟଣା ସ୍ଥଳରେ ବିଦ୍ୟୁ ବିଭାଗ ର ଅଧିକାରୀ ପହଞ୍ଚି ତଦନ୍ତ କରିବା ସହିତ ବିଦ୍ୟୁତ ତାର ଖୋଲି ଦେବା ପରେ , ମୋଟର ଦୁଇଟି କୁ ଗ୍ରାମବାସୀ ନିଜ ହେପାଜତରେ ରଖି ନ୍ୟାୟ ପାଇଁ ବସ୍ତା ଥାନା ଅମରଦା ଫାଣ୍ଡିରେ ପୂର୍ଣଚନ୍ଦ୍ର ପାତ୍ର ଲିଖିତ ଅଭିଯୋଗ କରିଥିଲେ। ଏନେଇ ଆଜି ଅମାରଦା ଫାଣ୍ଡି ଅଧିକାରୀ ସନ୍ଦୀପ କୁଜୁରୁ ଘଟଣା ସ୍ଥଳରେ ପହଞ୍ଚି ଘଟଣା ବାବଦରେ ଗ୍ରାମବାସୀ ପୂର୍ଣ୍ଣଚନ୍ଦ୍ର ଦାସ, ସମରେନ୍ଦ୍ର ଜେନା, ହେମେନ୍ଦ୍ର ବାରିକ, ସଞ୍ଜୟ କୁମାର ଦାସ ସମେତ ଉପସ୍ଥିତ ଗ୍ରାମ ବାସୀଙ୍କୁ ପଚାରି ବୁଝିବା ସହିତ ଦୁଇଟି ବିଦ୍ୟୁତ ଚଳିତ ମୋଟର କୁ ଜବତ କରିଛନ୍ତି ।ତେବେ ଏନେଇ ଘଟଣା ବାବଦରେ ପାଉଁଶକୁଳି ସରପଞ୍ଚ ବିନ୍ଦୁବାଳା ସେନାପତି ଙ୍କୁ ପଚାରିବାରୁ ସେ ଘଟଣା ବାବଦରେ ଅବଗତ ଅଛନ୍ତି, ପୋଖରୀଟି ଅପରିତ୍ୟକ୍ତ ହୋଇ ବ୍ୟବହାର ଅନୁପଯୋଗୀ ଥିବାରୁ ନିଲାମ ହୋଇ ପାରିନାହିଁ । ଚାଷକାର୍ଯ୍ୟ ପାଇଁ ଗ୍ରାମର କିଛି ବ୍ୟକ୍ତି ପାଣି ନେବେ ବୋଲି ଲିଖିତ ଜଣାଇଥିଲେ ମାତ୍ର ବିବାଦ ହେବାରୁ ପାଣି ବାହିପାରି ନାହାନ୍ତି। ରାଜନୈତିକ ଅଭିସନ୍ଧି ରଖି ଉଦ୍ଦେଶ୍ୟ ମୂଳକ ଭାବେ ଏପରି କରାଯାଉଛି ତେବେ ଖୁବ୍ ଶୀଘ୍ର ପୋଖରୀକୁ ପୁନରୁଦ୍ଧାର କରି ନିଲାମ କରାଯିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତ।

## ପାଟଣା ପ୍ରାଥମିକ ଶିକ୍ଷକ ସଂଘ ପକ୍ଷ ରୁ ନୂତନ ବିଧାୟକ ଙ୍କୁ ସମ୍ବର୍ଦ୍ଧାନ

କେନ୍ଦୁଝର:-(ମହାଭାରତ)କେନ୍ଦୁଝର ଜିଲ୍ଲା ପାଟଣାବ୍ଲକ ଅଖିଳ ଉତ୍କଳ ପ୍ରାଥମିକ ଶିକ୍ଷକ ସଂଘ ପକ୍ଷ ରୁ ସମ୍ବର୍ଦ୍ଧନ ସଭା ଅନୁଷ୍ଠିତ ହୋଇଛି । ଏହି ସମ୍ବର୍ଦ୍ଧନା ସଭା କୁ ପାଟଣା ଅତିରିକ୍ତ ଶିକ୍ଷା ଅଧିକାରୀ ବିଜନ କୁମାର ପରିଡା ଙ୍କ ସଭାପତିତ୍ୱ ରେ ଅନୁଷ୍ଠିତ ହୋଇ ଥିବା ବେଳେ ସମ୍ବର୍ଦ୍ଧନା ସଭା କୁ ଶିକ୍ଷକ ପ୍ରାର୍ଥସାରଥି ବେଜ ସଂଯୋଜନା କରିଥିଲେ । ମୁଖ୍ୟଅତିଥି ଭାବେ ପାଟଣା ବିଧାୟକ ଅଖିଳ ଚନ୍ଦ୍ର ନାୟକ ଯୋଗଦାନ କରିଥିଲେୟ ଏହି ସମ୍ବର୍ଦ୍ଧନା ସଭା ରେ ବିଜେପି ର ପୂର୍ବତନ ରାଜ୍ୟ କୃଷକ ମୋର୍ଚ୍ଚା ର ସଂପାଦକ ରାଧାକାନ୍ତ ମହାନ୍ତ,କାର୍ଯ୍ୟକାରିଣୀ ସଦସ୍ୟ କମଳାକାନ୍ତ ଦାଶ ସମ୍ବର୍ଦ୍ଧିତ ସଭା ରେ ଉପସ୍ଥିତ ଥିଲେ । ମୁଖ୍ୟ ଅତିଥି ପାଟଣା ବିଧାୟକ ଙ୍କୁ ପାଟଣା ଶିକ୍ଷା ଅଧିକାରୀ ପୂର୍ଣ୍ଣ ଚନ୍ଦ୍ର ଅମାନ୍ତ, ଅତିରିକ୍ତ ଶିକ୍ଷା ଅଧିକାରୀ ବିଜୟ ଓଝା,ସଚ୍ଚିଦାନନ୍ଦ ସେଠୀ,ସି.ରା.ସି ଜ୍ୟୋର୍ତିମୟ ତ୍ରିପାଠୀ,ପ୍ରମୋଦ କୁମାର ମହାନ୍ତ,ପାଟଣା ଶିକ୍ଷକ ସଂଘ ର ସଂପାଦକ କମଳାକାନ୍ତ ପତି ତଥା ଶିକ୍ଷକ,ଶିକ୍ଷୟିତ୍ରୀ ପୁଷ୍ପ ଗଛ ଉପଢ଼ଙ୍କ ଦେଇ ସମ୍ବର୍ଦ୍ଧିତ କରାଯାଇଛି।

## ଏବିଭିପି ପକ୍ଷରୁ କଲେଜର ନୂତନ ଅଧକ୍ଷଙ୍କୁ ସମ୍ବର୍ଦ୍ଧନା ସହ ଛାତ୍ରଛାତ୍ରୀଙ୍କ ପାଇଁ ହେଲ୍ପ ଡ଼େକ୍ସ.



ରାଜନଗର(ମହାଭାରତ) :ପୃଥିବୀ ର ସର୍ବ ବୃହତ ଛାତ୍ର ସଂଗଠନ ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ (ଏବିଭିପି )ରାଜନଗର ନଗର ତରଫରୁ ଗତକାଲି ଶ୍ରୀ ଶ୍ରୀ ଜଗନ୍ନାଥ ମହାବିଦ୍ୟାଳୟର ନୂତନ ଅଧକ୍ଷ ପ୍ରଣୟ ବେହେରା ଙ୍କୁ ସମ୍ବର୍ଦ୍ଧନା ସହ +୩ ଛାତ୍ରଛାତ୍ରୀ ଙ୍କ ନାମଲେଖା ପାଇଁ ହେଲ୍ପ ଡ଼େକ୍ସ, ପ୍ରତି ବର୍ଷ ଭଳି ଏ ବର୍ଷ ମଧ ପୃଥିବୀ ର ସର୍ବ ବୃହତ ଛାତ୍ର ସଂଗଠନ ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ ତାର ସେବା ଜାରି ରଖିଛି। ଚଳିତ ବର୍ଷ +୩ ର ଛାତ୍ରଛାତ୍ରୀ ମାନଙ୍କର ନାମଲେଖା ପକ୍ରିୟାରେ ଏବିଭିପି ତରଫରୁ ଛାତ୍ରଛାତ୍ରୀ ମାନଙ୍କୁ ସାହାଯ୍ୟ ନିମିତ୍ତ ଜିଲ୍ଲା ପ୍ରମୁଖ ବୈଲୋଚନ ଦାସ ଙ୍କ ନିର୍ଦ୍ଦେଶରେ ରାଜନଗର ନଗର ତରଫରୁ ହେଲ୍ପ ଡ଼େକ୍ସ ଖୋଲା ଯାଇଛ।ଏଥିରେ ନୂଆକରି ମହାବିଦ୍ୟାଳୟ କୁ ଆସୁଥିବା +୩ ର ଛାତ୍ରଛାତ୍ରୀ ମାନଙ୍କ ପାଇଁ ନାମଲେଖା ସମ୍ପର୍କିତ କାଗଜପତ୍ର ଓ ସୂଚନା ପାଇଁ ହେଲ୍ପ ଡ଼େକ୍ସ ବ୍ୟବସ୍ଥା କରାଯାଇଛି ।ଏହି କାର୍ଯ୍ୟକ୍ରମରେ ରାଜନଗର ନଗର ଛାତ୍ର ପ୍ରମୁଖ ରଞ୍ଜିତ ସାହୁ, ଦେବ ଦୁଲାଲ ଜେନା, ନନ୍ଦ ଦୁଲାଲ ଜେନା, ଗୌରାଙ୍ଗ ଦଳାଇ, ମନୋରଞ୍ଜନ ସାହୁ, ଛାତ୍ରୀ ପ୍ରମୁଖ ସ୍ୱର୍ଣ୍ଣଲତା ଦାସ, ସସ୍ମିତା ସାହୁ, ସ୍ମୃତିରେଖା ନାଥ ଶର୍ମା ରହି ହେଲ୍ପ ଡ଼େକ୍ସ ଜରିଆରେ ସମସ୍ତ +୩ ଛାତ୍ରଛାତ୍ରୀ ଙ୍କୁ ନାମ ଲେଖିବାରେ ସହାୟତା ପ୍ରଦାନ କରିଥିଲେ। ଖାଲି ରାଜନଗର ମହାବିଦ୍ୟାଳୟରେ ନୁହେଁ ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ ତରଫରୁ କେନ୍ଦ୍ରାପଡ଼ା ଜିଲ୍ଲାର ବିଭିନ୍ନ ମହାବିଦ୍ୟାଳୟରେ ଛାତ୍ରଛାତ୍ରୀ ଙ୍କ ନାମ ଲେଖା ପ୍ରକ୍ରିୟାରେ ହେଲ୍ପ ଡ଼େକ୍ସ ର ବ୍ୟବସ୍ଥା କରାଯାଇଛି । ୧୯୪୯ ଜୁଲାଇ ୯ ତାରିଖରେ ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ ଗଠନ ହେବା ଦିନଠାରୁ ଛାତ୍ରଛାତ୍ରୀ ଙ୍କ ପାଇଁ ସେବା ଯୋଗାଇ ଆସିଛି। ଛାତ୍ରଛାତ୍ରୀ ଙ୍କ ସମସ୍ୟା କୁ ନେଇ ସରକାର ଙ୍କ ବିରୁଦ୍ଧରେ ଜାତୀୟ ତଥା ଅନ୍ତର୍ଜାତୀୟ ସ୍ତରରେ ସମାଧାନ ପାଇଁ ଦାବି ମଧ ରଖିଛି। ସେଥିପାଇଁ ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ (ଏବିଭିପି ) ବିଶ୍ୱର ବୃହତ ଛାତ୍ର ସଂଗଠନର ମାନ୍ୟତା ପାଇଛି, ସବୁବେଳେ ଛାତ୍ରଛାତ୍ରୀ ଙ୍କ ସ୍ୱାର୍ଥରେ ଛିଡା ହେବା ସହିତ ରାଷ୍ଟ୍ର ହିତରେ ଛାତ୍ରଛାତ୍ରୀ ଙ୍କୁ ନିୟୋଜିତ ମଧ କରି ଆସୁଛି ଏବଂ ଏହି କାର୍ଯ୍ୟ ଆଗକୁ ମଧ କରି ଚାଲିବ।

## ଅବକାରୀ ବିଭାଗ ପକ୍ଷରୁ ଚଢ଼ାଉ ଗଞ୍ଜେଇ ସହ କାର ଜବତ ଜଣେ ଗିରଫ

: ଦୋଲିପୂର୍ ଅବକାରୀ ବିଭାଗ ପକ୍ଷରୁ ଗୋପବନ୍ଧୁ ଛକରେ ଆଜି ଚଢ଼ାଉ କରି ୩୪ କେ.ଜି ଗଞ୍ଜେଇ ସହିତ ଏକ କାର ଜବତ କରି ଜଣେ ବ୍ୟକ୍ତିଙ୍କୁ ଗିରଫ କରାଯାଇଛି ଏବଂ ବୁଧବାର ଅଭିଯୁକ୍ତକୁ କୋର୍ଟ ଚାଲାଣ କରାଯାଇଛି । ସୂଚନା ମୁତାବକ ଅବକାରୀ ଅଧିକ୍ଷକ ଅମରେନ୍ଦ୍ର କୁମାର ଜେନାଙ୍କ ନିର୍ଦ୍ଦେଶ କ୍ରମେ ଆଜି ଦିନ ୧୦ : ୩୦ ମିନିଟରେ ଯାଜପୁର ରୋଡ଼ ଅବକାରୀ ବିଭାଗର ଅଧିକାରୀ ନାରାୟଣ ବେହେରା ସଦଳବଳେ ଗୋପବନ୍ଧୁ ଛକରେ ଚଢ଼ାଉ କରିଥିଲେ । ଏହି ଚଢ଼ାଉରେ ଗଞ୍ଜେଇ ସହ ଜଣେ ବ୍ୟକ୍ତିଙ୍କୁ ଗିରଫ କରିଥିଲେ ।ତେବେ ଏହି ଗିରଫ ବ୍ୟକ୍ତି ଜଣକ ଢେଙ୍କାନାଳ ଜିଲ୍ଲା ଅଂଚଳର ତାରିଣୀ ମଲ୍ଲିକ ବୋଲି ଜଣାପଡିଛି । ସେପଟେ ଅବକାରୀ ବିଭାଗ ପକ୍ଷରୁ ଏହି ଅଭିଯୁକ୍ତକୁ ଗିରଫ କରିବା ପରେ କେସ ନମ୍ବର ୭୩/୨୪ ରେ ଏକ ମାମଲା ରୁଜୁ କରି ଅଭିଯୁକ୍ତକୁ କୋର୍ଟ ଚାଲାଣ କରିଛି ଅବକାରୀ ବିଭାଗ । ଏହି ଚଢ଼ାଉରେ ସବ-ଇନସିପେକ୍ଟର ଶ୍ରୀକାନ୍ତ କୁମାର ପଣ୍ଡା,ଏସ.ଆଇ କ୍ଷୀରୋଦ କୁମାର ସାହୁ, ଶୁଭସ୍ମିତା ପ୍ରଧାନ, ମାଳତୀ ମାଝୀ ଓ ସୁଚିତ୍ରା ନାୟକଙ୍କ ସମେତ କର୍ମଚାରୀ ମାନେ ସାମିଲ ଥିଲେ । ସୂଚନା ଯୋଗ୍ୟ ଯେ ୧୫ଦିନ ତଳେ ଏହି ଗୋପବନ୍ଧୁ ଛକ ଠାରେ ଗଞ୍ଜେଇ ଜବତ ହୋଇ ଥିଲାୟ ଏହି ଛକ ଟି ବ୍ରାଉନ ସୁଗ୍ରାର ଗଞ୍ଜେଇ ମାଫିଆ ମାନଂକ ଆଡ୍ଡା ସ୍ଥଳୀ ହୋଇଚି । ପୋଲିସ୍ ଓ ଅବକାରୀ ବିଭାଗ କୁ ଚକମା ଦେଖାଇ ସେ ମାନଂକ ଚୋରା ବେବସାୟ ଜାରୀ ରଖିଛନ୍ତି ଛୋଟ ଛୋଟ ପିଲା ମହିଳା ମାନଙ୍କୁ ଏହି କାର୍ଯ୍ୟ ରେ ଲଗାଇ ପୋଲିସ୍ ଅବକାରୀ ବିଭାଗ କୁ ଠୋକା ବନାଇଛନ୍ତି ।

## ହରିହରପୁର ପଞ୍ଚାୟତ ସମସ୍ୟା ବୁଝିଲେ ବିଧାୟକ

କଣିହାଁ (ମହାଭାରତ) ପାଲଲହଡ଼ା ନିର୍ବାଚନ ମଣ୍ଡଳୀ ର କଣିହା ବ୍ଲକ ହରିହରପୁର ପଞ୍ଚାୟତ ଅଞ୍ଚଳ କୁ ଗୁରୁବାର ନବନିର୍ବାଚିତ ବିଧାୟକ ଅଶୋକ ମହାନ୍ତି ଗସ୍ତ କରିଥିଲେ । ପଞ୍ଚାୟତ ର ବିଭିନ୍ନ ଗ୍ରାମରେ ବିଧାୟକ ଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରିଥିଲେ। ଏହି ପରିପ୍ରେକ୍ଷୀରେ ବିଧାୟକ ପଞ୍ଚାୟତ ର ମୌଳିକ ସମସ୍ୟା ସମାଧାନ କୁ ଜନସାଧାରଣ ଙ୍କ ସହିତ ଆଲୋଚନା କରିଥିଲେ । ଏହାର ସମାଧାନ ଦିଗରେ ଆଲୋଚନା କରି ବିଭିନ୍ନ ସମସ୍ୟା ସମ୍ପର୍କରେ ବୁଝିଥିଲେ ଓ ଏହି କାର୍ଯ୍ୟକ୍ରମରେ ପଞ୍ଚାୟତ ଅଞ୍ଚଳ ର ବରିଷ୍ଠ ନାଗରିକ ଓ ଜନପ୍ରତିନିଧି ଙ୍କ ସହିତ ଭାଜପା କାର୍ଯ୍ୟକର୍ତ୍ତା ମଣ୍ଡଳ ସଭାପତି ପ୍ରହଲ୍ଲାଦ ସାମଲ ବିଜୟ ପ୍ରଧାନ ପଣ୍ଡିତ ପ୍ରଧାନ ବୁଦ୍ଧଦେବ ପ୍ରଧାନ କୁବେର ସାହୁ ସଞ୍ଜୟ ପ୍ରଧାନ ବିନୋଦ ଧୀର ସମେତ ଶତାଧିକ ଦଳୀୟ କର୍ମୀ ଉପସ୍ଥିତ ରହି ସହଯୋଗ କରିଥିଲେ।

# ଜମିଦଲାଲଙ୍କ ଚରାଭୁଇଁ ପାଲିଟିଛି ଗୁଣ୍ଡା ବାହିନୀରେ ଜମି ବେପାର



**ବ୍ୟାସନଗର,(ମହାଭାରତ) :** ଯାଜପୁରରୋଡ଼ ଆଖପାଖ ଅଞ୍ଚଳରେ ଜମି ଦର ଆକାଶ ଛୁଆଁ। ଏଥିପାଇଁ ଜମି ଦଲାଲମାନେ ଘରୋଇ ଜମି ସହିତ ସରକାରୀ ଜମିକୁ ମଧ୍ୟ ପ୍ଲଟିଂ କରି କୋଟି କୋଟି ଟଙ୍କା ମୁନାଫା କରୁଛନ୍ତି। ବ୍ୟାସନଗର ତହସିଲର ବ୍ୟାପକ ଅଞ୍ଚଳ ବନ୍ଦୋବସ୍ତ ହୋଇନଥିବା ବେଳେ କେତେକ ମୁଷ୍ଟିମେୟ ଜମିଦଲାଲ ସରକାରୀ ଜମି ମାଡ଼ିବସି ବିକ୍ରି କରି ଚାଲିଛନ୍ତି। ବର୍ଷ ବର୍ଷ ଧରି ଲୋକମାନେ ଜଙ୍ଗଲ ଜମିରେ ଘର କରିଥିଲେ ହେଁ ସେମାନଙ୍କର ଜମିପଟ୍ଟା ଚୂଡ଼ାନ୍ତ ହୋଇପାରୁନାହିଁ। ଏହା ସୁଯୋଗରେ ଜଙ୍ଗଲ ଜମି ମାଡ଼ିବସିଥିବା କେତେକ ପ୍ରଭାବଶାଳୀ ବ୍ୟକ୍ତି ପ୍ଲଟି କରି ବିକ୍ରି କରୁଛନ୍ତି । ସହରର ଥାନା ଓ ଅଗ୍ନିଶମ କାର୍ଯ୍ୟାଳୟ ନିକଟରୁ ଉଚ୍ଛେଦ ହୋଇଥିବା ସରକାରୀ ଜମିକୁ ପୁଣି ଜମିଦଲାଲମାନେ କବଜା କରି ନେଇଛନ୍ତି ଯାଜପୁରରୋଡ ଥାନା ଓ ଅଗ୍ନିଶମ କାର୍ଯ୍ୟାଳୟ ନିକଟସ୍ଥ ଅଞ୍ଚଳରେ ଜବରଦଖଲ ହୋଇଥିବା ଜମିକୁ ବ୍ୟାସନଗର ତହସିଲ ପକ୍ଷରୁ ଉଚ୍ଛେଦ କରାଯାଇଥିଲା।(ତଳଗଡ଼ ଆରଆଇ ସର୍କଲର ଫାୟାର ଷ୍ଟେସନ ଛକରୁ ମିଲିଟାରି ଛକ ବ୍ୟାସନଗର ତହସିଲର ଜବରଦଖଲ ଉଚ୍ଛେଦ ଏକ ପ୍ରହସନ) ମଧ୍ୟରେ ଥିବା ନୟାଗଡ଼ ମୌଜାର ସରକାରୀ ଜମିକୁ ଆଂଶିକ ଉଚ୍ଛେଦ କରାଯାଇଥିଲା ଏବେ ପୁଣି ସେଠାରେ ଅଧିକ ସରକାରୀ ଜମି ଜବରଦଖଲ ହେବାରେ ଲାଗିଛି ! ସରକାରଙ୍କ ତରଫରୁ ଲାଗିଥିବା ଉଚ୍ଛେଦ ବୋର୍ଡକୁ ଜମିଦଲାଲ ନଷ୍ଟ କରିଦେଲେଣି ସେହିପରି ନୟାଗଡ଼ ଖେଳପଡ଼ିଆ ସମେତ ମୋଟ ୪୭ ଏକର ସରକାରୀ ଜମି ଜବରଦଖଲ କରାଯାଉଛି। ଏହି ଜମିକୁ ଉଦ୍ଧାର ପାଇଁ ଗ୍ରାମର ଯଶୋବନ୍ତ ଭୂୟାଁ, ଅଭିନ୍ନ କୁମାର ଜେନା ଓ ଶରତ ଚନ୍ଦ୍ର ଜେନା ସିନିୟର ଡିଭିଜନ କୋର୍ଟରେ ଏକ ମାମଲା କରିଥିଲେ। ଏଥିରେ ଯାଜପୁର ଜିଲ୍ଲାପାଳ,ବ୍ୟାସନଗର ତହସିଲଦାରଙ୍କ ସମେତ ୧୯ ଜଣଙ୍କ ନାମରେ ମାମଲା ହୋଇଛି ! ଅଭିଯୋଗକାରୀ ଶରତ ଚନ୍ଦ୍ର ଜେନାଙ୍କ ମୃତ୍ୟୁ ହୋଇଗଲାଣି। ୧୩ ବର୍ଷ ବିତି ଯାଇଥିଲେ ହେଁ ମାମଲା ଫାଇଲ ତଳେ ଚାପି ହୋଇଯାଇଛି। ସେହିପରି ନଗୁଆଁ ମୌଜାର ଜଙ୍ଗଲ ଜମିକୁ ମଧ୍ୟ ଜବରଦଖଲ କରାଯାଇଛି। ଅଞ୍ଚଳବାସୀ ଜବରଦଖଲ ଉଚ୍ଛେଦ ପାଇଁ ତହସିଲ୍ ନିକଟରେ ଦାବି କଲେ ମଧ୍ୟ କୌଣସି ପଦକ୍ଷେପ ଗ୍ରହଣ କରାଯାଉନାହିଁ। ସୂଚନାଯୋଗ୍ୟ ବ୍ୟାସନଗର ତହସିଲ ଅଧୀନରେ ଥିବା ୮ ଟି ରାଜସ୍ୱ ସର୍କଲକୁ ୧୪ଟିରେ ପରିଣତ ହୋଇଛି। ପୂର୍ବରୁ ପଛିକୋଟ ସର୍କଲ ଅଧୀନସ୍ଥ ୨୭ ଟି ମୌଜାରେ ୪ ହଜାର ୮୨୨ ଏକର ସରକାରୀ ଜମି ଥିଲା। ଅଧିକାଂଶ ଜମି ଏବେ ଜବରଦଖଲରେ ରହିଛି ଜମି ପ୍ଲଟିଂ କରି ବିକ୍ରି କରିଥିବା ଦଲାଲମାନେ ପ୍ରଶାସନକୁ ହାତ କରି ଜଳାଶୟ, ଅନାବାଦୀ ଓ ଜଙ୍ଗଲ ଜମିକୁ ମଧ୍ୟ ବିକ୍ରି କରିଚାଲିଛନ୍ତି। ସେହିପରି କନ୍ତର ସର୍କଲ ଅଧୀନସ୍ଥ ଶହଶହ ଏକର ଜମି ହଡ଼ପ ହୋଇଛି। ସେହିପରି କଣ୍ଟାଝରି ସର୍କଲ ଅଧୀନରେ ଥିବା ରମ୍ପାସ,ଉମାପଦ,ମୁଣ୍ଡମାଳ,ବହୁ ମୂଲ୍ୟବାନ ସରକାରୀ ଜମି କିଣାବିକା ଚାଲିଛି। ଆଗାମୀ ଦିନରେ ଏହାକୁ ନେଇ ଆଇନ ଶୃଙ୍ଖଳା ପରିସ୍ଥିତି ସୃଷ୍ଟି ହେବାର ଆଶଙ୍କା ଅଛି ।

# ବରଣ୍ଡୁଆ ପଂଚାୟତରେ ହରିଲୁଟ


**ବାସୁଦେବପୁର,(ମହାଭାରତ) :** କେନ୍ଦ୍ର ସରକାର ବିଭିନ୍ନ ଯୋଜନା ରେ ଗ୍ରାମାଞ୍ଚଳ ର ଉନ୍ନତି କରିଥାନ୍ତି, ଶ୍ରମିକ ଶ୍ରେଣୀୟ ଲୋକଙ୍କୁ କର୍ମ ନିଯୁକ୍ତି ପାଇଁ ଜାତୀୟ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା ରେ କାମ ଯୋଗାଇ ଦିଅନ୍ତି । କିନ୍ତୁ ବିଡମ୍ବନା ବିଷୟ କିଛି ସରକାରୀ ବାବୁ ଲୋଭ ରେ ହେଉ ଅବା ଚିତାକଟା ନେତାଙ୍କ ଚାପ ରେ କାମ ନ କରି ବିଲ ପାସ କରି ମାଲେ ମାଲ ହୁଅନ୍ତି । ଏମିତି ଏକ ହରିଲୁଟ ଚିତ୍ର ଆସି ପହଂଚିଛି ଭଦ୍ରକ ଜିଲ୍ଲା ବାସୁଦେବପୁର ବ୍ଲକ ବରଣ୍ଡୁଆ ପଂଚାୟତର ମଧୁସୂଦନ ଗ୍ରାମ ରେ ପୋଖରୀ ଖନନ ନାମରେ ଆନୁମାନିକ ପାଞ୍ଚ ହଜାର ଟଙ୍କା ଖର୍ଚ୍ଚ କରି ଏକ ଲକ୍ଷ ତେର ହଜାର ସାତ ସହ ଷାଠିଏ ଟଙ୍କା ବିଲ କରିନିଆଯାଇଛି। କାର୍ଯ୍ୟ ଟିର ବ୍ୟୟ ଅଟକଳ ମୂଲ୍ୟ ଆଠ ଲକ୍ଷ ହେଇଥିବା ବେଳେ କାର୍ଯ୍ୟ ଆରମ୍ଭ ଓ ଶେଷ ତାରିଖ ଫଳକ ରେ ପ୍ରକାଶ କରାଯାଇ ନାହିଁ । ଏନେଇ ସ୍ଥାନୀୟ ସରପଞ୍ଚ ପ୍ରଶ୍ନ କରିବାରୁ ସେ କାମ ବାବଦରେ ଜଣା ନ ଥିବା ପ୍ରକାଶ କରିଥିଲେ । ସବୁଠୁ ବଡ଼ କଥା ହେଲା ବ୍ଲକ ରେ ବର୍ତ୍ତମାନ ର ବ୍ଲକ ଅଧକ୍ଷ ନିଜ ପଂଚାୟତ ରେ ଏଭଳି ଦୁର୍ନୀତି ଦେଖିବାକୁ ମିଳିଥିଲା ବେଳେ ଅନ୍ୟ ପଂଚାୟତ ରେ ଦୁର୍ନୀତି ର ଚେର କେତେ ଲମ୍ବା ତାହା ଅନୁମାନ କରିହେଉଛି । ସରକାରୀ ଯୋଜନା ର କାର୍ଯ୍ୟ ର ବିବରଣୀ ଅନେକ ସରକାରୀ ୱେବସାଇଟ ରେ ଉପଲବ୍ଧ ହେଇଥିବା କାରଣ ରୁ ଜଣେ ସାଧାରଣ ବିବରଣୀ ପାଇ ପାରୁଥିବା ବେଳେ ଏମିତି ଏକ ଲୁଟ ପଛରେ କୌଣସି ସରକାରୀ ବାବୁ ଓ ନେତାଙ୍କ ର ହାତ ଥିବା ସ୍ପଷ୍ଟ ବାରି ହେଇ ପଡୁଛି । ଘଟଣା ର ତଦନ୍ତ କରି ଦୋଷୀ ଙ୍କୁ ଦଣ୍ଡ ଦିଆଯିବ ବୋଲି ବାସୁଦେବପୁର ବିଡ଼ିଓ ପ୍ରକାଶ କରିଛନ୍ତି ।

# ୱାର୍ଡ ନମ୍ବର ଏକ ରେ ଡ୍ରେନ କାମ ଅତି ନିମ୍ନ ମାନର ନିର୍ମାଣ କାର୍ଯ୍ୟ ଚାଲିଛି



**ମୟୂରଭଞ୍ଜ,(ମହାଭାରତ) :** ଜିଲ୍ଲାର ରାଇରଙ୍ଗପୁର ସହରର ୱାର୍ଡ ନମ୍ବର ଏକ ରେ ରାଇରଙ୍ଗପୁର ପୌରପରିଷଦ ତରଫ ରୁ ରାଜ ମାଝୀ ଘର ପାଖରୁ ସାମୁଏଲ ଟୁଡୁ ଘର ପାଖ ପ୍ରଜନ୍ତ ଡ୍ରେନ କାମଟି ୨,୮୪, ୨୯୨ଟଙ୍କାରେ ଜବ ରେ ଠିକାଦାର ନୀଳକଣ୍ଠ ମଲ୍ଲିକ କୁ କାମଟି କରିବା ପାଇଁ ୱର୍କଅଡର ଦିଆଯାଇଥିଲା। ଠିକାଦାର ନୀଳକଣ୍ଠ ମଲ୍ଲିକ ସରକାରଙ୍କର ଇଷ୍ଟିମେଟ ଅନୁସାରେ ଡ୍ରେନ କାମଟି ନ କରି ତାଙ୍କ ମନଇଚ୍ଛା କାମ କରୁଥିବା ର ଜନସାଧାରଣ ର । ଇ ର ଙ୍ଗ ପୁ ର ପୌରପରିଷଦ ରକାର୍ଯ୍ୟ ନିର୍ବାହୀ ଅଧିକାରୀ ଙ୍କୁ ଏ ବିଷୟରେ ବାରମ୍ବାର ଅଭିଯୋଗ କରିଥିଲେ ମଧ୍ୟ ପୌରପରିଷଦ ର କାର୍ଯ୍ୟ ନିର୍ବାହୀ ଅଧିକାରୀ ପିତାମ୍ବର ନାୟକ ଠିକାଦାର ନୀଳକଣ୍ଠ ମଲ୍ଲିକ ଙ୍କ ବିରୁଦ୍ଧରେ କିଛି କାର୍ଯ୍ୟନୁଷ୍ଠାନ୍ ଗ୍ରହଣ ନ କରିବା ରାଇରଙ୍ଗପୁର ପୌରପରିଷଦ ର ଏକ ନମ୍ବର ୱାର୍ଡ ର ଜନସାଧାରଣଙ୍କ ମନରେ ସନ୍ଦେହ ସୃଷ୍ଟି କରୁଛି। ଠିକାଦାର ନୀଳକଣ୍ଠ ମଲ୍ଲିକ ଙ୍କ ବିରୁଦ୍ଧରେ ଆଗରୁ ମଧ୍ୟ ରାଇରଙ୍ଗପୁର ପୌରପରିଷଦ ତରଫ ରୁ ଯେଉଁ ସବୁ କାମ କରିଛନ୍ତି ଅତି ନିମ୍ନ ମାନର କାର୍ଯ୍ୟ କରିଥିବାର ଅଭିଯୋଗ ମଧ୍ୟ ହୋଇଥିଲା, । ଠିକାଦାର ନୀଳକଣ୍ଠ ମଲ୍ଲିକ ଯେଉଁ ସବୁ କାମ କରନ୍ତି କୌଣସି କାମରେ ସୂଚନା ଫଳକ ଲାଗନ୍ତି ନାହିଁ। ତେଣୁ ଏ ଭଳିଆ ଦାୟିତ୍ୱ ହିନ ଠିକାଦାର ନୀଳକଣ୍ଠ ମଲ୍ଲିକ ଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ରାଇରଙ୍ଗପୁର ପୌରପରିଷଦ ୱାର୍ଡ ନମ୍ବର ଏକ ର ଜନସାଧାରଣ ରାଇରଙ୍ଗପୁର ପୌରପରିଷଦ ର କାର୍ଯ୍ୟ ନିର୍ବାହୀ ଅଧିକାରୀ ପିତାମ୍ବର ନାୟକ ଙ୍କୁ ଗୁହାରି କରିଛନ୍ତି।

# ବିଭିନ୍ନ ଉନ୍ନୟନ କାର୍ଯ୍ୟର ସମୀକ୍ଷା କଲେ ମନ୍ତ୍ରୀ ବଳ ସାମନ୍ତ



**ଦାନଗଦି,(ମହାଭାରତ) :** ମନ୍ତ୍ରୀ ଶ୍ରୀ ପ୍ରଦୀପ ବଳସାମନ୍ତ ବିଭିନ୍ନ ବିଭାଗୀୟ ଅଧିକାରୀଙ୍କ ସହିତ ପରିଚିତ ହେବାସହ ସ୍ୱାସ୍ଥ୍ୟ, ପାନୀୟଜଳ ଯୋଗାଣ, ବିଦ୍ୟୁତ୍ ସେବା, କୃଷକ କଲ୍ୟାଣ, ଖାଦ୍ୟ ସୁରକ୍ଷା ଯୋଜନା, ସାମାଜିକ ନିରାପତ୍ତା ଯୋଜନା, ମହିଳା ଓ ଶିଶୁ ବିକାଶ ଯୋଜନା ସହିତ ଗ୍ରାମାଞ୍ଚଳ ବିକାଶ ପାଇଁ ହେଉଥିବା ବିଭିନ୍ନ ବିଭାଗର କାର୍ଯ୍ୟଧାରା ସମ୍ପର୍କରେ ସମୀକ୍ଷା କରିଥିଲେ । ଏହି ଅବସରରେ ଉନ୍ନୟନ ମୂଳକ କାର୍ଯ୍ୟରେ ପଞ୍ଚାୟତ ର ନିର୍ବାଚିତ ପ୍ରତିନିଧି ମାନଙ୍କୁ ସାମିଲ କରାଯାଉ ନଥିବା ସରପଞ୍ଚ ଓ ସମିତି ସଭ୍ୟ ମାନେ ଅଭିଯୋଗ ଉଠାଇଥିଲେ । ଦଳୀୟ ଭିତ୍ତିରେ ପଞ୍ଚାୟତ ରେ ଉନ୍ନତି ମୂଳକ କାର୍ଯ୍ୟ ହେଉଥିବା ଅଭିଯୋଗ ଉଠିବାରୁ ମନ୍ତ୍ରୀ ଏବେ ରାଜନୀତି ଛାଡି ବିଭାଗୀୟ ଅଧିକାରୀ ମାନେ ସେବା ନିତୀ ରେ ବ୍ରତୀ ହୁଅନ୍ତୁ ବୋଲି କହିଥିଲେ । ବୈଠକରେ ଗ୍ରାମ୍ୟ ଜଳ ଯୋଗାଣ, ବିଦ୍ୟୁତ୍ ସେବା ଓ ବନ ବିଭାଗର ପାର୍କ ନିର୍ମାଣ କାର୍ଯ୍ୟଧାରା ଉପରେ ଉପସ୍ଥିତ ନିର୍ବାଚିତ ପ୍ରତିନିଧି ମାନେ ତୀବ୍ର ଅସନ୍ତୋଷ ବ୍ୟକ୍ତ କରିଥିଲେ । ଏହି ଅବସରରେ ବିଡିଓ ସାରଦା ପ୍ରସନ୍ନ ପଣ୍ଡା ଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ କଳିଙ୍ଗନଗର ଅତିରିକ୍ତ ଜିଲାପାଳ ଲଙ୍କେଶ୍ୱର ଅମାତ, ଦାନଗଦି ପଞ୍ଚାୟତ ସମିତି ଅଧକ୍ଷା ଅର୍ଚ୍ଚନା ଦାସ, ଉପାଧକ୍ଷ ଅଜୟ କୁମାର ବିନ୍ଧାଣୀ, ଜିଲା ପରିଷଦ ସଭ୍ୟା ଟିନା ହାଇବ୍ରୁ, ସ୍ମୃତିରାଣୀ ରାଉତ, ତହସିଲଦାର ଅଶୋକ କୁମାର ତ୍ରିପାଠୀ ଓ ବିଭିନ୍ନ ବିଭାଗର ବରିଷ୍ଠ ଅଧିକାରୀ ମାନେ ଉପସ୍ଥିତ ରହିଥିଲେ । ମନ୍ତ୍ରୀଙ୍କ ପ୍ରଥମ ଦାନଗଦି ବ୍ଲକ ଗସ୍ତ ପରିପ୍ରେକ୍ଷୀରେ ବିଭିନ୍ନ ବିଭାଗର ଅଧିକାରୀ ଓ ସ୍ଥାନୀୟ ଲୋକେ ତାଙ୍କୁ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିଥିଲେ ।

# ତୈଳ ବିଶୋଧନାଗାରରେ ସପ୍ତାହ ବ୍ୟାପି ଯୋଗ ଶିବିର ଉଦ୍ଯାପିତ



**ପାରାଦୀପ,(ମହାଭାରତ) :** ଇଣ୍ଡିଆନ୍ ଅଏଲ୍ ପାରାଦୀପ ତୈଳ ବିଶୋଧନାଗାର ରେ ଚାଲିଥିବା ସପ୍ତାହ ବ୍ୟାପି ଯୋଗ ଶିବିର ଗୁରୁବାର ଦିନ ସଫଳତାର ସହିତ ସମାପ୍ତ ହୋଇଯାଇଛି । ଜୁନ ୨୧ ତାରିଖ ଆନ୍ତର୍ଜାତୀୟ ଯୋଗ ଦିବସ-୨୦୨୪ ଅବସରରେ ପାରାଦୀପ ତୈଳ ବିଶୋଧନାଗାର ର କାର୍ଯ୍ୟକାରୀ ନିର୍ଦ୍ଦେଶକ ତଥା ରିଫାଇନରୀ ମୁଖ୍ୟ କୌଶିକ ବସୁ ଏହି ଶିବିରକୁ ଉଦଘାଟନ କରିଥିଲେ । ପାରାଦୀପ ରିଫାଇନରୀ ଟାଉନସିପ୍ ର ଉତ୍ସବ କମ୍ୟୁନିଟି ସେଣ୍ଟରରେ ଆୟୋଜିତ ଶିବିରରେ କର୍ମଚାରୀ ଏବଂ ସେମାନଙ୍କ ପରିବାର ର ସଦସ୍ୟମାନେ ଉତ୍ସାହ ସହିତ ଏହି କାର୍ଯ୍ୟକ୍ରମ ରେ ଅଂଶଗ୍ରହଣ କରିଥିଲେ । ବିହାର ସ୍କୁଲ ଅଫ ଯୋଗ, ମୁଙ୍ଗେରରୁ ଆମନ୍ତ୍ରିତ ପ୍ରସିଦ୍ଧ ଯୋଗ ଗୁରୁ ତପୋନିଧି ମହାରାଜ ଏହି ଯୋଗ ଶିବିରକୁ ପରିଚାଳନା କରିଥିଲେ । ଯୋଗ ଶିବିରର କାର୍ଯ୍ୟକ୍ରମ ତିନୋଟି ଅଧିବେଶନରେ ସ୍ୱତନ୍ତ୍ର ଯୋଗ ନିଦ୍ରା ଏବଂ ଧ୍ୟାନ ଅଧିବେଶନର ଆୟୋଜନ କରାଯାଇଥିଲା । ଯୋଗ ଶିବିର ଶେଷରେ, ଅଂଶଗ୍ରହଣକାରୀମାନେ ସଠିକ୍ ଭାବରେ ପରିଚାଳିତ ଏହି ଯୋଗ ଶିବିର ପାଇଁ ନିଜର ଖୁସି ଏବଂ ସନ୍ତୋଷ ବ୍ୟକ୍ତ କରିଥିଲେ ଓ ପାରାଦୀପ ରିଫାଇନରୀର ଯୋଗ ଶିବିର ନିଜର କର୍ମଚାରୀ ଏବଂ ପରିବାର ସଦସ୍ୟମାନଙ୍କ ମଧ୍ୟରେ ଏକ ସୁସ୍ଥ ଜୀବନଶୈଳୀକୁ ପ୍ରୋତ୍ସାହିତ କରିଥିବା ନେଇ ପାରାଦ୍ୱୀପ ତୈଳ ବିଶୋଧନାଗାର ପକ୍ଷରୁ ଏକ ପ୍ରେସ ବିଜ୍ଞପ୍ତି ରୁ ପ୍ରକାଶ ।

# ଟାଇକୋଣ୍ଡୋରେ ସୁପ୍ରିୟା ସାମଲଙ୍କୁ ସ୍ୱର୍ଣ୍ଣ



**ଯୋଡା,(ମହାଭାରତ) :** କଟକସ୍ଥିତ ବାରାବାଟି ଠାରେ ଆୟୋଜିତ ରାଜ୍ୟ ସ୍ତରିୟ ଟାଇକୋଣ୍ଡୋ ପ୍ରତିଯୋଗିତାରେ ଯୋଡା ପୌରପାଳିକା ଅନ୍ତର୍ଗତ ୯ନଂ ୱାର୍ଡର ସୁପ୍ରିୟା ସାମଲ ସ୍ୱର୍ଣ୍ଣ ପଦକ ହାସଲ କରି ଯୋଡା ପାଇଁ ଗୌରବ ଆଣିଦେଇଛନ୍ତି । ଓଡିଶା ଟାଇକୋଣ୍ଡୋ ଆସୋସିଏସନ୍ର ସହାୟତାରେ କଟକ ଜିଲା ଆମେଚର ଟାଇକୋଣ୍ଡୋ ଆସୋସିଏସନ୍ ପକ୍ଷରୁ ୮ମ ଅଫିସିଆଲ କଟକ ଜିଲା କିଓରୋଗୀ ଓ ପୁମସେ ଟାଇକୋଣ୍ଡୋ ଚାମ୍ପିଆନସିପ୍ ୨୦୨୪-୨୫ରେ ଏହି ସ୍ୱର୍ଣ୍ଣ ପଦକ ଚଳିତ ମାସ ୨୬ ତାରିଖରେ ସୁପ୍ରିୟାଙ୍କୁ ମିଳିପାରିଛି । ସୁପ୍ରିୟା ପୂର୍ବରୁ ମଧ୍ୟ ୨୦୨୨ରେ ଗୋହାଟି ଠାରେ ଆୟୋଜିତ ଜାତୀୟ ସ୍ତରିୟ ଟାଇକୋଣ୍ଡୋ ପ୍ରତିଯୋଗିତାରେ ସ୍ୱର୍ଣ୍ଣ ପଦକ ହାସଲ କରିଥିବା ବେଳେ ୨୦୨୩ରେ ମଧ୍ୟ ଦିଲ୍ଲୀର ନୋଇଡା ଠାରେ ଆୟୋଜିତ ଏହି ଟାଇକୋଣ୍ଡୋ ପ୍ରତିଯୋଗୀତାରେ ରୌପ୍ୟ ପଦକ ହାସଲ କରିପାରିଥିଲେ । ସେ ଅଧୁନା ଭୁବନେଶ୍ୱରସ୍ଥିତ ହାଇଟେକ ବିଦ୍ୟାଳୟରେ +୨ର ଛାତ୍ରୀ ଅଟନ୍ତି । ଏହି ବିଜୟ ପାଇଁ ସମଗ୍ର ଯୋଡାରେ କ୍ରିଡା ପ୍ରେମୀମାନେ ତାଙ୍କୁ ଭବ୍ୟ ସ୍ୱାଗତ କରିଛନ୍ତି । ସୁପ୍ରିୟା ଖେଳ ସହିତ ବିଭିନ୍ନ ତର୍କ, ବକ୍ତୃତା, ନୃତ୍ୟ ପ୍ରତିଯୋଗିତାରେ ମଧ୍ୟ ବେସ୍ ସଫଳତା ହାସଲ କରିଛନ୍ତି । ପ୍ରଧାନମନ୍ତ୍ରୀଙ୍କ 'ପରୀକ୍ଷା ପେ ଚର୍ଚ୍ଚା'ରେ ଅଂଶଗ୍ରହଣ କରି ନିଜର ସୁଚିନ୍ତିତ ମତ ଉପସ୍ଥାପନ କରିଥିବାରୁ ମାନ୍ୟବର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଠାରୁ ସେ ଏକ ପ୍ରଶଂସା ପତ୍ର ମଧ୍ୟ ନିକଟରେ ଡାକ ଯୋଗେ ପାଇଛନ୍ତି ।

# ପାଟଣା ପ୍ରାଥମିକ ଶିକ୍ଷକ ସଂଘ ପକ୍ଷରୁ ନୂତନ ବିଧାୟକଙ୍କୁ ସମ୍ବର୍ଦ୍ଧନା



**କେନ୍ଦୁଝର,(ମହାଭାରତ) :** କେନ୍ଦୁଝର ଜିଲ୍ଲା ପାଟଣାବ୍ଲକ ଅଖିଳ ଉତ୍କଳ ପ୍ରାଥମିକ ଶିକ୍ଷକ ସଂଘ ପକ୍ଷ ରୁ ସମ୍ବର୍ଦ୍ଧନ ସଭା ଅନୁଷ୍ଠିତ ହୋଇଛି । ଏହି ସମ୍ବର୍ଦ୍ଧନା ସଭା କୁ ପାଟଣା ଅତିରିକ୍ତ ଶିକ୍ଷା ଅଧିକାରୀ ବିଜନ କୁମାର ପରିଡାଙ୍କ ସଭାପତିତ୍ୱ ରେ ଅନୁଷ୍ଠିତ ହୋଇ ଥିବା ବେଳେ ସମ୍ବର୍ଦ୍ଧନା ସଭା କୁ ଶିକ୍ଷକ ପ୍ରାର୍ଥସାରଥି ବେଜ ସଂଯୋଜନା କରିଥିଲେ । ମୁଖ୍ୟଅତିଥି ଭାବେ ପାଟଣା ବିଧାୟକ ଅଖିଳ ଚନ୍ଦ୍ର ନାୟକ ଯୋଗଦାନ କରିଥିଲେ। ଏହି ସମ୍ବର୍ଦ୍ଧନା ସଭା ରେ ବିଜେପି ର ପୂର୍ବତନ ରାଜ୍ୟ କୃଷକ ମୋର୍ଚ୍ଚାର ସଂପାଦକ ରାଧାକାନ୍ତ ମହାନ୍ତ,କାର୍ଯ୍ୟକାରିଣୀ ସଦସ୍ୟ କମଳାକାନ୍ତ ଦାଶ ସମ୍ବର୍ଦ୍ଧିତ ସଭା ରେ ଉପସ୍ଥିତ ଥିଲେ । ମୁଖ୍ୟ ଅତିଥି ପାଟଣା ବିଧାୟକ ଙ୍କୁ ପାଟଣା ଶିକ୍ଷା ଅଧିକାରୀ ପୂର୍ଣ୍ଣ ଚନ୍ଦ୍ର ଅମାନ୍ତ, ଅତିରିକ୍ତ ଶିକ୍ଷା ଅଧିକାରୀ ବିଜୟ ଓଝା, ସଚ୍ଚିଦାନନ୍ଦ ସେଠୀ, ସି.ରା.ସି ଜ୍ୟୋତିର୍ମୟ ତ୍ରିପାଠୀ, ପ୍ରମୋଦ କୁମାର ମହାନ୍ତ, ପାଟଣା ଶିକ୍ଷକ ସଂଘ ର ସଂପାଦକ କମଳାକାନ୍ତ ପତି ତଥା ଶିକ୍ଷକ,ଶିକ୍ଷିୟତ୍ରୀ ପୁଷ୍ପ ଗଛ ଉପଢ଼ୌକନ ଦେଇ ସମ୍ବର୍ଦ୍ଧିତ କରାଯାଇଛି।

# ଗଙ୍ଗାଧମ ଆଶ୍ରମ ରେ ପୂଜାର୍ଚ୍ଚନା କରି ଚାରା ରୋପଣ କଲେ ବିଧାୟକ



**କଣିହାଁ,(ମହାଭାରତ) :** ଅନଗୁଳ ଜିଲ୍ଲା ଛେଣ୍ଡିପଦା ଓ କଣିହାଁ ବ୍ଲକ ସୀମାନ୍ତ ମଣ୍ଡୁଆଁ ଗ୍ରାମ ନିକଟ ତାଳବାହାଳୀ ଏରିଆ ପ୍ରାକୃତିକ ଶୋଭାରେ ଭରପୁର ଟିକିରା ନଦୀ କୂଳରେ ରହିଛି ଗଙ୍ଗା ଧାମ ଆଶ୍ରମ ରହିଛି ଏହି ଆଶ୍ରମ କୁ ମଙ୍ଗଳବାର ଛେଣ୍ଡିପଦାର ନବ ନିର୍ବାଚିତ ବିଧାୟକ ଗସ୍ତ କରିଥିଲେ। ସେଠାରେ ମଠର ସହଯୋଗୀଙ୍କ ସହିତ ମଠାଧିଶ ବାବା ଚିତ୍ରସେନ ଦାସ ମହାରାଜ ବିଧାୟକ ଓ ଅନ୍ୟ ମାନ ଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା କରିଥିଲେ ମଠରେ ପୂଜା ପାଉଥିବା ମହାଦେବ, ଶ୍ରୀ ରାମ ଓ ଅନ୍ୟାନ୍ୟ ଦେବାଦେବୀଙ୍କୁ ପୂଜା ଅର୍ଚ୍ଚନା କରି ଦେଶର ମଙ୍ଗଳ ହିତରେ ମା ପାଇଁ ଗଛଟିଏ ଆହ୍ୱାନ କୁ ନେଇ ବୃକ୍ଷ ରୋପଣ କରିଥିଲେ ମଠର ଉନ୍ନତି କରଣ କାର୍ଯ୍ୟ ସହିତ ଅନ୍ୟାନ୍ୟ ସମସ୍ୟା କୁ ନେଇ ଆଲୋଚନା ହୋଇଥିଲା। ଏଠାରେ ଥିବା ବଣ ଭୋଜି ସ୍ଥଳ ର ସୁନ୍ଦର୍ଯ୍ୟ କରଣ ସହିତ ମଠର ବିକାଶ ଦିଗରେ କାର୍ଯ୍ୟ କରିବାକୁ ବିଭାଗୀୟ ଅଧିକାରୀ ସହିତ ଆଲୋଚନା କରି ପଦକ୍ଷେପ ନିଆଯିବ ବୋଲି ପ୍ରତିଶୃତି ଦେଇଥିଲେ । ସୂଚନା ଥାଉକି ଏହି ସ୍ଥାନଟି କେବଳ ଅନଗୁଳ ଜିଲ୍ଲା ନୁହେଁ ନିକଟରେ ଥିବା ଦେବଗଡ଼ ଜିଲ୍ଲା ର ସୀମାନ୍ତ ହୋଇଥିବାରୁ ଏଠାରେ ବଣ ଭୋଜି ସମୟରେ ବହୁତ ଭିଡ଼ ଲାଗେ । ଏହାର ଗୁରୁତ୍ୱକୁ ନେଇ ଯଥା ଶିଘ୍ର ଉର୍ନ୍ନତି ହେବ ବୋଲି କାର୍ଯ୍ୟ କ୍ରମରେ ଉପସ୍ଥିତ ମାନ୍ୟଗଣ୍ୟ ଗୋପବନ୍ଧୁ ଗଡ଼ନାୟକ, ଚୌଧୀର ପ୍ରଧାନ, ଲିପୁ ରାଉତ, ଭୂପେନ ଗଡ଼ନାୟକ, ଟୁନା ସାହୁ, ଭଜମନ ସାହୁ, ରାଧା ମୋହନ ପ୍ରଧାନ, ସୁନୀଲ ରାଉତ, ରଞ୍ଜନ ପ୍ରଧାନ, ଗିରିଧାରୀ ବେହେରା, କାଳିଆ ରାଉତ, ଅଜୟ ରାଉତ, ସୁନୀଲ ସାହୁ,ଅନିଲ ସାହୁ, ବିରଞ୍ଚି ବେହେରା, ବାବାବର ସାହୁ, ଶୁକ୍ର ସାହୁ, ପରମା ନନ୍ଦ ସାହୁ ପ୍ରମୁଖ ସହଯୋଗ କରିଥିଲେ।

# ପାହାଡ଼ ବ୍ଲାଷ୍ଟିଂ କରି ବେଆଇନ ପଥର ଚାଲାଣ କରୁଥିବା ଅଭିଯୋଗ

- ଗିରଫ ହେଲେ ସରପଞ୍ଚଙ୍କ ସ୍ୱାମୀ
- ବନ କର୍ମଚାରୀଙ୍କୁ ଆକ୍ରମଣ ଉଦ୍ୟମ
- ଗାଳିଗୁଲଜ କରିଥିବା ଅଭିଯୋଗ ହୋଇଥିଲା



**ନୟାଗଡ଼,(ମହାଭାରତ) :** ନୟାଗଡ଼ ତହସିଲ ଅଧୀନରୁ ବେଆଇନ ଭାବେ ପାହାଡ଼କୁ ବ୍ଲାଷ୍ଟିଂ କରି ପଥର ଚାଲାଣ କରୁଥିବା ଅଭିଯୋଗରେ ଗତକାଲି ଠାରୁ ଅଟକ ଥିବା ସନ୍ତୋଷ କୁମାର ମୁଦୁଲିଙ୍କୁ ଇଟାମାଟି ଥାନା ପୁଲିସ ଗିରଫ କରିଛି। ଗିରଫ ସନ୍ତୋଷଙ୍କ ନାଁରେ ବନ କର୍ମଚାରୀଙ୍କୁ ଆକ୍ରମଣ କରିବାକୁ ଉଦ୍ୟମ ସହ ଗାଳିଗୁଲଜ କରିଥିବା ଅଭିଯୋଗ ହୋଇଛି। ଗୁରୁତ୍ୱ ପୂର୍ଣ୍ଣ କଥା ହେଲା, ସନ୍ତୋଷ ଦୀର୍ଘ ଦିନ ହେଲା ଏହି ବେପାରରେ ଅଛନ୍ତି। ଖଣି ଉତ୍ତୋଳନ ପାଇଁ ସେଠାରେ ନିଲାମ ଦିଆଯାଇନଥିବା ବେଳେ ବେଆଇନ ଭାବେ ସେ ବର୍ଷ ତମାମ ସେଥିରେ ବିଭିନ୍ନ ପ୍ରକାର ଖଣିଜ ଉତ୍ତୋଳନ କରି ଚାଲିଥିଲେ। ସେଥିପାଇଁ ଗ୍ରାମବାସୀଙ୍କ ସହ ତାଙ୍କର ମତଭେଦ ମଧ୍ୟ ହୋଇଥିଲା। ଅନ୍ୟ ଉପାୟ ନ ପାଇ ଗ୍ରାମବାସୀ ମାନେ ବନବିଭାଗରେ ଅଭିଯୋଗ କରିଥିଲେ। ଫଳରେ ସନ୍ତୋଷଙ୍କୁ ବନ କର୍ମଚାରୀ ମାନେ ଏକାଧିକ ଥର ଏମିତି କାର୍ଯ୍ୟ ନ କରିବା ପାଇଁ ଚେତାବନୀ ଦେଇଛନ୍ତି। ମାତ୍ର ସନ୍ତୋଷ ଏହାକୁ ଖାତିର ନ କରି ନିଜ କାମରେ ଲାଗିଥିଲେ। ବନ କର୍ମଚାରୀ ମାନେ ଯେତେବେଳେ ସେଠାରେ ଚଢ଼ଉ କରନ୍ତି, ସେ ଖସି ପଳାଉଥିବା ଜଣାପଡ଼ିଛି। ଫଳରେ ଦୀର୍ଘ ଦିନ ଧରି ଏମିତି ଲୁଚାଛପାରେ କାର୍ଯ୍ୟ ଚାଲିଥିଲା। ଗତକାଲି ସନ୍ତୋଷ ପାହାଡ଼ରେ ବ୍ଲାଷ୍ଟିଂ କରାଇ ପଥର ବୋଝେଇ କରି ଟ୍ରାକ୍ଟରରେ ଆଣୁଥିବା ଖବର ପାଇ ସେଠାରେ ଜଣେ ମହିଳା ବନ କର୍ମଚାରୀ ଓ ଆଉ ଦୁଇ ଜଣଙ୍କ ସହ ପହଞ୍ଚିଥିଲେ। ସେମାନେ ଟ୍ରାକ୍ଟର ଟିକୁ ଅଟକାଉଥିବା ବେଳେ ମହିଳା ବନ କର୍ମଚାରୀଙ୍କ ସ୍କୁଟିକୁ ଧକ୍କା ଦେବା ପାଇଁ ଉଦ୍ୟମ କରି ଟ୍ରାକ୍ଟରଟିକୁ ଖସାଇ ନେଇଯାଇଥିଲା। ପରେ ଏ ସଂକ୍ରାନ୍ତରେ ଖବର ପାଇ ବନ ବିଭାଗର ଅନ୍ୟ କର୍ମଚାରୀ ମାନେ ସେଠାରେ ପହଞ୍ଚି ସନ୍ତୋଷକୁ କାବୁ କରି ବନବିଭାଗ କାର୍ଯ୍ୟାଳୟକୁ ଆଣିଥିଲେ। ସନ୍ତୋଷ କୁଆଡ଼େ ଦୀର୍ଘ ଦିନ ଧରି ଏହି ବ୍ୟବସାୟ ଚଳାଇଥିଲା, ମାତ୍ର ଆଶ୍ଚର୍ଯ୍ୟଜନକ ଭାବେ ସ୍ଥାନୀୟ ତହସିଲଦାର, ଥାନା ଓ ବନବିଭାଗ କେମିତି ଜାଣିପାରୁନଥିଲେ, ତାହା ଜଣାପଡୁନାହିଁ। କେବଳ ସେତିକି ନୁହେଁ, ସନ୍ତୋଷ କାହା ସାହସରେ ଦୀର୍ଘ ଦିନ ହେଲା ଏହି କାରବାର ଚଳାଇଥିଲେ, ଏହାର ମଧ୍ୟ ତଦନ୍ତ କରାଯିବା ଆବଶ୍ୟକ। ସନ୍ତୋଷଙ୍କ ପତ୍ନୀ ଲକ୍ଷ୍ମୀପ୍ରିୟା ମୁଦୁଲି ବର୍ତ୍ତମାନ ବାଲୁଗାଁ ଶରଧାପୁର ପଞ୍ଚାୟତରେ ସରପଞ୍ଚ ଅଛନ୍ତି। ଏ ନେଇ ଡିଏଫଓ କ୍ଷମା ଷଡ଼ଙ୍ଗୀ କୁହନ୍ତି ଯେ, କେବଳ ପଥର ନୁହେଁ ସଂରକ୍ଷିତ ଜଙ୍ଗଲ ମଧ୍ୟରୁ ମାଟି ଓ ଅନ୍ୟାନ୍ୟ ଖଣିଜ ମଧ୍ୟ ସେ ଚୋରି କରନ୍ତି। ଯେତେବେଳେ ଚଢ଼ଉ କରାଯାଏ, ବେଶ୍ ଚତୁରତାର ସହ ସନ୍ତୋଷ ଖସି ପଳାନ୍ତି। ପୂର୍ବରୁ ତାକୁ ବହୁଥର ଚେତାବନୀ ମଧ୍ୟ ଦିଆଯାଇଛି। ଗତକାଲି ଯେତେବେଳେ ତାକୁ ଗିରଫ କରିବା ପାଇଁ ଟିମ୍ ଗଲା, ସେମାନଙ୍କୁ ସନ୍ତୋଷ ବାଧା ଦେଲା। ଏମିତିକି ଗାଡ଼ି ଚଢ଼ାଇ ଦେବା ପାଇଁ ମଧ୍ୟ ଉଦ୍ୟମ କରିବା ସହ ଗାଳିଗୁଲଜ କରିଥିଲା। ଅନ୍ୟପଟେ, ଏ ସମସ୍ତ ଘଟଣାକୁ ସନ୍ତୋଷଙ୍କ ଭାଇ କାଳିଆ ମୁଦୁଲି ସମ୍ପୂର୍ଣ୍ଣ ଅସ୍ୱୀକାର କରିଛନ୍ତି। ବନ କର୍ମଚାରୀ ମାନଙ୍କୁ ସନ୍ତୋଷ ଆଦୌ ଆକ୍ରମଣ ପାଇଁ ଉଦ୍ୟମ କରିନି କି ଗାଳିଗୁଲଜ ମଧ୍ୟ କରିନାହାନ୍ତି ବୋଲି ସେ କହିଛନ୍ତି। ପୂର୍ବରୁ ବେଆଇନ ଭାବେ ପଥର ଉତ୍ତୋଳନ କରାଯାଉଥିଲା, ବର୍ତ୍ତମାନ ଏହାକୁ ବନ୍ଦ କରି ଦିଆଯାଇଛି ବୋଲି ସେ କହିଛନ୍ତି।

# ନୂତନ ବିଧାୟକଙ୍କ ପାଟଣା ସ୍ୱାସ୍ଥ୍ୟ କେନ୍ଦ୍ର ପରିଦର୍ଶନ



**କେନ୍ଦୁଝର,(ମହାଭାରତ) :** କେନ୍ଦୁଝର ଜିଲ୍ଲା ପାଟଣା ମୁଖ୍ୟାଳୟ ଗୋଷ୍ଠି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର କୁ ନୂତନ ବିଧାୟକ ଅଖିଳ ଚନ୍ଦ୍ର ନାୟକ ଙ୍କ ପରିଦର୍ଶନ କରିଛନ୍ତି । ଏହି ସ୍ୱାସ୍ଥ୍ୟ କେନ୍ଦ୍ର ପରିଦର୍ଶନ ରେ ସ୍ୱାସ୍ଥ୍ୟ କେନ୍ଦ୍ରର ରୋଗୀ ମାନ ଙ୍କ ସ୍ୱାସ୍ଥ୍ୟ ଅବସ୍ଥା ପଚାରି ବୁଝିବା ସହିତ ନୂତନ ନିର୍ମିତ ସ୍ୱାସ୍ଥ୍ୟ କେନ୍ଦ୍ର କୋଠା କୁ ଦେଖିବା ସହ ଅଧାପନ୍ତରିଆ କାର୍ଯ୍ୟକୁ କିପରି ପୁରା ହେବ ତଥା ଡାକ୍ତର, ଷ୍ଟାପ ନର୍ସ ସମସ୍ୟା କୁ ନେଇ ଜିଲ୍ଲାସ୍ତର ରେ ଉପସ୍ଥାନା କରିବାକୁ ବିଧାୟକ କହିଛନ୍ତି । ବିଧାୟକ ଙ୍କ ସ୍ୱାସ୍ଥ୍ୟ କେନ୍ଦ୍ର ପରିଦର୍ଶନ ରେ ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ର ର ସ୍ୱାସ୍ଥ୍ୟ ଅଧିକାରୀ ସୁବେନ୍ଦୁ ସାଗର କୁମାର ନାୟକ,ରାଧାରମଣ ସାହୁ,ସ୍ୱାଗତ ପ୍ରଧାନ, ଅଭିଷେଖ ସାହୁ, ଯାଜ୍ଞସିନୀ ମହାନ୍ତ ଉପସ୍ଥିତ ଥିଲେ । ଏହି ସ୍ୱାସ୍ଥ୍ୟ କେନ୍ଦ୍ର ପରିଦର୍ଶନ ବିଜେପି ର ରାଜ୍ୟ କୃଷକ ମୋର୍ଚ୍ଚା ଉପସଭାପତି ରାଧାକାନ୍ତ ମହାନ୍ତ,କାର୍ଯ୍ୟକାରିଣୀ କମଳାକାନ୍ତ ଦାଶ,ପାଟଣା ମଣ୍ଡଳ ସଭାପତି ରମେଶ ମହାନ୍ତ,ଉପସଭାପତି ମଧୁସୁଧନ ମହାନ୍ତ,ଜିଲ୍ଲା ସଂଖ୍ୟା ଲଘୁ ସାଧାରଣ ସମ୍ପାଦକ ମନସୁରୁ ଆଲାମ,ପ୍ରକାଶ ସେଠୀ,ବିକାଶ ସେଠୀ,ବ୍ରଜ ସେଠୀ,ସୁବ୍ରତ ମିଶ୍ର,ପ୍ରମୋଦ ବରଡ଼ିଆ ପ୍ରମୁଖ ସାମିଲ ଥିଲେ ।

# ୧୦ ବର୍ଷରେ ୧୦ ଆଇସିସି ସୁଯୋଗ ହାତଛଡ଼ା କରିଛି ଭାରତ



ନୂଆଦିଲ୍ଲୀ,୨୮।୬: ରୋହିତ ଶର୍ମାଙ୍କ ଅଧିନାୟକତ୍ୱର ଭାରତ ଟି୨୦ ବିଶ୍ୱକପ ଫାଇନାଲରେ ପ୍ରବେଶ କରିଛି। ଆସନ୍ତାକାଲି ଫାଇନାଲ ମ୍ୟାଚ ଦକ୍ଷିଣ ଆଫ୍ରିକା ବିପକ୍ଷରେ ଖେଳିବ ବାରବାଡୋସର ବ୍ରିଜଟାଉନର କିଙ୍ଗଷ୍ଟନ୍ ଓଭାଲ ଷ୍ଟାଡିୟମରେ ଏହି ମ୍ୟାଚ୍ ଖେଳାଯିବ। କିନ୍ତୁ ଏହାପୂର୍ବରୁ ପ୍ରଶଂସକମାନେ ଭୟ କରିବା ଆରମ୍ଭ କରି ଦେଇଛନ୍ତି ଯେ ଗତ ୧୦ ବର୍ଷ ଧରି ଯେପରି ଆଇସିସି ଟୁର୍ନାମେଣ୍ଟର ନକ୍‌ଆଉଟରେ ଭାରତୀୟ ଦଳ ପରାଜୟର ସାମ୍ନା କରିଛି।ତେଣୁ ଏହି ଧାରାକୁ ଭାଙ୍ଗିବା ପାଇଁ ଭାରତର ଏକ ସୁବର୍ଣ୍ଣ ସୁଯୋଗ ରହିଛି।

ଆଇସିସି ଟୁର୍ନାମେଣ୍ଟରେ ଦକ୍ଷିଣ ଆଫ୍ରିକା ଦଳ ଚୋକର୍ସ ନାମରେ ଜଣା ଯେଉଁ ଦଳ ସବୁବେଳେ ସେମିଫାଇନାଲରେ ହାରି ଯାଏ କିନ୍ତୁ ଗତ ୧୦ ବର୍ଷ ଧରି ଭାରତୀୟ ଦଳ ସହିତ ମଧ୍ୟ ସମାନ ପରିସ୍ଥିତି ଦେଖାଯାଉଛି। ଦଳ ଗତ ୧୦ ବର୍ଷ ମଧ୍ୟରେ ୧୦ ଟି ଆଇସିସି ଟୁର୍ନାମେଣ୍ଟ ଖେଳିଛି ଏବଂ ପ୍ରତ୍ୟେକ ଥର ଟାଇଟଲ ହାରିଛି।

ଭାରତୀୟ ଦଳ ୨୦୧୩ ରେ ଶେଷ ଆଇସିସି ଟ୍ରଫି ଜିତିଥିଲା ସେତେବେଳେ ମହେନ୍ଦ୍ର ସିଂ ଧୋନିଙ୍କ ଅଧିନାୟକତ୍ୱରେ ଚାମ୍ପିଅନ୍ସ ଟ୍ରଫି ଜିତିଥି ୨୦୧୩ ରେ, ଭାରତୀୟ ଦଳ ଇଂଲଣ୍ଡକୁ ତାର ଘରୋଇ ଗ୍ରାଉଣ୍ଡରେ ଫାଇନାଲରେ ପରାସ୍ତ କରି ଟ୍ରଫି କବଜା କରିଥିଲେ। ସେବେଠାରୁ ଭାରତୀୟ ଦଳ କୌଣସି ଆଇସିସି ଟ୍ରଫି ଜିତିବାରେ ସକ୍ଷମ ହୋଇନାହାଁନ୍ତି।

ଭାରତୀୟ ଦଳ ୨୦୧୩ ରୁ ୨୦୨୩ ପର୍ଯ୍ୟନ୍ତ ସମସ୍ତ ତିନୋଟି ଫର୍ମାଟରେ (ଦିନିକିଆ, ଟେଷ୍ଟ, ଟି୨୦) ୪ ଟି ଆଇସିସି ଟୁର୍ନାମେଣ୍ଟରେ ୧୦ ଥର ଅଂଶଗ୍ରହଣ କରିଛି। ଏହା ହେଉଛି ଭାରତୀୟ ଦଳର ଏକାଦଶ ଆଇସିସି ଟୁର୍ନାମେଣ୍ଟ ଭାରତୀୟ ଦଳ ଗତ ଦଶଟି ମଧ୍ୟରୁ ୯ ଥର ଆଇସିସି ଟୁର୍ନାମେଣ୍ଟର ନକ୍‌ଆଉଟ୍ ପର୍ଯ୍ୟାୟ ପାଇଁ ଯୋଗ୍ୟତା ଅର୍ଜନ କରିଛି ଯେତେବେଳେ ଥରେ (ଟି୨୦ ବିଶ୍ୱକପ୍ ୨୦୨୧) ଗ୍ରୁପ୍ ପର୍ଯ୍ୟାୟରୁ ବିଦାୟ ନେଇଥିଲା।

ଏହି ଅବଧି ମଧ୍ୟରେ ଭାରତ ୯ ଟି ନକ୍‌ଆଉଟ୍ ପର୍ଯ୍ୟାୟରେ ମୋଟ ୧୩ ଟି ମ୍ୟାଚ୍ ଖେଳିଥିଲା, ସେଥିମଧ୍ୟରୁ ୪ ଟି ଜିତି ୯ ରେ ହାରିଥିଲା। ଭାରତୀୟ ଦଳ ଜିତିଥିବା ୪ ଟି ମ୍ୟାଚ ମଧ୍ୟରୁ ୩ ଟି ସେମିଫାଇନାଲ ହୋଇଥିବାବେଳେ ଗୋଟିଏ କ୍ୱାର୍ଟର ଫାଇନାଲ ଥିଲା।ତେବେ ଭାରତୀୟ ଦଳ ୯ ଟି ମ୍ୟାଚ୍ ହାରିଛି, ସେଥିମଧ୍ୟରୁ ୪ ଟି ସେମିଫାଇନାଲ ଏବଂ ୫ ଟି ଫାଇନାଲ ରହିଛି।

ଏଥିରୁ ଅନୁମାନ କରାଯାଇପାରେ ଯେ ଗତ ୧୦ ବର୍ଷରେ ଭାରତୀୟ ଦଳ ଖେଳିଥିବା ୧୦ ଟି ଆଇସିସି ଟୁର୍ନାମେଣ୍ଟରେ ଚାମ୍ପିଅନ୍ ହେବାକୁ ଅତି ନିକଟତର ହେବା ପରେ ଏହା ପାଞ୍ଚ ଥର ମ୍ୟାଚ୍ ହାରିଛି। ଏଭଳି ପରିସ୍ଥିତିରେ ଭାରତୀୟ ଦଳ ମଧ୍ୟ ଚୋକର୍ସ ହୋଇଯାଉଛି ବୋଲି କହିବା ଭୁଲ ହେବ ନାହିଁ। ତେବେ ଏଥିରେ ଗୋଟିଏ କଥା ହେଉଛି ଭାରତୀୟ ଦଳ ୫ ଥର ଫାଇନାଲ ଖେଳିଛି।

ଅନ୍ୟପଟେ ଚୋକର୍ସ ଆଫ୍ରିକୀୟ ଦଳ କେବଳ ସେମିଫାଇନାଲରେ ହାରିଛି। ଏଥର କିନ୍ତୁ ପ୍ରଥମ ଥର ପାଇଁ ଫାଇନାଲରେ ପ୍ରବେଶ କରିଛନ୍ତି। ଦକ୍ଷିଣ ଆଫ୍ରିକା ଦଳର ବିଶ୍ୱକପ (ଦିନିକିଆ-ଟି୨୦) ଇତିହାସରେ ଏହା ହେଉଛି ପ୍ରଥମ ଫାଇନାଲ। କିନ୍ତୁ ଅନ୍ୟପକ୍ଷରେ ଭାରତୀୟ ଦଳ ଏଥର ଟାଇଟଲ ଜିତି ଆଇସିସି ଟ୍ରଫି ମରୁଡ଼ି ଶେଷ କରିବାର ସୁଯୋଗ ପାଇଛି ଏହା ସହିତ ଭାରତକୁ ଏହା ମଧ୍ୟ ପ୍ରମାଣ କରିବାକୁ ହେବ ଯେ ଏହା ଚୋକର୍ସ ନୁହେଁ।

**ଆଇସିସି ଟୁର୍ନାମେଣ୍ଟରେ ଭାରତର ପ୍ରଦର୍ଶନ (୨୦୧୩ ପରେ):**

୨୦୧୪- ଟି -୨୦ ବିଶ୍ୱକପ ଫାଇନାଲରେ ପରାସ୍ତ।

୨୦୧୫- କ୍ରିକେଟ୍ ବିଶ୍ୱକପ୍ ସେମିଫାଇନାଲରେ ପରାସ୍ତ।

୨୦୧୬- ଟି -୨୦ ବିଶ୍ୱକପ ସେମିଫାଇନାଲରେ ପରାସ୍ତ।

୨୦୧୭- ଚାମ୍ପିଅନ୍ସ ଟ୍ରଫି ଫାଇନାଲରେ ପରାସ୍ତ।

୨୦୧୯- କ୍ରିକେଟ୍ ବିଶ୍ୱକପ୍ ସେମିଫାଇନାଲରେ ପରାସ୍ତ।

୨୦୨୧- ବିଶ୍ୱ ଟେଷ୍ଟ ଚାମ୍ପିଅନସିପ୍ ଫାଇନାଲରେ ପରାସ୍ତ।

୨୦୨୧- ଟି -୨୦ ବିଶ୍ୱକପରେ ଗ୍ରୁପ୍ ପର୍ଯ୍ୟାୟରୁ ବାହାରେ

୨୦୨୨- ଟି -୨୦ ବିଶ୍ୱକପ ସେମିଫାଇନାଲରେ ପରାସ୍ତ।

୨୦୨୩- ବିଶ୍ୱ ଟେଷ୍ଟ ଚାମ୍ପିଅନସିପ୍ ଫାଇନାଲରେ ପରାସ୍ତ

୨୦୨୩- କ୍ରିକେଟ୍ ବିଶ୍ୱକପ୍ ଫାଇନାଲରେ ପରାସ୍ତ।

## ଡୋପ୍ ଜାଲରେ ଜାଭେଲିନ୍ ଥ୍ରୋୟର ମନୁ

ପଞ୍ଚକୁଲା(ହରିୟାଣା),୨୮।୬: ଜାଭେଲିନ ଥ୍ରୋୟର ଡିପି ମନୁଙ୍କୁ ପ୍ରତିଯୋଗିତାରୁ ଦୂରେଇ ରଖିବା ଲାଗି ନ୍ୟାଶନାଲ ଆଣ୍ଟି ଡୋପିଙ୍ଗ ଏଜେନ୍ସି (ନାଡା) ଆଥଲେଟିକ୍ସ ଫେଡେରେଶନ ଅଫ୍ ଇଣ୍ଡିଆ। (ଏଏଫଆଇ) ନିର୍ଦ୍ଦେଶ ପ୍ରଦାନ କରିବା ସେ ଡୋପ୍ ଜାଲରେ ପଡ଼ିଥିବା ସନ୍ଦେହ କରାଯାଉଛି।



୨୦୨୩ ଏସିଆନ ଚାମ୍ପିୟନଶିପରେ ଏକ ରୌପ୍ୟ ଜିତିଥିବା ୨୪ ବର୍ଷୀୟ ମନୁ ବିଶ୍ ର୍‍ୟାଙ୍କିଙ୍ଗ ଭିତ୍ତିରେ ଅଲିମ୍ପିକ କ୍ୱାଲିଫାଏ କରିବା ନିଶ୍ଚିତ ଥିଲା।ମାତ୍ର ସଦ୍ୟତମ ପରିସ୍ଥିତିକୁ ନେଇ ସେ ପ୍ୟାରିସ ଗେମ୍ସରୁ ବଞ୍ଚିତ ହେବାକୁ ଯାଉଛନ୍ତି। ଗୁରୁବାରଠାରୁ ଆରମ୍ଭ ହୋଇଥିବା ଜାତୀୟ ଆନ୍ତଃରାଜ୍ୟ ଚାମ୍ପିୟନଶିପରେ ଭାଗ ନେଉଥିବା ଆଥଲେଟମାନଙ୍କ ପ୍ରଥମ ତାଲିକା ଡିପି ମନୁଙ୍କ ନାମ ରହିଥିଲା ମାତ୍ର ପରେ ତାଙ୍କୁ ଏଥିରୁ ବାଦ୍ ଦିଆଯାଇଛି। ଏଏଫଆଇ ସଭାପତି ଆଡିଲ ସୁମାରିୱାଲା କହିଛନ୍ତି, ପ୍ରତିଯୋଗିତାରୁ ମନୁଙ୍କୁ ବାଦ୍ ଦେବାଲାଗି ଫେଡେରେଶନକୁ ନାଡା କହିଥିଲା। ମାତ୍ର ଆଥଲେଟ ଜଣକ କୌଣସି ଡୋପିଙ୍ଗ ଅପରାଧ କରିଛନ୍ତି କି ନା ସେ ବିଷୟରେ କିଛି ସ୍ପଷ୍ଟ କରାଯାଇ ନାହିଁ ଏଏଫଆଇ କାର୍ଯ୍ୟାଳୟକୁ ନାଡାରୁ ଏକ ଫୋନ୍ କଲ୍ ଆସିଥିଲା ମନୁଙ୍କୁ ଏଣିକି ପ୍ରତିଯୋଗିତାରୁ ବାରଣ କରିବା ଲାଗି ନିର୍ଦ୍ଦେଶ ଆସିଥିଲା ସମ୍ଭବତଃ ଏହି ଆଥଲେଟଙ୍କ ସମ୍ପର୍କରେ ନାଡା କୌଣସି ସୂଚନା ପାଇଛି।

# ଭାବୁକ ହେଲେ ରୋହିତ



କିଙ୍ଗସଷ୍ଟନ,୨୮।୬: ଦୀର୍ଘ ୧୦ ବର୍ଷ ଆଇସିସି ଟି-୨୦ ବିଶ୍ୱକପ୍ ଫାଇନାଲରେ ପ୍ରବେଶ କରିଛି ଟିମ୍ ଇଣ୍ଡିଆ। ଆଉ ଏହି ଖୁସିର ମୁହୂର୍ତ୍ତରେ ଭାବୁକ ହୋଇ ପଡିଛନ୍ତି କ୍ୟାପ୍ଟେନ ରୋହିତ ଶର୍ମା। ସେ ଏକ ଚେୟାର ବସି କାନ୍ଦୁଥିବାର ଭିଡିଓ ସାମ୍ନାକୁ ଆସିଛି। ଏହି ସମୟରେ ବିରାଟ କୋହଲି ତାଙ୍କ ସହ ଥଟ୍ଟା କରୁଥିବା ଦେଖିବାକୁ ମିଳୁଛି, ଯାହାକୁ ଖୁବ୍ ପସନ୍ଦ କରିଛନ୍ତି ନେଟିଜେନ୍ସ।

ଭିଡିଓ ଅନୁସାରେ, ଡ୍ରେସିଂ ରୁମର ବାହାରେ ରୋହିତ ଶର୍ମା ଏକ ଚେୟାର ଉପରେ ବସିଥିଲେ। ଏହି ସମୟରେ ଭାରତୀୟ ଖେଳାଳିମାନେ ଅନ୍ୟ ପ୍ରତିଯୋଗୀଙ୍କୁ ହ୍ୟାଣ୍ଡସେକ୍ କରି ଡ୍ରେସିଂ ରୁମକୁ ଯାଉଥିଲେ। କୋହଲିଙ୍କ ଆଖି ଯେତେବେଳେ ରୋହିତଙ୍କ ଉପରେ ପଡ଼ି ଯାଇଥିଲା ସେ କାନ୍ଦି ପକାଇଥିଲେ। ଫଳରେ କୋହଲି ତାଙ୍କ ସହ କିଛି ଥଟ୍ଟା ମଜା ହରକତ କରି ଡ୍ରେସିଂ ରୁମକୁ ଯାଇଥିଲେ। ସୂର୍ଯ୍ୟକୁମାର ଯାଦବ ମଧ୍ୟ ରୋହିତଙ୍କ ଆନନ୍ଦାଶ୍ରୁକୁ ବୁଝିପାରି ତାଙ୍କୁ ଥାପୁଡାଇଥିଲେ।

ସେମି ଫାଇଟରେ ଇଂଲଣ୍ଡଠୁ ବଦଲା ନେଇଛି ଭାରତ। ଇଂଲିଶ ବାହିନୀକୁ ୬୮ ରନରେ ପରାସ୍ତ କରି ଫାଇନାଲରେ ପ୍ରବେଶ କରିଛି ଟିମ୍ ଇଣ୍ଡିଆ। ଏହି ମ୍ୟାଚରେ ପ୍ରଥମେ ବ୍ୟାଟିଂ କରି ୧୭୧ ରନ୍ ସଂଗ୍ରହ କରିଥିଲା। ଭାରତ ଜବାବରେ ୧୬ ଓଭରରେ ୧୦୩ ରନ୍ କରି ଅଲ୍ ଆଉଟ ହୋଇଯାଇଥିଲା ।ଇଂଲିଶ ବାହିନୀ ଏହି ମ୍ୟାଚରେ ରୋହିତ ଶର୍ମା ସର୍ବାଧିକ ୫୭ ରନ୍ ସଂଗ୍ରହ କରିଥଇଲେ ।

## ପନ୍ତଙ୍କୁ ଖାସ୍ ମେଡାଲ

ନୂଆଦିଲ୍ଲୀ,୨୮।୬: ସେମିଫାଇନାଲ ମ୍ୟାଚ ଜିତିବା ପରେ ଟିମ ଇଣ୍ଡିଆର ଡ୍ରେସିଂ ରୁମରେ ଫିଲ୍ଡର ଅଫ ମ୍ୟାଚ ଘୋଷଣା କରାଯାଇଥିଲା ଏବଂ ଯୋଗ୍ୟ ବ୍ୟକ୍ତିଙ୍କୁ ପଦକ ପ୍ରଦାନ କରାଯାଇଥିଲା। ଏଥିପାଇଁ ଦଳର ଫିଲ୍ଡିଂ କୋଚ ଟି ଦିଲୀପ ଦଳକୁ ସମ୍ବୋଧିତ କରି ଖେଳାଳିଙ୍କ ପାରସ୍ପରିକ ସମନ୍ୱୟକୁ ପ୍ରଶଂସା କରିଥିଲେ। ଦିଲୀପ ପୂର୍ବତନ କ୍ରିକେଟର ଦୀନେଶ କାର୍ତ୍ତିକଙ୍କୁ ଏହି ଟୁର୍ନାମେଣ୍ଟରେ ଫିଲ୍ଡର ଅଫ ମ୍ୟାଚ ମେଡାଲ ପ୍ରଦାନ କରିବାକୁ ଡାକିଥିଲେ। ଆଉ ଦୀନେଶ କାର୍ତ୍ତିକ ରିଷଭ ପନ୍ତଙ୍କ ଏହି ମେଡାଲ ପ୍ରଦାନ କରିଥିଲେ। ଦୀନେଶ ରିଷଭଙ୍କୁ ନେଇ କହିଛନ୍ତି, ଅନେକେ ଆଶା କରିନଥିଲେ ଯେ ସେ ଏତେ ଶୀଘ୍ର ଖେଳି ପାରିବେ, କିନ୍ତୁ ପଡ଼ିଆରେ ସେ କିପରି ପ୍ରଦର୍ଶନ କରିଛନ୍ତି ତାହା ଦେଖି ସମସ୍ତେ ପ୍ରଭାବିତ ହୋଇଯାଇଛନ୍ତି।




ଭାରତ-ଦ. ଆଫ୍ରିକା ଫାଇନାଲ ମୁକାବିଲା ପୂର୍ବରୁ ଉଭୟ ଦଳ ନାମରେ ଗୁଡ଼ି।

## ଫାଇନାଲ ପୂର୍ବରୁ ହୃଦୟ ଜିତିଲେ ଦ୍ରାବିଡ

**ନୂଆଦିଲ୍ଲୀ,୨୮।୬(ଏଜେନ୍ସି):** ଭାରତୀୟ ଟିମ୍ ଶନିବାର ଆଇସିସି ଟି୨୦ ବିଶ୍ୱକପ୍ ଫାଇନାଲ ମୁକାବିଲା ଖେଳିବ ଶନିବାର ଏହି ନିର୍ଣ୍ଣାୟକ ମ୍ୟାଚ୍ ଖେଳାଯିବାକୁ ଥିବା ବେଳେ କୋଚ୍ ଭାବେ ଭାରତୀୟ ଟିମ୍ ସହ ରାହୁଲ ଦ୍ରାବିଡଙ୍କ ଏହା ଅନ୍ତିମ ମ୍ୟାଚ୍ ହେବ। ଗତ ନଭେମ୍ବରରୁ ବିସିସିଆଇ ସହ ଚୁକ୍ତି ତାଙ୍କର ସମାପ୍ତ ହୋଇଛି। ହେଲେ ବୋର୍ଡର ଅନୁରୋଧ ଯୋଗୁ ଟି୨୦ ବିଶ୍ୱକପ୍ ଯାଏ ସେ ଏହି ଦାୟିତ୍ୱ ତୁଲାଉଛନ୍ତି।



ଗୋଟିଏ ପଟେ ଟି୨୦ ବିଶ୍ୱକପ୍ ଲାଗି ସୋସିଆଲ ମିଡିଆରେ 'ଡୁ ଇଟ୍ ଫର୍ ଦ୍ରାବିଡ୍' ଅଭିଯାନ ଚାଲୁ ରହିଥିବା ବେଳେ ସେ ଏହାକୁ ଗ୍ରହଣ କରିନାହାନ୍ତି। ଅନ୍ତର୍ଜାତୀୟ ଟୁର୍ନାମେଣ୍ଟକୁ କୌଣସି ବ୍ୟକ୍ତି ଲାଗି ନୁହେଁ ବରଂ ଦଳ ପାଇଁ ଜିତିବାକୁ ସେ ଚାହୁଁଥିବା ପ୍ରକାଶ କରିଛନ୍ତି। କାରଣ ଏହା ବ୍ୟକ୍ତିଗତ ଗୌରବର ବିଷୟ ନୁହେଁ ବରଂ ଦଳ ପାଇଁ ଉପଲବ୍ଧି ହେବ। ଯଦି ଭାରତ ବିଶ୍ୱ ଚାମ୍ପିୟନ ହୁଏ ତେବେ ଦଳର ପ୍ରୟାସ ଏବଂ ରୋହିତ ଶର୍ମାଙ୍କ ପ୍ରେରଣାଦାୟୀ ଅଧିନାୟକତ୍ୱ ଯୋଗୁ ହେବ ବୋଲି ସେ କହିଛନ୍ତି।

ଷ୍ଟାର ଷ୍ଟୋର୍ଟ୍ସକୁ ନିଜର ବ୍ୟକ୍ତିଗତ ଚିନ୍ତାଧାରାକୁ ସ୍ପଷ୍ଟ କରି ସାକ୍ଷାତକାର ଦେଇ ଦ୍ରାବିଡ଼ କହିଛନ୍ତି, ମୁଁ କେବଳ ଭଲ ଖେଳିବାକୁ ଚାହେଁ ହେଲେ ଦଳ କୌଣସି ବ୍ୟକ୍ତି ପାଇଁ ଟୁର୍ନାମେଣ୍ଟ ଜିତୁ ବୋଲି ଚାହେଁନା କାରଣ ମୁଁ ଏ ବିଷୟରେ କଥା ହେବାକୁ ଚାହେଁନା ନା ଚର୍ଚ୍ଚା କରିବାକୁ ଚାହେଁ ବୋଲି ସେ କହିଛନ୍ତି।

## କୋହଲିଙ୍କ ଉପରେ ଭରସା ରଖିଲେ ରୋହିତ

ନୂଆଦିଲ୍ଲୀ,୨୮।୬(ଏଜେନ୍ସି): ବିରାଟ କୋହଲିଙ୍କ ଫର୍ମ ଅସୁବିଧାର କାରଣ ହୋଇ ରହିଛି। ଇଂଲଣ୍ଡ ବିପକ୍ଷରେ ବିରାଟ କୋହଲି ୯ ବଲରେ ୯ ରନ ସ୍କୋର କରିବା ପରେ ଚାଲି ଯାଇଥିଲେ। ଭାରତୀୟ ଅଧିନାୟକ ରୋହିତ ଶର୍ମାଙ୍କୁ ବିରାଟ କୋହଲିଙ୍କ ଖରାପ ଫର୍ମ ବିଷୟରେ ପଚରାଯାଇଥିଲା, ସେତେବେଳେ ସେ ଏକ ମଜାଳିଆ ଉତ୍ତର ଦେଇଥିଲେ। ରୋହିତ ଶର୍ମା ବିରାଟ କୋହଲିଙ୍କୁ ରକ୍ଷା କରିଥିଲେ, ଯିଏ ଖରାପ ଫର୍ମ ସହ ସଂଘର୍ଷ କରୁଥିଲେ ଇଂଲଣ୍ଡ ବିପକ୍ଷ ମ୍ୟାଚ ପରେ ବିରାଟ କୋହଲିଙ୍କ ଫର୍ମ ଉପରେ ରୋହିତ ଶର୍ମା କହିଛନ୍ତି, ବିରାଟ କୋହଲି ଜଣେ ଗୁଣାତ୍ମକ ଖେଳାଳି, ଯେକୌଣସି ଖେଳାଳି ଏହି ପର୍ଯ୍ୟାୟ ଦେଇ ଗତି କରିପାରିବେ, ଆମେ ତାଙ୍କ ଭାବନାକୁ ବୁଝିପାରୁ ଏବଂ ଏହି ସବୁ ବଡ ମ୍ୟାଚରେ ଆମେ ତାଙ୍କ ମହତ୍ତ୍ୱ ବୁଝିପାରୁ ଯେତେବେଳେ ଆପଣ ୧୫ ବର୍ଷ ଧରି କ୍ରିକେଟ ଖେଳିଛନ୍ତି, ଫର୍ମ କଦାପି ସମସ୍ୟା ନୁହେଁ ସେ ଭଲ ଲୟରେ ଅଛନ୍ତି ଫାଇନାଲ ପାଇଁ ଆମେ କୋହଲିଙ୍କୁ ସମ୍ପୂର୍ଣ୍ଣ ଭାବେ ସମର୍ଥନ କରିବୁ।

## ୭ ମାସରେ ଦ୍ୱିତୀୟ ଥର ଏଭଳି ହେବନାହିଁ : ଗାଙ୍ଗୁଲି

କୋଲକାତା,୨୮।୬: ଟି୨୦ ବିଶ୍ୱକପ୍ ୨୦୨୪ ଫାଇନାଲରେ ପ୍ରବେଶ କରିଛି ଟିମ୍ ଇଣ୍ଡିଆ। ଦଳ ଜୁନ ୨୯ରେ ଖେଳାଯିବାକୁ ଥିବା ଏହି ମ୍ୟାଚ୍‌ରେ ପ୍ରଥମ ଥର ପାଇଁ ଫାଇନାଲ ଖେଳୁଥିବା ଦକ୍ଷିଣ ଆଫ୍ରିକାକୁ ଭେଟିବ ବିଶ୍ୱକପ୍ ଇତିହାସରେ ପ୍ରଥମ ଥର ପାଇଁ ଦୁଇ ଅଜେୟ ଟିମ୍ ମୁହାଁମୁହିଁ ହେବେ। ଏହାକୁ ନେଇ ଟିମ୍ ଇଣ୍ଡିଆର ପୂର୍ବତନ ଅଧିନାୟକ ସୌରଭ ଗାଙ୍ଗୁଲି ବଡ଼ ବୟାନ ଦେଇଛନ୍ତି।

କୋଲକାତାରେ ଗାଙ୍ଗୁଲି କହିଛନ୍ତି, ଭଲ କଥା ଯେ ଭାରତ ଫାଇନାଲ ଖେଳିବ। ଭାରତ ଭଲ ପ୍ରଦର୍ଶନ କରୁଛି, ଏହି ବିଶ୍ୱକପ୍‌ରେ ସବୁଠାରୁ ଉଲ୍ଲେଖନୀୟ ଟିମ୍‌ରେ ରହିଛି। ନିଜ ଅଧିନାୟକତ୍ୱରେ ରୋହିତ ୫ ଆଇପିଏଲ୍ ଟ୍ରଫି ଜିତିଛନ୍ତି। ଆଇପିଏଲ୍ ଜିତିବା ବିଶ୍ୱକପ୍ ଜିତିବାଠାରୁ ଅଧିକ ମୁସ୍କିଲ ନୁହେଁ। ଏଣୁ ଆଶା କରୁଛି ଯେ ରୋହିତ କାଲି ଭାରତ ପାଇଁ ବିଶ୍ୱକପ୍ ଜିତିବେ। କହିବାକୁ ଗଲେ ରୋହିତ ୭ ମାସରେ ଦୁଇଥର ଫାଇନାଲରେ ପରାଜିତ ହେବେ ବୋଲି ଲାଗୁ ନ ଥିବା ଗାଙ୍ଗୁଲି କହିଛନ୍ତି। ଏହାଛଡ଼ା ୭ ମାସରେ ଦୁଇ ଥର ବିଶ୍ୱକପ୍ ଫାଇନାଲରେ ପ୍ରବେଶ କରିବାକୁ ନେଇ ଗାଙ୍ଗୁଲି କହିଛନ୍ତି ଯେ ଏହା ଦଳର ପାରିବାପଣ ଏବଂ ପରିଶ୍ରମକୁ ଦର୍ଶାଉଛି। ରୋହିତ ଫାଇନାଲରେ ନିଜର ଏକାଦଶରେ କୌଣସି ପରିବର୍ତ୍ତନ କରିବେ ନାହିଁ ଏହା ହିଁ ତାଙ୍କ ଅଧିନାୟକଙ୍କୁ ସ୍ୱତନ୍ତ୍ର କରେ ବୋଲି ସେ କହିଛନ୍ତି।

# ଇତିହାସ ରଚିଲା ଭାରତୀୟ ମହିଳା ଟିମ୍

ଚେନ୍ନାଇ,୨୮।୬(ଏଜେନ୍ସି): ଚେନ୍ନାଇରେ ଆରମ୍ଭ ହୋଇଥିବା ଭାରତ-ଦ. ଆଫ୍ରିକା ଏକମାତ୍ର ଟେଷ୍ଟରେ ଇତିହାସ ରଚିଛି ଭାରତୀୟ ମହିଳା ଦଳ। ଟେଷ୍ଟ ମ୍ୟାଚର ପ୍ରଥମ ଦିନରେ ହିଁ ୫୨୫ ରନ କରିଦେଇଛି ଦଳ। ଶେଷଥର ପାଇଁ ଇଂଲଣ୍ଡ ମହିଳା ଦଳ ୧୯୩୫ରେ ନ୍ୟୁଜିଲ୍ୟାଣ୍ଡ ବିପକ୍ଷ ଟେଷ୍ଟର ପ୍ରଥମ ଦିନରେ ୨ ୱିକେଟ ହରାଇ ୪୩୧ ରନ କରିଥିଲା। ହେଲେ ଭାରତୀୟ ମହିଳା ଦଳ ଏହା ଠାରୁ ଅଧିକ ୯୪ ରନ କରି ନେଇଛି। ଶେଫାଲି ବର୍ମା ଦ୍ୱିଶତକ ଏବଂ ଫର୍ମରେ ଥିବା ସ୍ମୃତି ମନ୍ଧାନା ୧୪୯ ରନ୍ କରି ଭାରତକୁ ମହିଳା ଟେଷ୍ଟ କ୍ରିକେଟ୍ ଇତିହାସରେ ଅନେକ ରେକର୍ଡ ଭାଙ୍ଗିବାରେ ସହାୟକ ହୋଇଛନ୍ତି।

୨୨ ବର୍ଷ ର ବ୍ୟବଧାନ ପରେ ଭାରତ ନିଜର ସର୍ବୋଚ୍ଚ ଟେଷ୍ଟ ଇନିଂସ ସ୍କୋର ରେକର୍ଡ କରିଛି। ୨୦୦୨ରେ ଇଂଲଣ୍ଡ ବିପକ୍ଷ ଟେଷ୍ଟ ଇନିଂସରେ ଭାରତୀୟ ମହିଳା ଦଳ ୪୬୭ ରନ୍ କରିଥିଲା, ଯାହା ଯୁଗ୍ମ ତୃତୀୟ ସର୍ବୋଚ୍ଚ ସ୍କୋର ଥିଲା ଚଳିତ ମ୍ୟାଚରେ ଭାରତ ପାଖରେ ୬ଟି ୱିକେଟ୍ ବାକି ଥିବା ବେଳେ ଶନିବାର ଦ୍ୱିତୀୟ ଦିନରେ ଭାରତ ଅଷ୍ଟ୍ରେଲିଆର ସର୍ବକାଳୀନ ୫୭୫ ରନ୍ ରେକର୍ଡ ଭାଙ୍ଗିବ ବୋଲି ଆଶା କରାଯାଉଛି। ଶେଫାଳି ବର୍ମା ୧୯୭ ବଲରୁ ୨୦୫ ରନ୍ କରି ମହିଳା ଟେଷ୍ଟରେ ଦ୍ୱିଶତକ ହାସଲ କରିବାରେ ବିଶ୍ୱର ଦ୍ୱିତୀୟ ଭାରତୀୟ ଏବଂ ଦଶମ କ୍ରିକେଟର ହୋଇଛନ୍ତି। ତେବେ ପୁରୁଷ ଟେଷ୍ଟ କ୍ରିକେଟରେ ଗୋଟିଏ ଦିନରେ ସର୍ବାଧିକ ସ୍କୋର ରେକର୍ଡ ଇଂଲଣ୍ଡ ନାମରେ ରହିଛି। ୧୯୩୬ ମସିହାରେ ଭାରତ ବିପକ୍ଷରେ ଗୋଟିଏ ଦିନରେ ୫୮୮ ରନ କରିଥିଲା ଇଂଲଣ୍ଡ।



### ଶେଫାଳିଙ୍କ ଦ୍ୱିଶତକ (୨୦୫) ଓ ମନ୍ଧାନା (୧୪୯)ଙ୍କ ଶତକ

### ପ୍ରଥମ ଦିନରେ ୫୨୫/୪, ଇଂଲଣ୍ଡର ପୂର୍ବ ରେକର୍ଡ ୨/୪୩୧ ଭାଙ୍ଗିଲା

ଭାରତୀୟ ମହିଳା ଦଳର ଡାଇନାମିକ ତଥା ଯୁବ ଓପନର ଶେଫାଳି ବର୍ମା ନୂଆ। କୀର୍ତ୍ତିମାନ ହାସଲ କରିଛନ୍ତି। ସେ ମହିଳା ଟେଷ୍ଟ କ୍ରିକେଟରେ ଦ୍ରୁତତମ ଦୁଇ ଶତକ ହାସଲ କରିବାର ରେକର୍ଡର ଅଧିକାରୀ ହୋଇଛନ୍ତି। ଦକ୍ଷିଣ ଆଫ୍ରିକା ବିପକ୍ଷ ଏକମାତ୍ର ଟେଷ୍ଟର ପ୍ରଥମ ଦିନରେ ୨୦ ବର୍ଷୀୟ ଶେଫାଳି ମାତ୍ର ୧୯୪ ବଲରେ ଡବଲ ଟନ ମାରିଛନ୍ତି। ଶେଫାଳି ଓ ମନ୍ଧାନାଙ୍କ ଦମଦାର ବ୍ୟାଟିଂ ଯୋଗୁ ଭାରତ ପ୍ରଥମ ଦିନର ଖେଳ ଶେଷ ସୁଦ୍ଧା ୪ ୱିକେଟ ହରାଇ ୫୨୫ ରନ କରି ନେଇଛି। ଏପରି ସ୍କୋର ପରେ ଭାରତୀୟ ମହିଳା ଦଳ ୮୯ ବର୍ଷର ରେକର୍ଡ ଭାଙ୍ଗିଛି।

ଏହାପୂର୍ବରୁ ମହିଳା ଟେଷ୍ଟ କ୍ରିକେଟରେ ଦ୍ରୁତତମ ଦୁଇ ଶତକ ହାସଲ କରିବାର ରେକର୍ଡ ଅଷ୍ଟ୍ରେଲିଆର ଆନ୍ନାବେଲ ସଦରଲ୍ୟାଣ୍ଡଙ୍କ ନାଁରେ ଥିଲା। ସେ ୨୪୮ ବଲରେ ଏପରି କୀର୍ତ୍ତିମାନ ହାସଲ କରିଥିଲେ।

ହେଲେ ଶେଫାଳି ୧୯୪ ବଲରେ ୨୦୦ ରନ କରି ତାଙ୍କୁ ପଛରେ ପକାଇ ଦେଇଛନ୍ତି। ଡବଲ ଟନ ହାସଲ କରିବା ପରେ ସେ ଅଧେ ୫ ରନ ପରେ ରନ ଆଉଟ ହୋଇ ପ୍ୟାଭିଲିନ ଫେରିଥିଲେ। ୧୯୭ ବଲରେ ସାମ୍ନା କରିଥିବା ଶେଫାଳି ୨୩ଟି ଚୌକା ଓ ୮ଟି ଛକା ମାରିଛନ୍ତି। ଶେଫାଳି ଆଜି ନିଜର ୫ମ ଟେଷ୍ଟ ମ୍ୟାଚରେ ଡବଲ ଟନ ହାସଲ କରିଛନ୍ତି। ଏହାପୂର୍ବରୁ ତାଙ୍କ ସର୍ବାଧିକ ବ୍ୟକ୍ତିଗତ ସ୍କୋର ୯୬ ରନ ରହିଥିଲା।

ଶେଫାଳି ଦ୍ୱିତୀୟ ଭାରତୀୟ ଭାବେ ମହିଳା ଟେଷ୍ଟ କ୍ରିକେଟର ଦୁଇ ଶତକ ହାସଲ କରିଛନ୍ତି। ତାଙ୍କ ପୂର୍ବରୁ ଟିମ ଇଣ୍ଡିଆର ପୂର୍ବତନ ଅଧିନାୟକ ମିତାଲି ରାଜ ପ୍ରାୟ ୨୨ ବର୍ଷ ତଳେ ଡବଲ ଟନ ହାସଲ କରିଥିଲେ।ସେ ୨୦୨୨ ମସିହାରେ ଇଂଲଣ୍ଡ ବିପକ୍ଷ ଟେଷ୍ଟରେ ୪୦୭ ବଲରେ ୨୧୪ ରନର ଇନିଂସ ଖେଳିଥିଲେ।

ଶେଫାଳିଙ୍କ ରେକର୍ଡ ବ୍ରେକିଂ ଡବଲ ଟନ୍ ଯୋଗୁ ଭାରତୀୟ ମହିଳା ଦଳ ଟେଷ୍ଟ କ୍ରିକେଟର ନୂଆ। ଇତିହାସ ରଚିଛି। ଶେଫାଳିଙ୍କ ବ୍ୟତୀତ ସ୍ମୃତି ମନ୍ଧାନା ମଧ୍ୟ ୧୬୧ ବଲରେ ୧୪୯ ରନର ଇନିଂସ ଖେଳିଛନ୍ତି।

ଉଭୟ ପ୍ରଥମ ୱିକେଟ ପାଇଁ ମାତ୍ର ୫୨ ଓଭରରେ ୨୯୨ ରନର ଯୋଡ଼ିଥିଲେ। ଏହା ମଧ୍ୟ ଏକ ରେକର୍ଡ। ଏହା ପୂର୍ବରୁ ଭାରତ କେବେ ହେଲେ ଟେଷ୍ଟ କ୍ରିକେଟରେ ପ୍ରଥମ ୱିକେଟ ପାଇଁ ଏତେ ରନ ଯୋଡ଼ି ନଥିଲା ଭାରତ। ସେହିପରି ପ୍ରଥମଥର ପାଇଁ ଦୁଇ ଜଣା ଯାକ ଓପନର ୧୦୦ରୁ ଅଧିକ ରନ କରିଛନ୍ତି।

ଭାରତ ପାଇଁ ଶେଫାଳି ୨୦୫ ରନ, ମନ୍ଧାନା ୧୪୯ ରନ, ଶୁଭା ସତୀଶ ୧୫ ରନ, ଜେମିମା ରୋଡ୍ରିଗସ ୫୫ ରନ କରି ପ୍ରଥମ ଦିନରେ ଆଉଟ ହୋଇଛନ୍ତି। ପ୍ରଥମ ଦିନର ଷ୍ଟମ୍ପ ଅପସାରଣ ବେଳକୁ ଅଧିନାୟକ ହରମନପ୍ରୀତ କୌର ୭୬ ବଲରେ ୪୨ ଓ ୱିକେଟ କପିର ରିଚା ଘୋଷ ୩୩ ବଲରେ ୪୩ ରନ କରି ଅପରାଜିତ ରହିଥିଲେ।

ଦକ୍ଷିଣ ଆଫ୍ରିକା ମହିଳା ଟିମ ୭ ଜଣ ବୋଲରଙ୍କୁ ଚେନ୍ନାଇର ଚିଦାମ୍ବରମ ଷ୍ଟାଡିୟମରେ ବ୍ୟବହାର କରିଥିଲେ ହେଁ କେହି ବି ଭାରତୀୟ ବ୍ୟାଟରଙ୍କୁ ଆଦୌ ଅଡୁଆରେ ପକାଇ ପାରି ନାହାନ୍ତି।

ସେହିପରି ତୃତୀୟ ନମ୍ବର ଆସିଥିବା ସତୀଶା ଶୁଭା ୧୫ ରନ୍, ଜେମିମା ରୋଡ୍ରିଗୁଏଜ ୫୫ ରନ୍ କରିଥିବାବେଳେ ଅଧିନାୟିକା ହରମନପ୍ରୀତ କୌର ୪୨ ରନ୍ ଓ ରିଚା ଘୋଷ ୪୩ ରନ୍ କରି ଅପରାଜିତ ଅଛନ୍ତି।

Printed & Published by Biswajit Samanta on behalf of Kusuma Samanta printed at Niyati Publication (P) Ltd., 166-B MANCHESWAR INDUSTRIAL ESTATE, BHUBANESWAR-751010 & Published From LP-115, PRASANTI VIHAR, HOUSING BOARD COLONY BHUBANESWAR-751 024. Tele: (0674)2546981 Fax: (0674)2546982
**Mob.: 9937028982, 7847944970, 7008420927 , Email : odishamahabharata@gmail.com, orissamahabharat@rediffmail.com Editor: SURJIT KUMAR DHAL ସମ୍ପାଦକ: ସୁରଜିତ୍ କୁମାର ଧଳ**